## ସାମ୍ବାଦିକତା ଓ ଗଣ ଯୋଗାଯୋଗ

JMC 02/03

# ସ୍ୱତନ୍ତ୍ର ଧରଣର ରିପୋର୍ଟିଂ ଓ ବିଟ୍

**ବ୍ଲକ୍ ୧**


ୟୁନିଟ୍-୧ : ବିଟ୍ ରିପୋର୍ଟିଂ ଓ ଏହାର ପ୍ରକାର ଭେଦ

ୟୁନିଟ୍-୨ : ସାକ୍ଷାତକାର ଓ ବିଶେଷ ଧରଣର ରିପୋର୍ଟିଂ

ୟୁନିଟ୍-୩ : ପୃଷ୍ଠଭୂମି ଓ ସମୀକ୍ଷା ମୂଳକ ଲେଖା

ୟୁନିଟ୍-୪ : ଖବର(ନ୍ୟୁଜ୍) ପାଇଁ ଫଟୋଗ୍ରାଫି

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭରାତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ -**ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ**, ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର -**ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ**,ସଂପାଦକ, ସମଦୃଷ୍ଟି -**ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ-**ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର-**ସଭ୍ୟ**

**ଶ୍ରୀ ଜ୍ୟୋତି ପ୍ରକାଶ ମହାପାତ୍ର**, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର -**ଆବାହକ**

| ମୂଳ ଇଂରାଜୀ | ଅନୁବାଦ | ସମ୍ପାଦନା |
|---|---|---|
| **ଜ୍ୟୋତି ପ୍ରକାଶ ମହାପାତ୍ର** | **ହୃଷିକେଶ ମିଶ୍ର**<br>ଭାରତୀୟ ଜନସଂଚାର ସଂସ୍ଥାନ<br>ଢେଙ୍କାନାଳ | **ସୌମ୍ୟ ରଂଜନ ବିହାରା**<br>ଭାରତୀୟ ଜନସଂଚାର ସଂସ୍ଥାନ<br>ଢେଙ୍କାନାଳ |

## ସାମଗ୍ରୀ ଉତ୍ପାଦନ

**ଡ. ଜୟନ୍ତ କର ଶର୍ମା**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

© OSOU, 2018. *Special Reporting & Bit* is made available under a Creative Commons Attribution-ShareAlike 4.0 http://creativecommons.org/licences/by-sa/4.0
Printers by : Sri Mandir Publication, Sahid Nagar, Bhubaneswar

# -:ସୂଚୀପତ୍ର :-


**ୟୁନିଟ୍ -୧: ବିଟ୍ ରିପୋର୍ଟିଂ ଓ ଏହାର ପ୍ରକାର ଭେଦ** **୧**

୧.୧ ପଠନର ଉଦ୍ଦେଶ୍ୟ ୧

୧.୨ ବିଷୟ ପରିଚୟ ୨

୧.୩ ସହରାଞ୍ଚଳ ରିପୋର୍ଟିଂ ୫

୧.୪ ବିଶେଷ ଧରଣ ରିପୋର୍ଟିଂ ୨୫

୧.୫: ବିବାଦୀୟ ପ୍ରସଙ୍ଗ ରିପୋର୍ଟିଂ ୩୭

୧.୬: ଆସ ପ୍ରଗତି ମାପିବା ୩୯

**ୟୁନିଟ୍ ୨: ସାକ୍ଷାତକାର ଓ ବିଶେଷ ଧରଣର ରିପୋର୍ଟିଂ** **୪୦**

୨.୧: ପଠନର ଉଦ୍ଦେଶ୍ୟ ୪୦

୨.୨: ବିଷୟ ପରିଚୟ ୪୦

୨.୩: ସାକ୍ଷାତକାରର ପ୍ରକାର ଭେଦ ଓ କୌଶଳ ୪୧

୨.୪: ମନ୍ତବ୍ୟ ଲେଖା ୪୪

୨.୫: ଆସ ପ୍ରଗତି ମାପିବା ୪୮

**ୟୁନିଟ୍ ୩: ପୃଷ୍ଠଭୂମି ଓ ସମୀକ୍ଷା ମୂଳକ ଲେଖା** **୪୯**

୩.୧ : ପଠନର ଉଦ୍ଦେଶ୍ୟ ୪୯

୩.୨ : ବିଷୟ ପରିଚୟ ୪୯

୩.୩ : ସମୀକ୍ଷା ବନାମ ପୃଷ୍ଠଭୂମି ୫୦

୩.୪ : ପୃଷ୍ଠଭୂମି ଲେଖା ଶୈଳୀ ୫୧

୩.୫ : ପୁସ୍ତକ ସମୀକ୍ଷା ୫୧

୩.୬ : ଚଳଚ୍ଚିତ୍ର/ପ୍ରାମାଣିକ ଚଳଚ୍ଚିତ୍ର/ପ୍ରଦର୍ଶନୀ କଳା ସମୀକ୍ଷା ୫୨

୩.୭ : ପତ୍ରିକା ପାଇଁ ସମୀକ୍ଷା ୫୪

୩.୮ : ପ୍ରଚଳିତ ଧାରା, ଶୈଳୀ ଏବଂ ଭବିଷ୍ୟତ ୫୪

୩.୯ : ଆସ ପ୍ରଗତି ମାପିବା ୫୫

**ୟୁନିଟ୍ ୪: ଖବର(ନ୍ୟୁଜ୍) ପାଇଁ ଫଟୋଗ୍ରାଫି** **୫୬**

୪.୧: ପଠନର ଉଦ୍ଦେଶ୍ୟ ୫୬

୪.୨: ବିଷୟ ପରିଚୟ ୫୬

୪.୩: ନ୍ୟୁଜ୍ ଫଟୋଗ୍ରାଫିର ମୂଳ କଥା ୫୭

୪.୪: ଆସ ପ୍ରଗତି ମାପିବା ୬୨

**ସଂକ୍ଷିପ୍ତ ବିବରଣୀ** ୬୩

**ପ୍ରଗତି ମାପିବା ପାଇଁ ଉତ୍ତର ସମୂହ** ୬୩

**ଆଦର୍ଶ ପ୍ରଶ୍ନାବଳୀ:** ୬୪


ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ODISHA STATE OPEN UNIVERSITY, SAMBALPUR

# ୟୁନିଟ୍ -୧  ବିଟ୍ ରିପୋର୍ଟିଂ ଓ ଏହାର ପ୍ରକାର ଭେଦ


୧.୦ ବିଷୟର ଗଠନ

୧.୧ ପଠନର ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୨.୧. ଖବରର ଉତ୍ସ ଓ ଏହାର ଅନୁଶୀଳନ

୧.୩ ସହରାଞ୍ଚଳ ରିପୋର୍ଟିଂ

୧.୩.୧ ସହରାଞ୍ଚଳ ଓ ସ୍ଥାନୀୟ ଅଞ୍ଚଳ ରିପୋର୍ଟିଂ / ଆଞ୍ଚଳିକ ରିପୋର୍ଟିଂ

୧.୩.୨ ଅପରାଧ ରିପୋର୍ଟିଂ : ଖବରର ଉତ୍ସ ଓ ସମ୍ପର୍କିତ ଆଇନ୍

୧.୩.୩ ରାଜନୀତି, ରାଜନୈତିକ ଦଳ  ଓ ବ୍ୟବସ୍ଥାପକ ସଭା ରିପୋର୍ଟିଂ (ବିଧାନ ସଭା ଓ ସଂସଦରୁ ଖବର ସଂଗ୍ରହ)

୧.୩.୪ ଆଇନ୍ ଓ ନ୍ୟାୟପାଳିକା ସମ୍ପର୍କିତ ରିପୋର୍ଟିଂ

୧.୪ ବିଶେଷ ଧରଣ ରିପୋର୍ଟିଂ

(ପ୍ରତିରକ୍ଷା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଶିକ୍ଷା, କଳା ଓ ସଂସ୍କୃତି,ପରିବେଶ, ଫ୍ୟାଶନ୍ ଓ ଜୀବନ ଶୈଳୀ ମନୋରଞ୍ଜନ ଓ ଖେଳ ଇତ୍ୟାଦି)

୧.୪.୧ ସଂସ୍କୃତି(କଲ୍‌ଚରାଲ୍) ରିପୋର୍ଟିଂ

୧.୪.୨ କ୍ରୀଡ଼ା(ସ୍ପୋର୍ଟ୍ସ) ରିପୋର୍ଟିଂ

୧.୪.୩ ବାଣିଜ୍ୟ(ବିଜିନେସ୍) ରିପୋର୍ଟିଂ

୧.୪.୪ ଶିକ୍ଷା(ଏଜୁକେସନ୍) ରିପୋର୍ଟିଂ

୧.୪.୫ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା(ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି) ରିପୋର୍ଟିଂ

୧.୪.୬ ଉନ୍ନୟନମୂଳକ(ଡେଭେଲପ୍‌ମେଣ୍ଟ) ରିପୋର୍ଟିଂ

୧.୫ ବିବାଦୀୟ ପ୍ରସଙ୍ଗ ରିପୋର୍ଟିଂ

(ସଶସ୍ତ୍ର ଓ ସାମାଜିକ ସଂଘର୍ଷ, ଆଞ୍ଚଳିକ, ସାମ୍ପ୍ରଦାୟିକ ଓ ମାନବିକ ଅଧିକାର ସମ୍ପର୍କିତ)

୧.୬ ଆସ ପ୍ରଗତି ମାପିବା


## ୧.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟଟିକୁ ପଢିବାର ଉଦ୍ଦେଶ୍ୟ ହେଉଛି ତୁମମାନଙ୍କୁ ଖବର ସଂଗ୍ରହ ବା ରିପୋର୍ଟିଂର ବିଭିନ୍ନ କ୍ଷେତ୍ର ଅବା ବିଟ୍ ସମ୍ପର୍କରେ ଅବଗତ କରାଇବା । ଏହି ବିଷୟଟିକୁ ପଢିବା ଦ୍ୱାରା ଜଣେ ସାମ୍ବାଦିକକୁ ଏକ ବା ଏକାଧିକ ବିଟ୍‌ରେ ବିଶେଷଜ୍ଞ ହେବାକୁ ହେଲେ କ'ଣ କରିବାକୁ ପଡ଼େ, ଏ ବିଷୟରେ ଜ୍ଞାନ ଆରୋହଣ କରି ପାରିବ । ଏହି ଅଧ୍ୟାୟ ଶେଷରେ ତୁମେ ନିମ୍ନ ବିଷୟ ସମ୍ପର୍କରେ ଜାଣିପାରିବ ।

- ନିଉଜ୍ ବିଟ୍‌ର ଅର୍ଥ

- ଦକ୍ଷତାର ସହ ଏକ ବା ଏକାଧିକ ବିଟ୍‌ରୁ କିପରି ଖବର ସଂଗ୍ରହ କରାଯାଇପାରିବ
- ଦକ୍ଷ ରିପୋର୍ଟର ହେବା ପାଇଁ କଣ କରିବାକୁ ହୁଏ
- ବିଟ୍ ରିପୋର୍ଟର ସାମ୍ନାରେ ଥିବା ଆହ୍ୱାନ

## ୧.୨ ବିଷୟ ପରିଚୟ

ନ୍ୟୁଜ୍ ରିପୋର୍ଟିଂ ବା ଖବର ସଂଗ୍ରହ ଯେତିକି କଷ୍ଟକର, ସେତିକି ରୋମାଞ୍ଚକର ମଧ୍ୟ । ଗଣମାଧ୍ୟମ ସଂସ୍ଥାମାନେ ସାଧାରଣତଃ ନୂଆ କରି ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ଯୁବ ସାମ୍ବାଦିକମାନଙ୍କୁ ଟ୍ରେନି ରିପୋର୍ଟର ଭାବେ ନିଯୁକ୍ତି ଦେଇଥାଆନ୍ତି । ଅଧିକାଂଶ ରିପୋର୍ଟର ନିଜ ସାମ୍ବାଦିକତା ଜୀବନର ପ୍ରଥମ କିଛିମାସ ବିଭିନ୍ନ କାର୍ଯ୍ୟକ୍ରମ ଓ  ଘଟଣା ଦୁର୍ଘଟଣା ସମ୍ପର୍କିତ ଖବର ସଂଗ୍ରହ କରନ୍ତି । ବେଳେବେଳେ ତାଙ୍କୁ ସରକାରଙ୍କ ବିଭିନ୍ନ ବିଭାଗରୁ ଖବର ସଂଗ୍ରହ କରିବାକୁ ମଧ କୁହାଯାଏ । ଏପରି କିଛିଦିନ କାମ କରିବା ପରେ ରିପୋର୍ଟରମାନଙ୍କୁ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବିଟ୍‌ରେ କାମ କରିବାକୁ ସୁଯୋଗ ମିଳେ । ରିପୋର୍ଟର ଜଣଙ୍କର ଶିକ୍ଷାଗତ ଯୋଗ୍ୟତା, ତାଙ୍କର ରୁଚି ଓ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଥିବା ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଟ୍ ବଣ୍ଟନ କରାଯାଏ । ତେବେ ଛୋଟ ଗଣମାଧ୍ୟମ ସଂସ୍ଥା ଗୁଡ଼ିକରେ ରିପୋର୍ଟରଙ୍କୁ ଏକାଧିକ ବିଟ୍‌ରୁ ଖବର ସଂଗ୍ରହ କରିବାକୁ ପଡ଼ିଥାଏ ।

ତୁମ ମନରେ ପ୍ରଶ୍ନ ଉଠୁଥାଇପାରେ, ଏହି ବିଟ୍  ରିପୋର୍ଟିଂର ଅର୍ଥ କ'ଣ ? ସରଳ ଭାଷାରେ କହିବାକୁ ଗଲେ ଜଣେ ରିପୋର୍ଟରକୁ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରୁ କ୍ରମାଗତ ଭାବେ  ଖବର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ଏହି କ୍ଷେତ୍ରରୁ ଘଟୁଥିବା ପ୍ରତ୍ୟେକ ଘଟଣା ଓ କାର୍ଯ୍ୟକ୍ରମ ଉପରେ ନଜର ରଖି ଟିକିନିଖି ଖବର ସଂଗ୍ରହ କରିବାକୁ ବିଟ୍ ରିପୋର୍ଟିଂ କୁହାଯାଏ । ଏହି ବିଟ୍ ଟି କୌଣସି ସରକାରୀ ବିଭାଗ ହୋଇପାରେ, ଗୋଟିଏ ରାଜନୈତିକ ଦଳ ହୋଇପାରେ କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ର ଯେପରିକି କ୍ରୀଡା, ମନୋରଞ୍ଜନ ଶିକ୍ଷା, ଅପରାଧ, ସ୍ୱାସ୍ଥ୍ୟ ଓ ନଗରପାଳିକା ପ୍ରଭୃତି ହୋଇପାରେ ।

### ୧.୨.୧ ଖବରର ଉତ୍ସ ଓ ଏହାର ଅନୁଶୀଳନ :

ଜଣେ ରିପୋର୍ଟରକୁ ସାମ୍ପ୍ରତିକ ଘଟଣା ସମ୍ପର୍କରେ ଖବର ସଂଗ୍ରହ ଓ ଏହାର ତର୍ଜମା କରିବା ପାଇଁ ବିଭିନ୍ନ ଘଟଣାକୁ ନିରୀକ୍ଷଣ କରିବାକୁ ପଡ଼ିଥାଏ, ସାକ୍ଷାତକାର ନେବାକୁ ପଡ଼ିଥାଏ ଏବଂ ଘଟଣାଟିର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବାକୁ ହୋଇଥାଏ । ଗୋଟିଏ ତଦନ୍ତମୂଳକ ରିପୋର୍ଟ ଲେଖିବା ସମୟରେ ଏଥିରେ ଲେଖାଯାଇଥିବା ତଥ୍ୟ ପ୍ରମାଣ ସାପେକ୍ଷ ହୋଇଥିବା ଦରକାର । ଏଥିପାଇଁ ଖବରର ସୂତ୍ରଟି ପ୍ରାମାଣିକ ଓ ନିର୍ଭରଯୋଗ୍ୟ ହୋଇଥିବା ଆବଶ୍ୟକ । ତେବେ ଏହାର ଫାଇଦା ଉଠାଇ ଯଦି ରିପୋର୍ଟର ଜଣକ ମିଛ ଓ ମନଗଢା ରିପୋର୍ଟ ଲେଖନ୍ତି, ତାହେଲେ ଭବିଷ୍ୟତରେ ଆଇନ୍‌ଗତ ସମସ୍ୟା ସୃଷ୍ଟି ହେବା ସହ ବିଶ୍ୱାସ ଯୋଗ୍ୟତା ହରାଇବାର ଆଶଙ୍କା ରହିଥାଏ ।

ଖବରର ଉତ୍ସ ଜଣେ ବ୍ୟକ୍ତି ହୋଇପାରେ । ଗୋଟିଏ ବହି କିମ୍ବା ଅନ୍ୟାନ୍ୟ ଲିଖିତ ଦସ୍ତାବିଜ୍ ଯେଉଁଥିରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇପାରିବ, ତାହା ହୋଇପାରେ । ତେବେ ଏଠାରେ ଆମେ କେବଳ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଆଲୋଚନା କରିବା । ଜଣେ ରିପୋର୍ଟର ଯେତେ ଅଧିକ ଓ ନିର୍ଭରଯୋଗ୍ୟ

ସୂତ୍ର ବା ସୋର୍ସଙ୍କଠାରୁ ଖବର ଆଣିପାରନ୍ତି, ତାଙ୍କୁ ସେତିକି ଦକ୍ଷ ରିପୋର୍ଟର ଭାବେ ଗ୍ରହଣୀୟ ହୋଇପାରିବ ।

ସୂତ୍ର ବା ସୋର୍ସ ଜଣକ କହିଥିବା କଥାକୁ ଉଦ୍ଧୃତ କରି ରିପୋର୍ଟ ଲେଖିଲେ ଖବରଟି ଅଧିକ ପ୍ରଭାବଶାଳୀ ହୋଇଥାଏ । ଏହାକୁ  ଅନ୍ ରେକର୍ଡ ଉଦ୍ଧୃତି କୁହାଯାଏ । ମୁଖ୍ୟତଃ ବିବାଦୀୟ ପ୍ରସଙ୍ଗ ଉପରେ ରିପୋର୍ଟ ଲେଖିବାବେଳେ ସୂତ୍ର ଜଣକ କହିଥିବା ଅବିକଳ କଥାକୁ ରିପୋର୍ଟରେ ସ୍ଥାନ ଦିଆଯାଏ, ତେବେ ସ୍ଥଳ ବିଶେଷରେ ସୂତ୍ର ଜଣକ ନିଜର ପରିଚୟ ଗୋପନୀୟ ରଖିବାକୁ ରିପୋର୍ଟର ବା ଗଣମାଧ୍ୟମ ସଂସ୍ଥାକୁ ଅନୁରୋଧ କରିଥାଆନ୍ତି । ପେଷାଗତ ଗୋପନୀୟତା ଓ ସୁରକ୍ଷାଗତ କାରଣରୁ ଏଭଳି ସୂତ୍ରମାନେ ଲୋକଲୋଚନକୁ ଆସିବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଏହାକୁ 'ଅଫ୍ ଦି ରେକର୍ଡ' ଉଦ୍ଧୃତି କୁହାଯାଏ । ଜଣେ ନବାଗତ ରିପୋର୍ଟର ଯଦି ସୂତ୍ରଙ୍କ ପରିଚୟ ଗୋପନୀୟ ରଖି ରିପୋର୍ଟ ଲେଖିବାକୁ ଚାହୁଁଥାନ୍ତି ତାଙ୍କୁ ନିଜର ବରିଷ୍ଠ ରିପୋର୍ଟର କିମ୍ବା ବ୍ୟୁରୋ ମୁଖ୍ୟଙ୍କ ଅନୁମତି ନେବାକୁ ପଡ଼ିଥାଏ ।  ଅବଶ୍ୟ ଏହା ଗଣମାଧ୍ୟମ ସଂସ୍ଥାର ନୀତିଗତ ନିଷ୍ପତ୍ତି । ଜଣେ ପେଶାଦାର ରିପୋର୍ଟର ଭାବେ  ତୁମକୁ ସୂତ୍ର ବା ସୋର୍ସ ମାନଙ୍କ ସହ ଭଲସମ୍ପର୍କ ରଖିବାକୁ ପଡ଼ିବ । ତେବେ ଖବର ପ୍ରକାଶ କରିବା ବଦଳରେ ଉକ୍ତ ସୂତ୍ରଙ୍କ ଠାରୁ କୋଣସି ବ୍ୟକ୍ତିଗତ ଉପକାର ବା ଉପହାର ଗ୍ରହଣ କରିବା ଉଚିତ୍ ନୁହେଁ । ଅବଶ୍ୟ ପ୍ରଥମେ ପ୍ରଥମେ ଏହାଦ୍ୱାରା ତୁମେ ଲାଭାନ୍ୱିତ ହୋଇପାର । କିନ୍ତୁ ପରବର୍ତ୍ତୀ ସମୟରେ ତୁମ ପେଶାଦାର ମନୋବୃତ୍ତି ଉପରେ ପ୍ରଶ୍ନ ଉଠିପାରେ ।

ବିଶେଷଜ୍ଞମାନେ ସୋର୍ସ ବା ଖବରର ଉତ୍ସ ଗୁଡିକ ଅନୁଶୀଳନ ପାଇଁ କେତେକ ପରାମର୍ଶ ଦେଇଥାନ୍ତି, ସେଗୁଡିକ ହେଲା..

**୧. ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲିଷ୍ଟସ୍ ନେଟଓ୍ୱର୍କ ଅନୁଯାୟୀ -**

- ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ସୂତ୍ର । ଗୋଟିଏ ସଂସ୍ଥାର ବରିଷ୍ଠ ପଦାଧିକାରୀ ଯଦି ତୁମକୁ ତଥ୍ୟ ଯୋଗାଇ ଦେଉଥାନ୍ତି ତେବେ ଭଲ କଥା । କିନ୍ତୁ କେତୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଖବର ନିମ୍ନସ୍ତରର କର୍ମଚାରୀମାନଙ୍କଠାରୁ ମଧ୍ୟ ମିଳିଥାଏ ।
- ନିଜ ସୂତ୍ରଙ୍କୁ ଭଲଭାବେ ଚିହ୍ନ । ଖବର ବ୍ୟତୀତ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ତାଙ୍କ ସହ ଆଲୋଚନା କର । ତାଙ୍କର ରୁଚି, ମନପସନ୍ଦର କ୍ରିକେଟର, ଖାଦ୍ୟ ଓ ଜୀବନଶୈଳୀ ବିଷୟରେ ଜାଣିବାକୁ ଚେଷ୍ଟା କର । ଏହାଦ୍ୱାରା ତାଙ୍କ ସହ ଆତ୍ମୀୟତା ବଢିବା ସହ ପରସ୍ପର ଉପରେ ବିଶ୍ୱାସ ବଢିଥାଏ ।
- ସମ୍ପର୍କରେ ରୁହ । ମଝିରେ ମଝିରେ ବିନା କୌଣସି ନିର୍ଦ୍ଦିଷ୍ଟ କାରଣରେ ସୂତ୍ର ଜଣଙ୍କ ସହ ଫୋନରେ କଥା ହୁଅ । ଯଦିବା ସେହି ସମୟରେ ତୁମେ ତାଙ୍କଠାରୁ କୌଣସି ତଥ୍ୟ ଆଶା କରୁନାହଁ, ତେବେ ଏହାଦ୍ୱାରା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୃଷ୍ଟି ହୁଏ । କୌଣସି ବ୍ୟକ୍ତି ଏଭଳି ରିପୋର୍ଟରଙ୍କ ସହ କଥା ହେବାକୁ ପସନ୍ଦ କରନ୍ତି ନାହିଁ  ଯିଏ କେବଳ ଆବଶ୍ୟକ ପଡ଼ିଲେ ତାଙ୍କୁ ମନେ ପକାଇଥାଏ ।
- ନିଜର ସୂତ୍ରଙ୍କୁ କବେ ମିଛ କୁହ ନାହିଁ ଏବଂ ତାଙ୍କୁ ମଧ୍ୟ ସ୍ପଷ୍ଟଭାବେ ବୁଝାଇ ଦିଅ ଯେ ସେ ଯେପରି ତୁମକୁ ମିଛ କହିବେ ନାହିଁ । ଯଦି ରିପୋର୍ଟକୁ ନେଇ ତାଙ୍କ ମନରେ କୌଣସି ଚିନ୍ତା ବା ଆଶଙ୍କା ଥାଏ, ତାହା ଜାଣିବାକୁ ଚେଷ୍ଟା କର ।

– ଖବର ସମ୍ପର୍କିତ ସମସ୍ତ କଥା ପୁଙ୍ଖାନୁପୁଙ୍ଖ ଭାବେ ପଚାରି ବୁଝ । ସବୁଦିଗରୁ ଖବରକୁ ତର୍ଜମା କର । ଖବରଟି ପ୍ରକାଶିତ ହେବାଦ୍ୱାରା, ଯେପରି ତୁମ ସୂତ୍ରଙ୍କର କୌଣସି ପ୍ରକାର ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନ ଦିଅ ।

– ଏକାଧିକ ଥର ଖବରଟିର ସତ୍ୟତା ପରଖି ଦେଖ ଏବଂ ବାରମ୍ବାର ନିଜ ସୂତ୍ରଙ୍କଠାରୁ ଜାଣିବାକୁ ଚେଷ୍ଟା କରଯେ ସେ ଏହି ଖବରଟି କିପରି ପାଇଲେ ? ଖବର ଦେଉଥିବା ସୂତ୍ରମାନେ ସମୟ ସମୟରେ ତଥ୍ୟ ସହ ଅନୁମାନ କରୁଥିବା କିଛି କଥା କହି ଦିଅନ୍ତି । ବେଳେବେଳେ ସାମନ୍ୟ କଥାକୁ ଅତିରଞ୍ଜିତ କରି କିମ୍ବା ଅଧା ତଥ୍ୟ ଜଣାଇଥାନ୍ତି । ନିଜର ସ୍ୱାର୍ଥକୁ ଆଖି ଆଗରେ ରଖି ସେମାନେ ତୁମକୁ ପ୍ରଭାବିତ କରିପାରନ୍ତି । ଏଭଳି ପରିସ୍ଥିତିରେ ଖବରର ସତ୍ୟତା ପରଖିବା ତୁମ ଦାୟିତ୍ୱ ।

– ଜଣେ ସୂତ୍ରଙ୍କଠାରୁ ଖବର ସଂଗ୍ରହ କରିବା ପରେ ତାଙ୍କୁ ସେହି ଖବର ସମ୍ପର୍କରେ ଜାଣିଥିବା ଅନ୍ୟ ତିନିଜଣଙ୍କ ବିଷୟରେ ପଚାରି ବୁଝ । ସେହି ତିନି ଜଣଙ୍କ ସହ ଆଲୋଚନା କର । ସମାନ ପ୍ରକ୍ରିୟା ସେହିତିନି ଜଣଙ୍କ ସହ ମଧ ଦୋହରାଅ । ଏହାକୁ ସାମ୍ବାଦିକତା ଭାଷାରେ 'ରୁଲ୍ ଅଫ୍ ଥ୍ରୀ' କୁହାଯାଏ । ଏହାଦ୍ୱାରା ତୁମକୁ ଅଧିକ ତଥ୍ୟ ମିଳିବ ଏବଂ ତୁମେ ଓ ତୁମ ସୂତ୍ର ଉଭୟ ସୁରକ୍ଷିତ ରହିବ ।

– ସୂତ୍ରଙ୍କର ପରିଚୟ ଗୋପନୀୟ ରଖିବା ବିବାଦ ସୃଷ୍ଟି କରିପାରେ, ତେବେ ବେଳେବେଳେ ଏହା ଜରୁରୀ ହୋଇପଡେ । ନିଜ ସୂତ୍ରଙ୍କୁ ନିଜ ପରିଚୟ ପ୍ରକାଶ କରିବା ପାଇଁ ବୁଝାଅ । ଏହାଦ୍ୱାରା ଖବରଟି ଅଧିକ ବିଶ୍ୱାସଯୋଗ୍ୟ ହୋଇଥାଏ, ତେବେ ଏହାସତ୍ତ୍ୱେ ଯଦି ସେ ପରିଚୟ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ଏହାର କାରଣ ବୁଝିବାକୁ ଚେଷ୍ଟା କର । ଯଦି ତୁମେ ନିଜ ସୂତ୍ରଙ୍କୁ ପରିଚୟ ଗୋପନୀୟ ରଖିବାକୁ ପ୍ରତିଶ୍ରୁତି ଦେଇଛ, ତେବେ କୌଣସି ପରିସ୍ଥିତିରେ ତାଙ୍କ ପରିଚୟ ପ୍ରଘଟ କର ନାହିଁ । ସୂତ୍ରଙ୍କର ସୁରକ୍ଷା ପାଇଁ ତୁମକୁ ସବୁ ଚାପ ଓ ଅସୁବିଧାର ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

– ରିପୋର୍ଟଟି ପ୍ରକାଶ ପାଇବା ପରେ ଯେଉଁମାନେ ତୁମକୁ ଖବର ସଂଗ୍ରହରେ ସାହାଯ୍ୟ କରିଥିଲେ ଓ ଯାହାଙ୍କ ଉପରେ ଖବରଟି ଆଧାରିତ, ସେ ସମସ୍ତଙ୍କ ସହ ପରେ କଥା ହୁଅ । ରିପୋର୍ଟ ସମ୍ପର୍କରେ ଆଲୋଚନା କର । ଏହାଦ୍ୱାରା ପରସ୍ପର ପ୍ରତି ସମ୍ମାନ ବଢିଥାଏ ।

**୨. ଖବର ସଂଗ୍ରହ ଓ ଉତ୍ସ ଅନୁଶୀଳନ ସମ୍ପର୍କରେ** pointer.org ୱେବସାଇଟ୍‌ରେ ବେଥ୍ ୱାଇନଗାର୍ନର ନିମ୍ନୋକ୍ତ ପରାମର୍ଶ ଦେଇଛନ୍ତି ।

**ହାଲୁକା କଥାବାର୍ତ୍ତା କର :-**

ଅନେକ ରିପୋର୍ଟର ବନ୍ଧୁତ୍ୱପୂର୍ଣ୍ଣ ଭଙ୍ଗୀରେ ହାଲୁକା କଥାବାର୍ତ୍ତା କରିପାରନ୍ତି ନାହିଁ । ତେବେ ଦୁଇପଦ ମିଠା କଥା କହି ତୁମେ ଲୋକମାନଙ୍କର, ମୁଖ୍ୟତଃ ନିଜ ସୂତ୍ରମାନଙ୍କ ମନରେ ବିଶେଷ ସ୍ଥାନ ସୃଷ୍ଟି କରିପାରିବ । ସୂତ୍ରମାନେ କେବଳ ଖବର ଯୋଗାଉଥିବା ଯନ୍ତ୍ର ନୁହନ୍ତି, ତାଙ୍କ ସହ ମାନବୀୟ ଆବେଗର ସହ କଥା ହୁଅ ।

**ଅପରିଚିତ ବ୍ୟକ୍ତିଭଳି ବ୍ୟବହାର କର ନାହିଁ :-**

ଯଦି କୌଣସି ବ୍ୟକ୍ତି ତୁମକୁ ଯଥେଷ୍ଟ ତଥ୍ୟ ବା ଖବର ଦେବାର ସମ୍ଭାବନା ରହିଛି, ତାଙ୍କ ସହ ନିୟମିତ ଭାବେ ସମ୍ପର୍କ ରକ୍ଷା କର । ଯଦିବା ସେହି ସମୟରେ ତୁମେ ତାଙ୍କୁ ତଥ୍ୟ ମାଗୁନାହଁ, ତାଙ୍କ ସହ ବନ୍ଧୁତା ସ୍ଥାପନ କରିବାକୁ ଚେଷ୍ଟା କର । ଖବର ସମ୍ପର୍କରେ କିଛି ନୂଆ ତଥ୍ୟ ଆସିଛିକି ନାହିଁ, ତାହା ପଚାରି ବୁଝିବା ସହ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଆଲେଚନା କର ।

**ସୂତ୍ରଙ୍କର ଗୋପନୀୟତାଙ୍କୁ ସମ୍ମାନ ଦିଅ :-**

ଅନେକ ସ୍ଥଳରେ ଦେଖିବାକୁ ମିଳେ, ସାମ୍ବାଦିକମାନେ ନିଜ ସୂତ୍ରଙ୍କ ପରିଚୟ ଗୋପନୀୟ ରଖିବାକୁ ପ୍ରତିଶ୍ରୁତି ଦେଇ ଏହାକୁ ପାଳନ କରନ୍ତି ନାହିଁ । ତୁମେ ଏପରି କର ନାହିଁ । ଏହାଦ୍ୱାରା ବିଶ୍ୱସନୀୟତା ହରାଇବାର ଆଶଙ୍କା ରହିଥାଏ ।

**ନିଜ ସୂତ୍ରଙ୍କୁ ଅନ୍ୟ ସୂତ୍ରଙ୍କ ନା ସୁପାରିଶ୍ କରିବାକୁ କୁହ :-**

ସୂତ୍ରଙ୍କଠାରୁ ଖବର ସଂଗ୍ରହ କରି ସାରିବାପରେ ସେହି ବିଷୟରେ ଆଉ କାହା ସହ ଆଲୋଚନା କରିପାରିବେ ପଚାରି ବୁଝ । ଅଧିକ ଲୋକଙ୍କ ସହ କଥା ହେବା ଦ୍ୱାରା ଅଧିକ ତଥ୍ୟ ମିଳିବା ସହ ଖବରର ପ୍ରାମାଣିକତା ବଢ଼ିଥାଏ ।

**ଅତ୍ୟଧିକ ବନ୍ଧୁତା ଦେଖାଅ ନାହିଁ :**

ନିଜ ସୂତ୍ରଙ୍କ ସହ ଅତ୍ୟଧିକ ବନ୍ଧୁତା ରଖିବା ବୁମେରାଂ ସାବ୍ୟସ୍ତ ହୋଇପାରେ । ଏହାଦ୍ୱାରା ତୁମେ ନିଜର ପେଶାଗତ ଦାୟିତ୍ୱ ଭୁଲି ତାଙ୍କ କହିବା ଅନୁସାରେ ଏକକପାଖିଆ ଖବର ଲେଖି ପାର । ଅଥବା ନିଜ ସୂତ୍ରଙ୍କ ସୁବିଧା ଅନୁସାରେ ଅଧା ତଥ୍ୟ ପରିବେଷଣ କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ପାର । ଜଣେ ସାମ୍ବାଦିକ ପାଇଁ ଏହା ନୈତିକତା ବିରୋଧି କାର୍ଯ୍ୟ ।

## ୧.୩ ସହରାଞ୍ଚଳ ରିପୋର୍ଟିଂ

ସହରରେ ପ୍ରତିଦିନ ଘଟୁଥିବା ବିଭିନ୍ନ ଘଟଣା ବା କାର୍ଯ୍ୟକ୍ରମର ଖବର ସଂଗ୍ରହକୁ ସାଧାରଣତଃ ସିଟି ରିପୋର୍ଟିଂ ବା ସହରାଞ୍ଚଳ ରିପୋର୍ଟିଂ କୁହାଯାଏ । ଏହା କୌଣସି ରାଜନୈତିକ ସମାବେଶ, ଦୁର୍ଘଟଣା, ଅପରାଧିକ ଘଟଣା ଆଦି ହୋଇପାରେ । ଏହା ବ୍ୟତୀତ ପୁସ୍ତକ ଉନ୍ମୋଚନ, ଆଲୋଚନା ଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କୌଣସି ରୋଗର ପ୍ରକୋପ ସମ୍ବନ୍ଧରେ ଖବର ସଂଗ୍ରହ କରିବା ମଧ୍ୟ ସିଟି ରିପୋର୍ଟିଂ ବା ସହରାଞ୍ଚଳ ରିପୋର୍ଟିଂ ଅନ୍ତର୍ଭୁକ୍ତ । ଏ କ୍ଷେତ୍ରରେ ନୂଆକରି ପାଦ ଦେଇଥିବା ସାମ୍ବାଦିକଟିଙ୍କୁ ଏହି କାମ ଅତ୍ୟନ୍ତ କଷ୍ଟକର ଲାଗିପାରେ । ତେବେ ତୁମେ ଏ ପେଶାରେ ଯେତେ ପୁରୁଣା ଓ ଅଭିଜ୍ଞ ହେବ, ଏହି କାମକୁ ସେତେ ଉପଭୋଗ କରିପାରିବ । ତୁମେମାନେ ସିଟି ରିପୋର୍ଟିଂକୁ ଭଲ ଭାବେ ବୁଝିପାରିବା ପାଇଁ ଏହାକୁ କେତୋଟି ଭାଗରେ ବିଭକ୍ତ କରାଯାଇଛି । ଏଥିରେ ସ୍ୱଷ୍ଟତା ଆଣିବା ପାଇଁ କେତେଗୁଡିଏ ଉଦାହରଣର ମଧ୍ୟ ବ୍ୟବହାର କରାଯାଇଛି ।

### ୧.୩.୧: ସହର/ସ୍ଥାନୀୟ ଖବର

ଲୋକମାନେ ସବୁବେଳେ ନିଜ ଚାରିପାଖରେ ଘଟୁଥିବା ଘଟଣା ସମ୍ପର୍କରେ ଜାଣିବା ପାଇଁ ଚାହିଁଥାନ୍ତି । ନ୍ୟୁଜ୍ ଚ୍ୟାନେଲ ଏବଂ ୱେବସାଇଟ୍ ମାଧ୍ୟମରେ ସେମାନେ ବଡ ବଡ ଜାତୀୟ କାର୍ଯ୍ୟକ୍ରମଗୁଡିକ

ବିଷୟରେ ଜାଣିବାକୁ ପାଉଥିବାବେଳେ, ଆଞ୍ଚଳିକ ଖବର ପାଇଁ ସାଧାରଣତଃ ସ୍ଥାନୀୟ ଖବରକାଗଜ ଏବଂ ୱେବସାଇଟ୍ ଉପରେ ନିର୍ଭର କରିଥାନ୍ତି । ଖାସ୍ ଏଥିପାଇଁ ଖବରକାଗଜଗୁଡିକରେ ଆଞ୍ଚଳିକ ସଂସ୍କରଣ ସଂଖ୍ୟାରେ ବୃଦ୍ଧି ଘଟିବା ସହ ନ୍ୟୁଜ୍ ୱେବସାଇଟ୍ ସଂଖ୍ୟା ମଧ ଦ୍ରୂତ ଗତିରେ ବୃଦ୍ଧି ପାଉଛି । ଏଠାରେ କେତେକ ଆଞ୍ଚଳିକ ଖବରର ଉଦାହରଣ ଦିଆଗଲା ।

## ଓଭର ବ୍ରିଜ୍ ନିକଟରୁ ଜବର ଦଖଲ ଉଚ୍ଛେଦ




ପୁରୁଣା ଭୁବନେଶ୍ୱର,୯।୫(ଇମିସ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ୍ ଓଭର ବ୍ରିଜ୍ ଅଞ୍ଚଳରେ ଥିବା ସରକାରୀ ଜମିରୁ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ସେଠାରେ ଥିବା ୬ଟି ଆଜେବେଷ୍ଟସ୍ ଘର, ୨ଟି ଛାତ ଘର, ୪ଟି ଅସ୍ଥାୟୀ ଝୁମ୍ପୁଡ଼ି ଘର, ୨ଟି କ୍ୟାବିନ୍‌କୁ ଉଚ୍ଛେଦ କରାଯାଇଛି। ସେହିପରି ପୋଖରୀପୁଟ୍ ଛକରେ ଥିବା ଝିଣ୍ଟୁଆଳ ମନ୍ଦିରକୁ ମଧ୍ୟ ଉଚ୍ଛେଦ କରାଯାଇଛି। ମଳିଥିବା ସୂଚନା ଅନୁଯାୟୀ ପୋଖରୀପୁଟ୍ ଓଭରବ୍ରିଜ୍ କାମ ପ୍ରାୟ ଶେଷ ହୋଇଥିବା ବେଳେ ଚଳିତ ମାସରେ ଏହା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ବ୍ରିଜ୍ ନିକଟରେ ଜବରଦଖଲ ହୋଇଥିବାରୁ ଏନେଇ ଆଜି ସାଧାରଣ ପ୍ରଶାସନ, ବିଏମ୍‌ସି, ବିଡିଏର ମିଳିତ ସ୍କ୍ୱାଡ୍ ଓ ପୁଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା। ତେବେ ଏହି ମନ୍ଦିର ଉଚ୍ଛେଦ ବେଳେ କିଛି ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ।

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ

## ସରିଲା ଚନ୍ଦନ ଯାତ୍ରା



ପୁରୁଣା ଭୁବନେଶ୍ୱର, ୯/୫(ଇମିସ): ୨୨ଦିନ ଧରି ଚାଲିଥିବା ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆଜି ଶେଷ ହୋଇଛି। ପରମ୍ପରା ଅନୁଯାୟୀ ଆଜି ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ ବାସୁଦେବ ବିନ୍ଦୁସାଗରରେ ଚାପ ଖେଳିବା ସହ ଚନ୍ଦନ କୁଣ୍ଡରେ ବୁଡ଼ିଥିଲେ। ଆଜି ସନ୍ଧ୍ୟାରେ ମନ୍ଦିରରେ ଶ୍ରୀଲିଙ୍ଗରାଜଙ୍କର ସମସ୍ତ ନୀତି ସମାପନ ପରେ ବିନ୍ଦୁସାଗର ବ୍ରହ୍ମା ଘାଟ କୂଳକୁ ଯାଇଥିଲେ। ଏହା ପରେ ପାଳିଆ ବଡ଼ୁ ସେବାୟତ ଠାକୁରଙ୍କୁ ମଣୋଇବା ପରେ ଦେବଦେବୀ ଚାପ ଡଙ୍ଗାର ସିଂହାସନରେ ବସିଥିଲେ। ସମ୍ମୁଖ ସିଂହାସନରେ ଶ୍ରୀଲିଙ୍ଗରାଜ, ମା ପାର୍ବତୀ, ମା ଦୁର୍ଗା ବସିଥିବା ବେଳେ ଦୁଇ କଡ଼ରେ ଥିବା ସିଂହାସନରେ ଗୋଟିଏ ପଟେ ବାସୁଦେବ ବସିଥିଲେ। ଚାପ ଖେଳି ଠାକୁର ପ୍ରଥମେ ମଠ ଘାଟରେ ଭୋଗ ଖାଇଥିଲେ। ଏହାପରେ ୮ଘେରା ଭଉଁରି ଖେଳି ଜଗତିକୁ ଯାଇଥିଲେ। ସେଠାରେ ନୀତି ପୂଜା କରାଯାଇ ପୂର୍ବ ପ୍ରସ୍ତୁତ ସୁଗନ୍ଧିତ ଚନ୍ଦନ କୁଣ୍ଡରେ ବୁଡ଼ିଥିଲେ। ଚନ୍ଦନ, ଅଗୁରୁ, କର୍ପୂର, ମଲ୍ଲୀ ଫୁଲ, ଚମ୍ପା ଫୁଲ ପକାଯାଇଥିବା କୁଣ୍ଡରେ ଦେବଦେବୀମାନେ ବୁଡ଼ି ରହିଥିଲେ। ଅସହ୍ୟ ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି ବୋଲି କିମ୍ବଦନ୍ତି ରହିଛି। ଏହାପରେ ସେଠାରୁ ବାହାରି ଠାକୁରଙ୍କୁ ନୂତନ ବସ୍ତ୍ର ପିନ୍ଧା ଯିବା ପରେ ସନ୍ଧ୍ୟା ଧୂପ କରାଯାଇଥିଲା। ଏହି ଧୂପରେ ଠାକୁରଙ୍କୁ ମାଣ୍ଡୁଅ, କାକରା, ସୋଦୁଓ ଆଦି ଭୋଗ ଲାଗି ହୋଇଥିଲା। ଦେବଦେବୀ ଚାପ ଡ଼ଙ୍ଗାରେ ଭଉଁରି ଖେଳି ମହନି ଘାଟ ଓ ଆଖଡ଼ା ଚଣ୍ଡୀ ଘାଟରେ ଭୋଗ ଖାଇବା ପରେ ବିଶ୍ରାମ ଘାଟକୁ ଯାଇଥିଲେ। ବିଶ୍ରାମ ଘାଟରେ ନୀତି ପୂଜା ପରେ ଠାକୁରଙ୍କୁ ପାଲିଙ୍କିରେ ବସାଇ ପୂଜାପଣ୍ଡା ମନ୍ତ୍ର ଉଚ୍ଚାରଣ ସହ ଚନ୍ଦନ ଓ ହଳଦୀ ପାଣି ସିଞ୍ଚନ କରିଥିଲେ। ବାଟରେ ଆସିବା ବେଳେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡ଼ୁ ନିଯୋଗଠାରେ ଭୋଗ ଖାଇଥିଲେ। ତିନି ନିଯୋଗ ପକ୍ଷରୁ ଆଜି ଶେଷ ଚନ୍ଦନ ଯାତ୍ରାରେ ଠାକୁରଙ୍କୁ ମାଣ୍ଡୁଅ, କାକରା, ସୋଦୁଓ, ଆମ୍ବ ଓ ବିଭିନ୍ନ ଫଳ ଭୋଗ ଲାଗି କରାଯାଇଥିଲା। ସେହିପରି ରାସ୍ତାରେ ଫେରିବା ବେଳେ ସ୍ଥାନେସ୍ଥାନେ ଠାକୁରଙ୍କ ସମ୍ମୁଖରେ ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହି ଅପୂର୍ବ ଦୃଶ୍ୟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଠାକୁର ମନ୍ଦିର ପରିସରରେ ଥିବା ଦୋଳବେଦି ପାଖରେ ପହଞ୍ଚିବା ପରେ ଜଗତିରେ ବ୍ୟବହୃତ ବାସୁଦେବଙ୍କ ସିଂହାସନରେ ଠାକୁରମାନେ ବସିଥିଲେ। ସେଠାରେ ନୀତି ପୂଜା ଓ ଆଳତି କରାଯିବା ପରେ ମନ୍ଦିର ଗର୍ଭଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ

### ୧.୩.୨ ଅପରାଧ ରିପୋର୍ଟିଂ : ଖବରର ଉତ୍ସ ଓ ସମ୍ପର୍କିତ ଆଇନ୍

ଆମ ସମାଜରେ ପ୍ରତ୍ୟେହ କିଛି ନା କିଛି ଅପରାଧ ଘଟିଥାଏ । ପାଠକମାନଙ୍କର ମଧ୍ୟ ଏହି ଖବର ସବୁ ପ୍ରତି ବେଶ୍ ରୁଚି ରହିଥାଏ । ଏଣୁ ଏହାକୁ ଅବଜ୍ଞା କରିବା ଖବରକାଗଜର ଲୋକପ୍ରିୟତା ପାଇଁ ହାନୀକାରକ । ଏଥିପାଇଁ ପ୍ରତ୍ୟେକ ଗଣମାଧ୍ୟମ ସଂସ୍ଥାରେ ଅପରାଧ ଏବଂ ପୋଲିସ୍ ସମ୍ବନ୍ଧୀୟ ଖବର ପାଇଁ କିଛି ରିପୋର୍ଟରଙ୍କୁ ଦାୟିତ୍ୱ ଦିଆଯାଇଥାଏ । ସେମାନଙ୍କୁ କ୍ରାଇମ୍ ରିପୋର୍ଟର ବୋଲି କୁହାଯାଏ ।

ଏହି ବିଟ୍ ଦାୟିତ୍ୱରେ ଥିବା ରିପୋର୍ଟରମାନଙ୍କୁ ୨୪ ଘଣ୍ଟା ସଜାଗ ରହିବାକୁ ପଡିଥାଏ । ଯେଉଁ ଅଞ୍ଚଳ ଦାୟିତ୍ୱରେ ସେମାନେ ରହିଥାନ୍ତି, ସେ ଅଞ୍ଚଳରେ କେତେବେଳେ କ'ଣ ଘଟୁଛି, ସବୁ କିଛି ଉପରେ ନଜର ରଖିବାକୁ ପଡିଥାଏ । କ୍ରାଇମ୍ ରିପୋର୍ଟର ପାଇଁ ଖବରର ପ୍ରଧାନ ସୂତ୍ର ହେଉଛି ପୋଲିସ୍ । ଯେ କୌଣସି ଅପରାଧ ହେଉ ନା କାହିଁକି ତାର ଖବର ପୋଲିସ୍‌କୁ ମିଳିଥାଏ । ଏଣୁ କ୍ରାଇମ୍ ରିପୋର୍ଟରମାନଙ୍କର ପୋଲିସ୍ ଷ୍ଟେସନ୍, ପୋଲିସ୍ ଅଫିସର୍ ଏବଂ ଉଭୟ ସରକାରୀ ଓ ବେସରକାରୀ ତଦନ୍ତକାରୀ ଏଜେନ୍ସି ସହିତ ଭଲ ସମ୍ପର୍କ ରହିବା ଆବଶ୍ୟକ । ଫଳରେ କୌଣସି ଘଟଣା ଘଟିଲେ ଏମାନଙ୍କ ନିକଟରୁ ରିପୋର୍ଟରମାନଙ୍କୁ ଖବର ମିଳି ପାରିବ । ସେହିପରି କ୍ରାଇମ୍ ରିପୋର୍ଟରମାନଙ୍କୁ ମଧ୍ୟ ଜିଲ୍ଲା ସ୍ତରୀୟ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟମାନରେ ସୂତ୍ର ତିଆରି କରିବାକୁ ପଡିଥାଏ । ସେଠାରୁ ମଧ୍ୟ ତାଙ୍କୁ କୌଣସି ଘଟଣାର ରାୟ ବିଷୟରେ ସୂଚନା ମିଳିଥାଏ ।

ଅପରାଧ ବିଟ୍‌ରେ ରିପୋର୍ଟିଂ କରୁଥିବା ସାମ୍ବାଦିକମାନଙ୍କ ପାଇଁ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ନିତାନ୍ତ ଜରୁରୀ । ପୋଲିସ୍‌ର କାର୍ଯ୍ୟ ଶୈଳୀ ଏବଂ କୋର୍ଟର କାର୍ଯ୍ୟଶୈଳୀ ବିଷୟରେ ସେମାନେ ଜାଣି ରଖିବା ଆବଶ୍ୟକ । ଏହା ସେମାନଙ୍କର ରିପୋର୍ଟିଂକୁ ଆହୁରି ସରଳ କରିଦେଇଥାଏ । ସେହିପରି ଗଣମାଧମର ନୀତିନିୟମ

ବିଷୟରେ ମଧ୍ୟ ସେମାନେ ସଚେତନ ହେବା ଉଚିତ୍ । ଖାସ୍ କରି ଅପରାଧ ଖବରଗୁଡିକରେ ବେଳବେଳେ ବିଭତ୍ସ ଫଟୋ ଚିତ୍ର ଆମକୁ ସମ୍ବାଦପତ୍ରଗୁଡିକରେ ଦେଖିବାକୁ ମିଳେ । ଏଣୁ କେଉଁ ଫଟୋକୁ ସ୍ଥାନ ଦିଆଯିବ ଏବଂ କାହାକୁ ଦିଆଯିବା ଉଚିତ୍ ନୁହେଁ, ସେ ବିଷୟରେ ଅପରାଧ ସାମ୍ବାଦିକମାନେ ଜାଣି ରଖିବା ଉଚିତ୍ । ଅପରାଧ ସମ୍ବନ୍ଧରେ ଲେଖିବା ବେଳେ କେତୋଟି ବିଷୟ ପ୍ରତି ସାମ୍ବାଦିକମାନଙ୍କୁ ଧ୍ୟାନ ଦେବାକୁ ପଡିଥାଏ । ଏଥିପାଇଁ ସୁପ୍ରିମ୍‌କୋର୍ଟଙ୍କର କେତୋଟି ଗାଇଡ୍‌ଲାଇନ୍ ରହିଛି । ଯେମିତିକି ଦୁଷ୍କର୍ମର ଶିକାର ହୋଇଥିବା କିମ୍ବା ସେ ସମ୍ବନ୍ଧୀୟ ଅଭିଯୋଗ ଆଣିଥିବା କୌଣସି ମହିଳାଙ୍କ ନାମ ପ୍ରକାଶ କରିବା ଅନୁଚିତ୍ । ଏହି କ୍ଷେତ୍ରରେ ଛଦ୍ମନାମର ବ୍ୟବହାର କରାଯାଇ ପାରେ । ସେହିପରି କୌଣସି ଅଭିଯୋଗକୁ ଭିତ୍ତି କରି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଆମେ ଅପରାଧୀ ବୋଲି କହି ପାରିବା ନାହିଁ । ଦୋଷ ପ୍ରମାଣିତ ନ ହେବା ଯାଏଁ ତାଙ୍କୁ ଅଭିଯୁକ୍ତ ବୋଲି ସମ୍ବୋଧନ କରିବାକୁ ପଡିଥାଏ ।

## ଗେଷ୍ଟହାଉସ୍‌ରେ ସେକ୍ସ ର୍‍ୟାକେଟ୍

ଭୁବନେଶ୍ୱର,୯।୫(ଇମିସ): କମିସନରେଟ୍ ପୁଲିସର ବାରମ୍ବାର ଚଢ଼ଉ ପରେ ଗତ କିଛିଦିନ ହେବ ରାଜଧାନୀରେ ସେକ୍ସ ର୍‍ୟାକେଟ୍ କାରବାର ଧିମା ହୋଇଥିବା ବେଳେ ଏବେ ପୁଣି ଥରେ ସକ୍ରିୟ ହୋଇଉଠିଛି। ଆଜି ଆଇଆର୍‌ସି ଭିଲେଜ୍ ସ୍ଥିତ ପାର୍ବତୀ ଗେଷ୍ଟ ହଉସ୍‌ରେ ଚଢ଼ଉ ବେଳେ ନୂଆପଲ୍ଲୀ ଥାନା ପୁଲିସ ଏକ ବଡ଼ଧରଣର ସେକ୍ସ ର୍‍ୟାକେଟ୍ ଠାବ କରିଛି। ପୁଲିସ ସେଠାରୁ ୨ ବଙ୍ଗୀୟ ଯୁବତୀଙ୍କ ସମେତ ୩ଜଣଙ୍କୁ ଉଦ୍ଧାର କରିଛି। ସେହିପରି ର୍‍ୟାକେଟରେ ସମ୍ପୃକ୍ତ ୩ କର୍ମଚାରୀ ଓ ୩ ଗ୍ରାହକଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳର ଗେଷ୍ଟହାଉସ୍ ମ୍ୟାନେଜର୍ ବିଶ୍ୱ ଭୂଷଣ ମହାନ୍ତି(୨୫), ପିପିଲି ଅଞ୍ଚଳ ସୁରଜ ନାଏକ (୨୪) ଓ କଟକ ଜିଲ୍ଲା ନିଆଳି ଅଞ୍ଚଳର ପିଣ୍ଟୁ କୁଳମଣି ସାହୁ(୩୩)। ଗ୍ରାହକ କନ୍ଧମାଳ ବାଲିଗୁଡ଼ା ଅଞ୍ଚଳର ରାଜେଶ କୁମାର ସାହୁ(୨୪), ପ୍ରତାପ୍ଯୁ ଶିବରଞ୍ଜନ ପାତ୍ର(୨୪) ଓ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ପ୍ରଭାତ ସ୍ୱାଇଁ (୨୮)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ୨୦ଟି ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ରେଜିଷ୍ଟର୍ ଏବଂ ବହୁ ଆପତ୍ତିଜନକ ସ୍ପ୍ରେ ଜବତ ହୋଇଛି। ଏନେଇ ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଗେଷ୍ଟ ହାଉସ ମାଲିକ ଲଲାଟେନ୍ଦୁ ଜେନା ଫେରାର ହୋଇଯାଇଥିବା ପୁଲିସ କହିଛି।





- ୩ ଗ୍ରାହକଙ୍କ ସମେତ ୬ ଗିରଫ, ୩ ଯୁବତୀ ଉଦ୍ଧାର
- ୨୦ ମୋବାଇଲ୍ ଫୋନ୍ ଓ ଲାପଟପ୍ ଜବତ

### ପ୍ରଥମ ପସନ୍ଦ ବଙ୍ଗୀୟ ଯୁବତୀ

ଏପରି କାରବାର ପାଇଁ ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ୍ କରିବାକୁ ପଡ଼ୁଥିଲା। ଗ୍ରାହକଙ୍କ ଡାଟା ପାଇବା ପରେ ସଂସ୍ଥାର କର୍ମଚାରୀମାନେ ସେମାନଙ୍କୁ କଲ୍ କରି ବୁଝୁଥିଲେ। କେଉଁ ପ୍ରକାର ଯୁବତୀ ଦାରକାର, କେତେ ଟଙ୍କା ମଧ୍ୟରେ ହୋଇଥିବା ଦରକାର ସବୁ ତଥ୍ୟ ଗ୍ରାହକଙ୍କୁ ଦେବାକୁ ପଡ଼ୁଥିଲା। ଗ୍ରାହକମାନଙ୍କ ପ୍ରଥମ ପସନ୍ଦରେ ବଙ୍ଗୀୟ ଯୁବତୀ ଥିବା ଜଣାପଡ଼ିଥିଲା। ସେମାନଙ୍କ ପାଇଁ ଗ୍ରାହକମାନେ ୩ ହଜାରରୁ ଆରମ୍ଭ କରି ୨୦ ହଜାର ପର୍ଯ୍ୟନ୍ତ ଟଙ୍କା ଦେଉଥିଲେ।

### କନ୍‌ଷ୍ଟେବଲ ସାଜିଲେ ଗ୍ରାହକ

ଦୀର୍ଘ ୩ମାସରୁ ଊର୍ଦ୍ଧ୍ୱହେବ ସେଠାରେ ସେକ୍ସର୍‍ୟାକେଟ୍ ଚାଲିଥିବା ପୁଲିସ କହିଛି। ତେବେ ଗତ ଦୁଇ ଦିନ ତଳେ ଆଇଆଇସି ସଂଗ୍ରାମ ପଟ୍ଟନାୟକ ଖବର ପାଇଥିଲେ ଯେ, ଗେଷ୍ଟହାଉସ୍‌ରେ ସେକ୍ସର୍‍ୟାକେଟ୍ ଚାଲିଛି। ର୍‍ୟାକେଟ୍ ଠାବ ପାଇଁ ଖୋଦ୍ ଆଇଆଇସି ୨ଦିନ ହେବ ସେଠରେ ଚକ୍କର୍ କାଟିଥିଲେ। ଆଜି ଜଣେ କନ୍‌ଷ୍ଟେବଲ୍‌ଙ୍କୁ ଗ୍ରାହକ ଭାବେ ସେଠାକୁ ପଠାଯାଇଥିଲା। ହେଲେ ଏଠରେ ସେମିତି କିଛି ହେଉନି ବୋଲି ଜଣେ କର୍ମଚାରୀ କହିଥିଲେ। କନ୍‌ଷ୍ଟେବଲ ଜଣଙ୍କ ତଳକୁ ଯାଉଥିବା ସମୟରେ ହଠାତ୍ କର୍ମଚାରୀ ଜଣଙ୍କ ତାଙ୍କୁ ଡାକିଥିଲେ। ଅତିକମ୍‌ରେ ୪ହଜାର ଟଙ୍କା ଦେଲେ ଷ୍ଟାଣ୍ଡାଡ୍ ସେବା ମିଳିବ ବୋଲି କହିଥିଲେ। ଏଟିଏମ୍‌ରୁ ଟଙ୍କା ଆଣୁଛି କହି ବାହାରକୁ ସେ ବାହାରକୁ ଚାଲିଆସିଥିଲେ। ତେଣୁ ସେ ହଜାର ଟଙ୍କା ଅଗ୍ରୀମଦେଇ ଥାନାକୁ ଯାଇଥିଲେ। ପରେ ଯୋଜନା ମୁତାବକ ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ଚଢ଼ଉ କରିଥିଲା। ସେଠାରେ ୩ ଜଣ ଯୁବତୀଙ୍କ ସହ ୩ ଜଣ ଗ୍ରାହକ ଅସଂଯତ ଅବସ୍ଥାରେ ଥିବା ପୁଲିସ ଦେଖିଥିଲା।

### ରେଜିଷ୍ଟର୍‌ରେ ବିଶିଷ୍ଟ ବ୍ୟକ୍ତିଙ୍କ ନାଁ

ଚଢ଼ଉ ବେଳେ ପୁଲିସ ଏକ ରେଜିଷ୍ଟର୍ ଜବତ କରିଛି। ରେଜିଷ୍ଟର୍‌ରେ ଶତାଧିକ ଗ୍ରାହକଙ୍କ ନାମ ଓ ମୋବାଇଲ୍ ନମ୍ବର ଲେଖାଯାଇଛି। ସେମାନେ କେଉଁ ତାରିଖରେ କେତେବେଳେ ଆସିଛନ୍ତି। ଗ୍ରାହକ ଜଣଙ୍କ ନୂଆ କି ପୁରୁଣା ତାହା ଲେଖାଯାଇଛି। ନୂଆ ଗ୍ରାହକ ଓ ପୁରୁଣା ଗ୍ରହାକ ପାଇଁ ନୂଆ ନୂଆ ଦର ମଧ୍ୟ ରେଜିଷ୍ଟର୍‌ରୁ ଜଣାପଡ଼ିଛି। ତେବେ ଗ୍ରାହକଙ୍କ ମଧ୍ୟରେ କିଛି ବିଶିଷ୍ଟବ୍ୟକ୍ତିଙ୍କ ନାମ ଥିବା ପୁଲିସ ସନ୍ଦେହ କରିଛି। ପୁଲିସ ନମ୍ବର ଓ ନାଁଗୁଡ଼ିକ ଯାଞ୍ଚ କରୁଛି।

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ

## ୧.୩.୩ ରାଜନୀତି, ରାଜନୈତିକ ଦଳ ଓ ବ୍ୟବସ୍ଥାପକ ସଭା ରିପୋର୍ଟିଂ (ବିଧାନ ସଭା ଓ ସଂସଦରୁ ଖବର ସଂଗ୍ରହ)

ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟିଂ ବିଟ୍ । ଆମ ସମାଜରେ ଖାସ୍ କରି ଭାରତରେ ରାଜନୀତି ସମ୍ବନ୍ଧୀୟ ଖବରକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ରାଜନୈତିକ କ୍ଷେତ୍ରରେ ଅଦଳବଦଳ, କନ୍ଦଳ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଭବିଷ୍ୟତ ଯୋଜନା ଏବଂ ଶେଷରେ ନିର୍ବାଚନକୁ ନେଇ ପ୍ରତ୍ୟେହ ଖବର ପ୍ରକାଶ ପାଇଥାଏ । ରାଜନୈତିକ ଉଷ୍ମତା ଓ ନିର୍ବାଚନ ବିଷୟରେ ଜାଣିବା ପାଇଁ ପାଠକମାନଙ୍କର ମଧ ବେଶ୍ ଆଗ୍ରହ ଥାଏ । ଏଣୁ ଗଣମାଧମ ସଂସ୍ଥାମାନେ ଏହାକୁ ବିଶେଷ ଗୁରୁତ୍ୱ ଦେଇଥା'ନ୍ତି । ସାମ୍ପ୍ରତିକ ସାମାଜିକ ବାତାବରଣକୁ ରାଜନୀତି ଗଭୀର ଭାବେ ପ୍ରଭାବିତ କରୁଛି । ଏଣୁ ରାଜନୈତିକ କ୍ଷେତ୍ରରେ ଯେଉଁ ସବୁ ଘଟଣା ଘଟେ, ତାହା ଖବର କାଗଜର ଆଗ ପୃଷ୍ଠା ମଣ୍ଡନ କରିଥାଏ ।

ରାଜନୀତି ବା ପଲିଟିକାଲ୍ ବିଟ୍ ଦାୟିତ୍ୱରେ ଥିବା ରିପୋର୍ଟର ଜଣଙ୍କ ସମ୍ପୃକ୍ତ ସଂସ୍ଥାର ଜଣେ ବରିଷ୍ଠ ରିପୋର୍ଟର ହୋଇଥାନ୍ତି । ଯେଉଁ ଅଞ୍ଚଳରେ ସେ ରିପୋର୍ଟିଂ କରୁଥାଆନ୍ତି, ସେ ଅଞ୍ଚଳର ରାଜନୈତିକ ମାହୋଲ୍ ଓ ନେତାମାନଙ୍କ ସହ ସେ ପରିଚିତ ଥାଆନ୍ତି । ସାଧାରଣତଃ ଏହି ବିଟ୍‌ରେ ଜଣେ ବରିଷ୍ଠ ରିପୋର୍ଟର ରିପୋର୍ଟିଂ କରୁଥିବାରୁ କାହା ସମ୍ବନ୍ଧରେ କ'ଣ ଲେଖାଯାଇ ପାରିବ ଓ କେଉଁ କଥାକୁ ଲେଖିବା ଅନୁଚିତ୍ ସେ ବିଷୟରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥାଏ । ସେହିପରି ବିଧାନସଭା ଏବଂ ସଚିବାଳୟର କାର୍ଯ୍ୟଧାରା ବିଷୟରେ ମଧ ସେ ଜାଣିଥାଆନ୍ତି । ଏହି ଦୁଇଟି ରାଜନୈତିକ କ୍ଷେତ୍ରରେ ଦୁଇଟି ସ୍ତମ୍ଭ ହୋଇଥିବାରୁ ଏହା ବିଷୟରେ ଜାଣି ରଖିବା ଜଣେ ରାଜନୀତି ରିପୋର୍ଟରଙ୍କ ପାଇଁ ଜରୁରୀ । ସେଥିପାଇଁ ଆଜିକାଲି ସ୍ୱତନ୍ତ୍ର ଭାବେ କିଛି ରିପୋର୍ଟରଙ୍କୁ(ଖାସ୍ କରି ଓଡିଶାରେ) ବିଧାନସଭା ଓ ସଚିବାଳୟ ରିପୋର୍ଟିଂର ଅଲଗା ଦାୟିତ୍ୱ ଦିଆଯାଉଛି । ନେତା, ମନ୍ତ୍ରୀ, ସଚିବାଳୟ ଓ ବିଧାନସଭାର କର୍ମଚାରୀ, ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ, ସହାୟକ ଏପରିକି ମନ୍ତ୍ରୀ ଓ ବିଧାୟକମାନଙ୍କ ଡ୍ରାଇଭର୍ ଓ ପିଅନ୍ ଆଦି ରାଜନୀତି ରିପୋର୍ଟରମାନଙ୍କୁ ଖବର ଦେବାର ମୁଖ୍ୟ ସୂତ୍ର ସାଜିଥାନ୍ତି ।

### କଣ ଲେଖିବେ ?

ରାଜନୀତି ସର୍ବାଧିକ ଭାବେ ଆମ ଜୀବନକୁ ପ୍ରଭାବିତ କରେ । ଲୋକେ ତା'କୁ ପଢିବାକୁ ବି ଭଲ ପାଆନ୍ତି । ତେଣୁ ରାଜନୈତିକ ଦଳରେ ଘଟଣା, ଆକ୍ଷେପ, ଦଳ ଭିତରେ ବିବାଦ ଖବରକାଗଜ ବା ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ଭଲ ଖବର ପାଲଟେ । ମନ୍ତ୍ରିମଣ୍ଡଳ ଅଦଳବଦଳ, ମନ୍ତ୍ରୀଙ୍କ ଇସ୍ତଫା, ବିଧାନସଭା ବାହାରେ ଦଳଗୁଡ଼ିକ ମଧ୍ୟରେ କାଦୁଅ ଫିଙ୍ଗାକୁ ଆପଣ ଖବର କରି ପାରନ୍ତି । ନିର୍ବାଚନ ପାଇଁ ଦଳଗୁଡ଼ିକ କେମିତି ସଜବାଜ ହେଉଛନ୍ତି, ଲୋକଙ୍କୁ କେତେ ପ୍ରତିଶ୍ରୁତି ଦେଉଛନ୍ତି, ଜିତିଲା ପରେ ତାହା ରଖୁଛନ୍ତି କି ନାହିଁ- ଆଦି ଖବର ଲେଖିବା ପାଇଁ ଭଲ ଉପାଦାନ ।

### କ'ଣ ଆବଶ୍ୟକ ?

- ରାଜନୈତିକ ଇତିହାସ ସଂପର୍କରେ ଗଭୀର ଜ୍ଞାନ
- ବର୍ତ୍ତମାନ ରାଜନୀତି ଉପରେ ତୀକ୍ଷ୍ଣ ନଜର

- ରାଜନେତାଙ୍କ ସହ ସୁସଂପର୍କ । ସେମାନେ ହିଁ ଏହି ବିଟ୍‌ରେ ସୂତ୍ର ଭାବେ କାମ କରନ୍ତି । କିନ୍ତୁ ସେ ସଂପର୍କକୁ ନିଜ ବ୍ୟକ୍ତିଗତ ସୁବିଧା ପାଇଁ କେବେ ହେଲେ ବ୍ୟବହାର କର ନାହିଁ ।
- ଲୋକଙ୍କ ଉପରେ ରାଜନେତାଙ୍କ ପ୍ରଭାବ
- ରାଜନେତାଙ୍କ ଜୀବନଶୈଳୀ ସଂପର୍କରେ ଧାରଣା

ନିମ୍ନରେ କେତେକ ରାଜନୈତିକ ରିପୋର୍ଟର ଉଦାହରଣ ଦିଆଗଲା

**ସ୍ୱାସ୍ଥ୍ୟ ଓ ଆଇନ ବିଭାଗକୁ ବିଜେପିର ପ୍ରଶ୍ନ**

## କେବେ ବନ୍ଦ ହେବ ବାଟଘାଟରେ ପ୍ରସବ

ଭୁବନେଶ୍ୱର, ୯।୫(ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟସେବା କେତେ ସଫଳ ହୋଇଛି ତାହା ରାସ୍ତାଘାଟରେ ମା' ଓ ଭଉଣୀମାନଙ୍କ ପ୍ରସବରୁ ବୁଝାପଡୁଛି। ସେହିପରି ଆଇନ ଶୃଙ୍ଖଳା କଥା ନକହିବା ଭଲ। ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାଠାରୁ ବ୍ରହ୍ମବିଭ୍ରାଟ, ଢେଙ୍କାନାଳ(ଭୁବନ), ଗୁମୁଡୁମାହା, କଳିଙ୍ଗନଗର ଓ ନମତରା ଆଦି ଗୁଳିକାଣ୍ଡ ଏବଂ କୁନ୍ଦୁଳି ନାବାଳିକା ବଳାତ୍କାର ଘଟଣାରେ ଗଠିତ ତଦନ୍ତ କମିଶନ ରିପୋର୍ଟ ସରକାରଙ୍କ ଟେବୁଲ ତଳେ ଖତ ଖାଉଛି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଯେଉଁ ସଫେଇ ଦିଆଯାଉଛି ତାହା କେବଳ 'ବଧିର ଆଗରେ ମୂଳା ଚୋବାଇବା' ସଦୃଶ ବୋଲି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି।

ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ କହିଛନ୍ତି ଯେ ରାଜ୍ୟରେ ୫୨୯୮ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ୧୨୩୯ଟି ଉପକେନ୍ଦ୍ରର ନିଜସ୍ୱ ଘରନାହିଁ । ୧୧୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁଳି ସଂଯୋଗ ହୋଇନି। ସେହିପରି ରାଜ୍ୟର ୮୭ ପ୍ରତିଶତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର




## କୁଆଡ଼େ ଗଲା ତଦନ୍ତ କମିସନ ରିପୋର୍ଟ

ନାହାନ୍ତି । ୫୭ପ୍ରତିଶତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ନାହାନ୍ତି । ୨୫ ପ୍ରତିଶତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସହାୟକ ପଦ ଖାଲିପଡିଛି। ଆମ୍ବୁଲାନ୍ସ ସେବା ଅଭାବରୁ ମହିଳାମାନେ ବେଡା ଟୋକେଇରେ ବୁହାହେବା ସହ ରାସ୍ତାରେ, ଅଟୋରେ, ଖଟରେ, ଖୋଲା ଆକାଶ ତଳେ, ପୋଲ ତଳେ ପ୍ରସବ କରିବାକୁ ବାଧ୍ୟ ହେଉଛନ୍ତି। ନିରାମୟ ଯୋଜନାରେ ୫ ଶହରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧ ମଧ୍ୟରୁ ମାତ୍ର ହାତ ଗଣତି କେତୋଟି ଔଷଧ ମିଳୁଛି । ଆୟୁଷ ଡାକ୍ତରମାନେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ମଙ୍ଗ ଧରିଛନ୍ତି; ଅଥଚ ସେମାନଙ୍କ ସହ ପାତର ଅନ୍ତର କରାଯାଉଛି। ଦୀର୍ଘ ୧୮ ବର୍ଷର ଶାସନ ସତ୍ତ୍ୱେ ଶାସକ ବିଜେଡି ରାଜ୍ୟବାସୀଙ୍କୁ ମୌଳିକ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବିଫଳ ହୋଇଛି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ କୋଟି କୋଟି ଓଡିଆଙ୍କ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ରାଜ୍ୟ ସରକାରଙ୍କ ଆଇନ ବିଭାଗ ଅଧୀନରେ ପରିଚାଳିତ; ହେଲେ ଶ୍ରୀ ମନ୍ଦିର ସଂସ୍କାର ପାଇଁ ରାଜ୍ୟ ସରକାର ଗଠନ କରିଥିବା ଜଷ୍ଟିସ୍ ବି.ପି.ଦାସ କମିଶନଙ୍କ ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଲୋକଲୋଚନକୁ ଆସିନାହିଁ। ପ୍ରତ୍ୟେକ ଦିନ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ତାଙ୍କ ନୀତି ନିର୍ଘଣ୍ଟ ବିବାଦର କାରଣ ସାଜିଛି । ରାଜ୍ୟର ବିଭିନ୍ନ ନ୍ୟାୟାଳୟରେ ୨୦୦ରୁ ଅଧିକ ବିଚାରପତି ପଦ ଖାଲି ପଡିଛି । କୁଡ କୁଡ ମକଦ୍ଦମା ଫଇସଲାର ବିଚାର ନ ହୋଇ ପଡି ରହିବା କାରଣରୁ ଅଗଣିତ ରାଜ୍ୟବାସୀ ହଇରାଣ ହେଉଛନ୍ତି । ରାଜ୍ୟରେ ଯେକୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ଘଟିଲେ ସରକାର ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ପରିବର୍ତ୍ତେ କମିଶନ ଗଠନ କରି ନିରବଦ୍ରଷ୍ଟା ରହିଯାଉଥିବା ବିଜେପି ଅଭିଯୋଗ କରିଛି । ଏହି ସମ୍ମିଳନୀରେ ରାଜ୍ୟ ସଂପାଦକ ଶିଶିର ଗମାଙ୍ଗ ଉପସ୍ଥିତ ଥିଲେ।

ଦୈନିକ 'ସମାଜ'ରେ ପ୍ରକାଶ ପାଇଥିବା ଏକ ରାଜନୈତିକ ରିପୋର୍ଟ

## ମହାନଦୀର ଶୁଖିଲା ଶଯ୍ୟାରୁ ୧୬ରୁ

# ମୁଖ୍ୟମନ୍ତ୍ରୀ ଆରମ୍ଭ କରିବେ ମହାନଦୀ ବଚାଓ ଅଭିଯାନ



ଝାରସୁଗୁଡ଼ା/ବ୍ରଜରାଜନଗର, ୯।୫(ଇମିସ): ଶୁଖିଲା ପଡ଼ିଛି ମହାନଦୀ ଶଯ୍ୟା। ଯେଉଁ ମହାନଦୀରେ ଅତାଳତାଳ ପାଣି ରହୁଥିଲା ଏବେ ତାହା ପଡ଼ିଆ ପଡ଼ିଛି। ଏହା ଉପରେ ପ୍ରଚଣ୍ଡ ତାତି ଯୋଗୁଁ ବାଲିରୁ ବାହାରୁଛି ନିଆଁର ଧାସ। ନଦୀ ଅବବାହିକାରେ ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହେଉଛନ୍ତି ଗ୍ରାମବାସୀ।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର କଣ୍ଢେଇକେଲା ପଞ୍ଚାୟତର ସୁଖାସୋଡ଼ା ଗ୍ରାମ ନିକଟରେ ଓଡ଼ିଶାକୁ ପ୍ରବେଶ କରିଛି ମହାନଦୀ। ଛତିଶଗଡ଼ରୁ ବୋହି ଆସି ଓଡ଼ିଶାର ଏହି ସୁଖାସୋଡ଼ାରେ ମହାନଦୀ ପ୍ରବେଶ କରିଥିବାରୁ ଏହି ଠାରୁ ବିଜେଡ଼ି ମହାନଦୀ ବଚାଓ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିଲା। ଏଥି ପାଇଁ ଆସନ୍ତା ୧୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଖିସୋଡ଼ା ଆସି ମହାନଦୀ ବଚାଓ ଆନ୍ଦୋଳନର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଝାରସୁଗୁଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଜେଡି ଶିବିର ଚଳଚଞ୍ଚଳ ହୋଇ ଉଠିଛି। ବିଜେଡିର ବରିଷ୍ଠ ନେତା ମାନେ ଆସି ଏଠାରେ ଡ଼େରା ପକାଇ ରହିଛନ୍ତି। ଏହି ଦିନ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଓ ବରଗଡ଼ ଦୁଇଟି ଜିଲ୍ଲାରେ ସାଧାରଣ ସଭା କରି ଛତିଶଗଡ଼ ବିଜେପି ସରକାରଙ୍କ ବିରୋଧରେ ଯୁଦ୍ଧ ଡାକରା ଦେବେ। ତେଣୁ ଆଜି ରାଜ୍ୟସଭା ବିଜେଡି ସଂସଦୀୟ ଦଳନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ସଂଜୟ ଦାଶ ବର୍ମା, ପ୍ରଣବ ପ୍ରକାଶ ଦାସ, ବିଜୁଛାତ୍ର ଜନତା ଦଳର ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ର, ଯୁବ ବିଜେଡି ରାଜ୍ୟ ସଭାପତି ଅମରେଶ ପତ୍ରୀ ମୁଖ୍ୟମନ୍ତ୍ରୀ କେଉଁ ସ୍ଥାନରେ ସଭା କରିବେ ତାହା ଅନୁଧ୍ୟାନ କରିଥିଲେ। ଓଡ଼ିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅନୁପ ସାଏ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ଝାରସୁଗୁଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ରବି ପାଣି ପ୍ରମୁଖ ଉପରୋକ୍ତ ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ କିଭଳି ବ୍ୟବସ୍ଥା କରାଯାଇଛି ସେ ନେଇ ଅବଗତ କରିଥିଲେ। ତେବେ ପୂର୍ବରୁ ସୁଖାସୋଡ଼ା ସ୍କୁଲ ପଡ଼ିଆରେ ମୁଖ୍ୟମନ୍ତ୍ରୀ ସଭା କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଆଜି ଶୁଖିଲା ନଦୀ ଶଯ୍ୟାରେ ସଭା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହାନଦୀ ପ୍ରସଙ୍ଗରେ ବିଜେଡି କୌଣସି ସାଲିସ କରିବ ନାହିଁ, ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା ମହାନଦୀର ପାଣି ସହିତ ରାଜ୍ୟର ୪ କୋଟି ଲୋକଙ୍କ ଭାବାବେଗ ଜଡ଼ିତ ରହିଛି। ତେଣୁ ମହାନଦୀ ବଞ୍ଚାଇବା ପାଇଁ ଦଳ ଶେଷ ନିଃଶ୍ୱାସ ଯାଏ ଏ ଲଢ଼େଇ କରିବ ବୋଲି ଉପରୋକ୍ତ ନେତା ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ସଭାରେ ଯୁବ ବିଜେଡି,ଛାତ୍ର ବିଜେଡିର କର୍ମକର୍ତ୍ତା ମାନଙ୍କୁ ଅଧିକ ସକ୍ରିୟ କରାଯାଇଛି। ଏହି ନେତା ମାନେ ଆଜି ସୁଖାସୋଡ଼ା ସଭାସ୍ଥଳ ଚୟନ ପରେ ମହୁଲପାଲି ନିର୍ମାଣାଧୀନ ନଦୀଘାଟ ପରିଦର୍ଶନ କରି ତଙ୍ଗାରେ ଆରପଟେ ଅମ୍ବାଭୋନା ନିକଟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ପରିଦର୍ଶନରେ ଯାଇଥିଲେ।

ଦୈନିକ 'ସମାଜ'ରେ ପ୍ରକାଶ ପାଇଥିବା ଏକ ରାଜନୈତିକ ରିପୋର୍ଟ

## ବିଧାନସଭା ରିପୋର୍ଟିଂ:

ରିପୋର୍ଟିଂର ଯେତେ ପ୍ରକାର ବିଟ୍ ରହିଛି, ସେଥିମଧ୍ୟରୁ ବିଧାନସଭା ବା ବ୍ୟବସ୍ଥାପକ ବା ସଂସଦ ରିପୋର୍ଟିଂକୁ ବେଶ ଗୁରୁତ୍ୱ ଦିଆଯାଏ। ବ୍ୟବସ୍ଥାପକ ସଭାର ମୁଖ୍ୟ କାମ ହେଲା- ଆଇନ ପ୍ରଣୟନ କରିବା । ଆଇନରେ ସଂଶୋଧନ ଆଣିବା । ତେଣୁ, ବିଧାନସଭାରେ ସବୁ ସମୟରେ ଶବ୍ଦ, ଯୁକ୍ତି, ଆଲୋଚନା ଓ ପର୍ଯ୍ୟାଲୋଚନା, ତର୍କ, ବିତର୍କ ଉପରେ ଗୁରୁତ୍ୱ ଦିଆଯାଇଥାଏ । ବିଧାନସଭା ରିପୋର୍ଟିଂକୁ ଯିବା ପୂର୍ବରୁ ଜଣେ ସାମ୍ବାଦିକ ସ୍ଥାନୀୟ ଆଇନ, ବିଧାନସଭା/ସଂସଦର କାର୍ଯ୍ୟ ପରିସର, ନିୟମାବଳୀ ସଂପର୍କରେ ଯଥେଷ୍ଟ ଧାରଣା ରଖିବା ଉଚିତ୍ । ଏହାଛଡ଼ା ବିଭିନ୍ନ ରାଜନୈତିକ ଦଳ, ନେତା ଏବଂ ଇତିହାସ ସଂପର୍କରେ ଜ୍ଞାନ ରହିବା ନିହାତି ଜରୁରୀ ।

ବିଧାନସଭା ରିପୋର୍ଟିଂଟି ବ୍ରେକିଂ ନିଉଜ୍ କହିଲା ପରି ନୁହେଁ । ବରଂ ଏଥିରେ ବିଭିନ୍ନ ଘଟଣାବଳୀ ସଂପର୍କିତ ପୂର୍ବ ଧାରଣା ରହିବା ଦରକାର । ତାହା ହେଲେ ଯାଇ ରିପୋର୍ଟିଂ ସମୟରେ ପ୍ରୋସିଡିଂ (ବା ବିଧାନସଭା ଚାଲୁଥିବା ସମୟର କାର୍ଯ୍ୟାବଳୀ) ବିଷୟରେ ଜାଣି ହେବ । ଅନେକ ସମୟରେ ବିଧାନସଭା ଭିତରେ ଦୂର ଦୂରାନ୍ତ ଇଲାକାର ଘଟଣା ସଂପର୍କରେ ଆଲୋଚନା ହୁଏ । ଭୌଗୋଳିକ ଜ୍ଞାନ ନଥିଲେ, ଜଣେ ସାମ୍ବାଦିକ ସେ ସଂପର୍କରେ କିଛି ଜାଣି ପାରିବ ନାହିଁ କିମ୍ବା ତାହା ଠିକଣା ଢଙ୍ଗରେ ତା'ର ରିପୋର୍ଟରେ ପ୍ରତିଫଳିତ ହେବ ନାହିଁ ।

ତେବେ ରିପୋର୍ଟିଂରେ ଯିବା ପୂର୍ବରୁ ଆମେ କେତେକ ବିଷୟରେ ଜାଣି ନେବା ନିହାତି ଦରକାର । ଯେମିତି-

### କ) ଶବ୍ଦକୁ ସର୍ବାଧିକ ସମ୍ମାନ ଦିଅ

ବିଧାନସଭା ବା ସଂସଦରେ କିଏ କଣ ଓ କେତେବେଳେ କହିଲା ତାହା ସର୍ବାଧିକ ମହତ୍ୱ ରଖେ । ଅବିକଳ ଶବ୍ଦକୁ ରିପୋର୍ଟିଂ କରିବା ଏହି ରିପୋର୍ଟିଂ ପ୍ରକାର ଭେଦରେ ନିହାତି ଜରୁରୀ । ଯଦି ତୁମେ ତା'କୁ କଦର୍ଥ କରୁଛ, ତେବେ ତୁମ ବିରୋଧରେ ଅବମାନନା ଆସିପାରେ ।

ପାର୍ଲିଆମେଣ୍ଟ ବା ସଂସଦ ନାମକ ଶବ୍ଦଟି ପାର୍ଲେମେଣ୍ଟ ନାମକ ନର୍ମାନ ଫ୍ରେଞ୍ଚ ଶବ୍ଦରୁ ଆସିଛି । ଯାହାର ଅର୍ଥ ଏକାଠି ହୋଇ ବାର୍ତ୍ତାଳାପ କରିବା । ଆଧୁନିକ ପାର୍ଲିଆମେଣ୍ଟ ୧୨୬୫ ମସିହାରେ ଇଂଲଣ୍ଡର ୱେଷ୍ଟମିନିଷ୍ଟରଠାରେ ପ୍ରଥମ ଥର ଏକାଠି ହୋଇଥିଲା । ଯେଉଁଥିରେ ଶାସକ ଓ ବିରୋଧୀ ଦଳ ସାମ୍ନାସାମ୍ନି ବସୁଥିଲେ । ପରଂପରା ଅନୁସାରେ, ସେମାନେ ଦୁଇଟି ଖଣ୍ଡା ଦୂରତାରେ ବସୁଥିଲେ । କିନ୍ତୁ ଉଭୟଙ୍କ ମଧ୍ୟରେ ଥିବା ଦୂରତାର ସମାଧାନ ହେଉଥିଲା ଶବ୍ଦରେ । ଅସ୍ତ୍ରଶସ୍ତ୍ରରେ ଜମାରୁ ନୁହେଁ । ଏବେ ବି ସଂସଦ ଓ ବିଧାନସଭା ଭିତରେ ଶାସକ ଓ ବିରୋଧୀ ସାମ୍ନାସାମ୍ନି ବସନ୍ତି ।

### ଖ) ବ୍ୟବସ୍ଥାପକ ସଭାର ଗୁରୁତ୍ୱ ଜଣାଅ

ଆମ ଦେଶ ପାଇଁ ବା ରାଜ୍ୟ ପାଇଁ ଆଇନ ପ୍ରଣୟନ କରିବା ବା ସେଥିରେ ସଂଶୋଧନ କରିବା ସଂସଦ ବା ବିଧାନସଭାର ମୁଖ୍ୟ କାମ । ଭାରତ ପାଇଁ ସଂସଦ ରହିଛି । ଓଡ଼ିଶା ପାଇଁ ରହିଛି ବିଧାନସଭା । ସଂସଦର ଦୁଇଟି ଗୃହ ରହିଛି । ଲୋକସଭା ଓ ରାଜ୍ୟସଭା । ଓଡ଼ିଶାରେ କିନ୍ତୁ ଗୋଟିଏ ଗୃହ ଅଛି ବିଧାନସଭା । ଯାହାକୁ ଇଂରାଜୀରେ 'ୟୁନିକାମେରାଲ୍' କୁହାଯାଏ । ଯଦି ରାଜ୍ୟ ବ୍ୟବସ୍ଥାପକ ସଭାରେ

ବିଧାନସଭା ଓ ବିଧାନ ପରିଷଦ ଆଦି ଦୁଇଟି ଗୃହ ରହି ଥାଆନ୍ତା, ତେବେ ତାହାକୁ 'ବାଇ-କାମେରାଲ୍' କୁହା ଯାଆନ୍ତା ।

ବେଳେ ବେଳେ ବିଧାନସଭାର କାର୍ଯ୍ୟାବଳୀ ଅଚାନକ ନାଟକୀୟ ମୋଡ଼ ନିଏ । ଏମିତି ବି ହୋଇପାରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସି ଗୃହୀତ ହୋଇଯାଇପାରେ । ତେଣୁ ରିପୋର୍ଟର ଜଣକ ବିଧାନସଭା ରିପୋର୍ଟିଂ ସମୟରେ ପ୍ରତି ମୁହୂର୍ତ୍ତରେ ସଚେତନ ଓ ଜାଗରୁକ ରହିବା ତା'ର ପ୍ରଥମ ଓ ପରମ କର୍ତ୍ତବ୍ୟ । ସେଥିରେ ଟିକିଏ ହେଳା କଲେ, ଆମେ ଜଣେ ବିଧାୟକଙ୍କ ଅଭିଭାଷଣର ଗୁରୁତ୍ୱପୂର୍ଣ୍ଣ ଅଂଶ ଜାଣି ପାରିବାନି । ଯାହା ରିପୋର୍ଟିଂରେ ବେଶ ଗୁରୁତର ସମସ୍ୟା ସୃଷ୍ଟି କରିବ । (ସଂସଦ ବା ବିଧାନସଭାର କାର୍ଯ୍ୟାବଳୀ ଓ ସେଥିରେ ବ୍ୟବହୃତ ଶବ୍ଦ ସଂପର୍କରେ ପର ଅଧ୍ୟାୟରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି ।)

**ଗ) ବିଭିନ୍ନ ରାଜ୍ୟ ବିଧାନସଭାର** ବା ଆମ ଦେଶରେ ସଂସଦର ଭିନ୍ନ ଭିନ୍ନ ନିୟମ ରହିଛି । ତା'କୁ ଆଗ ଜାଣ। ସଂସଦର ଉଭୟ ଗୃହର କାର୍ଯ୍ୟାବଳୀ ସିଧାପ୍ରସାରଣ ପାଇଁ ଲୋକସଭା ଓ ରାଜ୍ୟସଭା ନାମକ ଦୁଇଟି ସ୍ୱତନ୍ତ୍ର ଟିଭି ଚ୍ୟାନେଲ୍ ରହିଛି । କିନ୍ତୁ ୨୦୧୬ ମସିହା ବେଳକୁ ଓଡ଼ିଶା ବିଧାନସଭାରେ କେବଳ ପ୍ରଶ୍ନୋତ୍ତର କାର୍ଯ୍ୟର ସିଧାସଳଖ ପ୍ରସାରଣ ନିମନ୍ତେ ଅନୁମତି ମିଳିଛି । ସେହିପରି ବ୍ୟବସ୍ଥାପକ ଅବମାନନା ଆଦି ନିୟମ ସଂପର୍କରେ ପର୍ଯ୍ୟାପ୍ତ ଜ୍ଞାନ ରଖ । ବିଧାନସଭାର କାର୍ଯ୍ୟାବଳୀର ଭୁଲ ରିପୋର୍ଟିଂ ହେଲେ ବେଳେ ବେଳେ ବିଧାନସଭା ଏହା ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରେ । କ୍ୟାମେରାର ବ୍ୟବହାର, ରେକର୍ଡ଼ିଂ କେତେବେଳେ ହୋଇପାରିବ, ସେ ସଂପର୍କରେ ତଥ୍ୟ ସଂଗ୍ରହ କରି ହିଁ ରିପୋର୍ଟିଂ ଆରମ୍ଭ କର ।

**ଘ) ସ୍ପଷ୍ଟ ହୁଅ ଏବଂ ଉଦ୍ଦେଶ୍ୟ ସଂପର୍କରେ ଜାଣ**

ବିଧାନସଭା ରିପୋର୍ଟିଂରେ ତୁମକୁ ଅନେକ ନୂଆ ନୂଆ ଶବ୍ଦ ଜାଣିବାକୁ ପଡ଼ିବ । ଯେମିତି ଶୂନ୍ୟକାଳ, ପ୍ରଶ୍ନକାଳ, ମୁଲତବୀ ପ୍ରସ୍ତାବ ଇତ୍ୟାଦି । ତେବେ ପାଠକ ବା ଦର୍ଶକ ବା ଶ୍ରୋତା ଯେମିତି ତୁମେ ଲେଖୁଥିବା ପ୍ରତିଟି ଶବ୍ଦକୁ ବିନା ଦ୍ୱନ୍ଦ୍ୱରେ ବୁଝି ପାରିବ, ସେଇ ଭାଷାରେ ଲେଖ । ଏହାକୁ ଖୁବ ସହଜ ଓ ସରଳ ଢଙ୍ଗରେ କୁହ। ସେଥିରେ ନିଜର ମତାମତ ଦିଅ ନାହିଁ । ବିଧାନସଭା କାର୍ଯ୍ୟାବଳୀ ଲେଖୁଥିବା ବେଳେ ନିର୍ଦ୍ଦିଷ୍ଟ ଘଟଣାକୁ ନେଇ କୌଣସି ଜଣେ ବିଧାୟକଙ୍କ ଯୁକ୍ତି ତୁମକୁ ହୁଏତ ଭଲ ଲାଗିପାରେ । ମାତ୍ର ତାହା ତୁମର ବ୍ୟକ୍ତିଗତ ପସନ୍ଦ । ତା'କୁ ରିପୋର୍ଟରେ କୌଣସି ବାଗରେ ପ୍ରତିଫଳିତ କର ନାହିଁ । ସମସ୍ତ ପକ୍ଷର ଯୁକ୍ତି ସଠିକ ଢଙ୍ଗରେ ନେଇ ପାଠକଙ୍କ ପାଖରେ ଥୋଇ ଦିଅ । କେଉଁଟି ଭଲ, କେଉଁଟି ଖରାପ- ସେ ସଂପର୍କିତ ନିଷ୍ପତ୍ତି ତୁମେ ପାଠକଙ୍କ ଉପରେ ଛାଡ଼ି ଦିଅ।

**ଙ) ରାଜନେତାଙ୍କୁ ମାପିଚୁପି ରିପୋର୍ଟ କର**

ବିଧାନସଭା ଚାଲିଥିବା ବେଳେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅନେକ ସମୟରେ ରାଜନେତାମାନେ ଚେଷ୍ଟା କରନ୍ତି । ଏଥିପାଇଁ ସେମାନେ ଅନେକ ଉପାୟ ଆପଣାନ୍ତି । ତୁମେ କିନ୍ତୁ ତା'କୁ ପରଖ । ପରେ ଯାଇ ସଠିକ ତଥ୍ୟ ଲୋକଙ୍କ ପାଖକୁ ନିଅ । ଏଇଠି ଗୋଟେ ଉଦାହରଣ ଦେଇ ଦେଲେ ଭଲ ହେବ । ମହେଶ୍ୱର ମହାନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ଥିଲା ବେଳେ ତାଙ୍କ ମାଇକ୍

ବିରୋଧୀ ଦଳ ବିଧାୟକମାନେ ଭାଙ୍ଗିବା ପ୍ରସଙ୍ଗ ଉଠିଲା । ଏଥିପାଇଁ ବିରୋଧୀ ଦଳର ତିନି ଜଣ ବିଧାୟକଙ୍କୁ ସମୁଦାୟ ୬୦ ହଜାର ଟଙ୍କା ଜୋରିମାନା କରାଗଲା । ବିରୋଧୀ କିନ୍ତୁ ଏଇଠି ନୂଆ ଚାଲ୍ ଖେଳିଲେ । ସେମାନେ ଜୋରିମାନା ଦେବାକୁ ବିରୋଧ କରୁଥିଲେ । ତେଣୁ ବିରୋଧୀ ସଦସ୍ୟମାନେ ୬୦ ହଜାର ଟଙ୍କାର ଖୁଚୁରା ନେଇ ବିଧାନସଭା ଭିତରେ ରଖିଲେ । ଜୋରିମାନା ଭାବେ ଖୁଚୁରା ଗଣି ନେବାକୁ ଦାବି କଲେ । ଯାହା ସେତେବେଳେ ଗଣମାଧ୍ୟମରେ ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା । ରାଜନୈତିକ ଦଳର ନେତାମାନେ ସବୁବେଳେ ତାଙ୍କ କଥା କେମିତି ଗଣମାଧ୍ୟମ ରିପୋର୍ଟ କରିବ, ସେ ନେଇ ଯତ୍ନବାନ ଥାଆନ୍ତି । ବିଧାନସଭା ଭିତରେ ଗୋଟେ କଥା କହି, ବାହାରେ ତା'କୁ ରଙ୍ଗ ଦେଇ କହି ବି ପାରନ୍ତି । ତୁମେ ଉଭୟକୁ ପରଖି ରିପୋର୍ଟ ଲେଖ ।

### ଚ) ନିଜ ନୋଟିଂ ଠିକ୍ ରଖ

ବିଧାନସଭା କାର୍ଯ୍ୟାବଳୀ ରିପୋର୍ଟିଂ କଲା ବେଳେ ଅନେକ ବିଧାୟକ ଏକା ପ୍ରସଙ୍ଗରେ ଭିନ୍ନ ଭିନ୍ନ ମତ ରଖନ୍ତି । ତା'କୁ ତୁମକୁ ଟିପି ରଖିବାକୁ ପଡ଼ିବ । ତେଣୁ ସଠିକ ତଥ୍ୟ ହିଁ ଟିପ । ଯଦି କେଉଁଠି ସନ୍ଦେହ ହେଉଛି, ବିଧାନସଭାର ରିପୋର୍ଟିଂ କରୁଥିବା ଅନ୍ୟ ରିପୋର୍ଟରଙ୍କୁ ପଚାରି ବୁଝ । ବିଧାନସଭା ପ୍ରୋସିଡିଂ ଲେଖିବା ପାଇଁ ବିଧାନସଭାର ନିଜସ୍ୱ ରିପୋର୍ଟର ବି ଥାଆନ୍ତି । ତାଙ୍କଠାରୁ ତଥ୍ୟ ଠିକ କରେଇ ନିଅ।

### ଛ) ଆକର୍ଷଣୀୟ ରିପୋର୍ଟ ଲେଖ

ବିଧାନସଭାର କାର୍ଯ୍ୟାବଳୀ ଆପଣଙ୍କୁ ଅନେକ ସମୟରେ ବୋରିଂ ଲାଗି ପାରେ । ଏକ ନିର୍ଦ୍ଧିଷ୍ଟ ଘଟଣା ଉପରେ ଲମ୍ବା ସମୟ ଧରି ତର୍କ, ବିତର୍କ ଚାଲେ । ତୁମକୁ ଯଦି ବୋର୍ ଲାଗୁଛି, ତେବେ ପାଠକଙ୍କୁ ତାହା ଆଦୌ ନ ଲାଗିବା ଉଚିତ୍ । ସେହି ଅନୁସାରେ ରିପୋର୍ଟ ଲେଖ । ମଜାଦାର ଘଟଣା ପାଇଁ ତୁମେ ଡାଏରୀ ବି ଲେଖି ପାର । ମନେ ରଖ ଦୀର୍ଘ ଦିନର ଲଢେଇ ପରେ ବ୍ୟବସ୍ଥାପକ ସଭାର ରିପୋର୍ଟିଂ ପାଇଁ ସାମ୍ବାଦିକମାନଙ୍କୁ ସୁଯୋଗ ମିଳିଥିଲା । ତାହାର ମର୍ଯ୍ୟାଦା ରକ୍ଷା କରିବା ଦରକାର ।

### ଆଇନ ପ୍ରଣୟନ ସମ୍ବନ୍ଧୀୟ ଶବ୍ଦ

**ଆକ୍ଟ (ଆଇନ) :** ବିଧାନସଭା/ବିଧାନ ପରିଷଦ କିମ୍ବା ସଂସଦ (ଗୃହ) ଦ୍ୱାରା ଗୃହୀତ ଯେକୌଣସି ବିଲ୍ ବା ବିଧେୟକ । ଗୃହର ମୁଖ୍ୟ କାର୍ଯ୍ୟ ଆଇନ ପ୍ରଣୟନ ହୋଇଥିବାରୁ ଏହାକୁ ସର୍ବାଧିକ ଗମ୍ଭୀରତାର ସହ ନିଆଯାଏ ।

**ଆଡ଼ଜର୍ଣ୍ଣ (ମୁଲତବୀ) :** ଗୃହ ବନ୍ଦ ହେବା ସମୟ । ଏଥିରେ ପୁନର୍ବାର ଗୃହ ମିଳିତ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଥାଏ ।

**ଆଡ଼ଜର୍ଣ୍ଣ ସାଇନ୍-ଏ-ଡାଏ (ଅନିର୍ଦ୍ଧିଷ୍ଟକାଳ ପାଇଁ ମୁଲତବୀ):** ଗୃହର କୌଣସି ନିର୍ଦ୍ଧିଷ୍ଟ ଅଧିବେଶନର ଶେଷ । ସେତେବେଳେ ଗୃହର ପୁନର୍ବାର କେବେ କେବେ ବୈଠକ ଡକାଯିବ, ତାହା ଠିକଣା ହୋଇ ନଥାଏ ।

**ଆଡପ୍ଟ (ଗ୍ରହଣ):** କୌଣସି ବିଷୟକୁ ଗ୍ରହଣ କରିନେବା ଆଡପ୍ଟେଡ୍ ଆଣ୍ଡ ଏନ୍‌ଗ୍ରସ୍‌ଡ୍ : କୌଣସି ବିଧେୟକକୁ ତାହାର ସଂଶୋଧନ ପ୍ରସ୍ତାବ ସହିତ ସମୁଦାୟ ଭାବେ ଗ୍ରହଣ କରିନେବା । ଆଡ଼ଜର୍ଣ୍ଣମେଣ୍ଟ ମୋସନ୍ (ମୁଲତବୀ ପ୍ରସ୍ତାବ): କୌଣସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ନିମନ୍ତେ ଧାର୍ଯ୍ୟ ହୋଇଥିବା ସମୟ । ଏଥିରେ ଗୃହର ବାକି ସମସ୍ତ ଦୈନନ୍ଦିନ କାର୍ଯ୍ୟ ବନ୍ଦ ରଖି ଏହି ବିଷୟ ଉପରେ ଆଲୋଚନା କରାଯାଏ । ବିରୋଧୀ ଦଳ ହିଁ ମୁଲତବୀ ପ୍ରସ୍ତାବ ଆଣିଥାଏ ।

**ଏଜେଣ୍ଡା (କାର୍ଯ୍ୟସୂଚୀ):** ଗୃହ ନିର୍ଦ୍ଦିଷ୍ଟ ଏକ କାର୍ଯ୍ୟ ଦିବସରେ ଯେଉଁ ଅନୁସାରେ ପରିଚାଳିତ ହେବ ତାହାକୁ ଏଜେଣ୍ଡା କୁହାଯାଏ । ଏଥିରେ ସେହିଦିନ ନିମନ୍ତେ ସମସ୍ତ ପ୍ରସ୍ତାବ ଓ ବିଧେୟକ, ପ୍ରଶ୍ନୋତ୍ତର ଆଦି ସ୍ଥାନ ପାଇଥାଏ ।

**ଆମେଣ୍ଡ (ସଂଶୋଧନ):** ନିର୍ଦ୍ଦିଷ୍ଟ ଏକ ବିଷୟ ଉପରେ ଔପଚାରିକ ଭାବେ ଅଣାଯାଇଥିବା ପରିବର୍ତ୍ତନର ତାଲିକା । ଗୃହ ତାହାକୁ ଗ୍ରହଣ କରିପାରେ କିମ୍ବା ଗ୍ରହଣ କରି ନ ପାରେ ।

**ଆମେଣ୍ଡମେଣ୍ଟ ପ୍ରପୋଜାଲ୍ (ସଂଶୋଧନ ପ୍ରସ୍ତାବ):** ସାଧାରଣତଃ ବିଧେୟକ ଆଲୋଚନା ସମୟରେ ଅଣା ଯାଇଥିବା ପରିବର୍ତ୍ତନର ତାଲିକା ଏଥିରେ ଅନ୍ତର୍ଭୁକ୍ତ । ଉଭୟ ଶାସକ ଏବଂ ବିରୋଧୀ ସଭ୍ୟ କୌଣସି ବିଧେୟକ ଉପରେ ସଂଶୋଧନ ପ୍ରସ୍ତାବ ଦେଇ ଥାଆନ୍ତି । ଗୃହର ମତ ଅନୁସାରେ ଏହା ଗ୍ରହଣ କରାଯାଇଥାଏ କିମ୍ବା ଖାରଜ ହୋଇଥାଏ ।

**ଆପିଲ୍ ଫ୍ରମ୍ ଡିସିସନ୍ ଅଫ୍ ଦି ଚେୟାର୍:** ଗୃହରେ ଅଧ୍ୟକ୍ଷଙ୍କ କୌଣସି ନିଷ୍ପତ୍ତି ବଦଳାଇବା ନିମନ୍ତେ ପୁନର୍ବାର ଦାବି ଉଠାଇବା ।

**ଆପ୍ରୋପିଏସନ୍ (ବ୍ୟୟ ମଂଜୁରୀ ବିଲ୍):** କୌଣସି ଏକ ଆର୍ଥିକ ବର୍ଷ ନିମନ୍ତେ ନିର୍ଦ୍ଦିଷ୍ଟ ପରିମାଣର ଖର୍ଚ୍ଚ କରିବା ପାଇଁ ସରକାରଙ୍କୁ କ୍ଷମତା ପ୍ରଦାନ ନିମନ୍ତେ ଅଣାଯାଇଥିବା ପ୍ରସ୍ତାବ । ସଂସଦରେ ଅର୍ଥ ସଂପର୍କୀୟ ବିଧେୟକ କେବଳ ଲୋକସଭାରେ ଆଗତ ହୁଏ । ରାଜ୍ୟସଭାରେ ନୁହେଁ ।

**ବାଇକାମେରାଲ୍ (ଦୁଇ ସଦନ ବିଶିଷ୍ଟ) :** ଯେଉଁ ରାଜ୍ୟରେ ଉଭୟ ବିଧାନସଭା ଓ ବିଧାନ ପରିଷଦ ରହିଥାଏ, ସେଠାକାର ଆଇନ ପ୍ରଣୟନାକରୀ ଅନୁଷ୍ଠାନକୁ ବାଇକାମେରାଲ୍ ବୋଲି କୁହାଯାଏ ।

**ବିଲ୍ (ବିଧେୟକ):** ଏହା ଏକ ପ୍ରସ୍ତାବିତ ଆଇନ । ଯାହା ଗ୍ରହଣ କରିବା ପାଇଁ ଗୃହରେ ଉପସ୍ଥାପନା କରାଯାଇଥାଏ । ଗୃହ ଏହାକୁ ସଭ୍ୟଙ୍କ ସଂଖ୍ୟାଧିକ ମତ ଅନୁସାରେ ଗ୍ରହଣ କରିପାରେ କିମ୍ବା ନ କରିପାରେ । ଏହାକୁ କେବଳ ସରକାର ଆଗତ କରନ୍ତି । ପ୍ରାଇଭେଟ୍ ମେମ୍ବରସ୍ ବିଲ୍ କ୍ଷେତ୍ରରେ ଯେ କୌଣସି ସଭ୍ୟ କୌଣସି ବିଧେୟକ ଆଗତ କରିବାର କ୍ଷମତା ରଖନ୍ତି । ତେବେ ତାହା ବିଶେଷ ଦେଖିବାକୁ ମିଳେ ନାହିଁ ।

**ବିଲ୍ ହିଷ୍ଟ୍ରି (ବିଧେୟକ ଇତିହାସ):** କୌଣସି ବିଧେୟକ ଉପରେ ସରକାର ପୂର୍ବରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାର ତାଲିକା ।

**ବିଲ୍ ଇଣ୍ଡେକ୍ସ (ବିଧେୟକ ସୂଚୀ):** ଗୃହର ନିର୍ଦ୍ଦିଷ୍ଟ ଅଧିବେଶନରେ ଆଗତ କରିବା ପାଇଁ ସରକାର ପ୍ରସ୍ତୁତ କରିଥିବା ବିଧେୟକ ତାଲିକା ।

**ବ୍ରିଚ୍ (ଲଂଘନ କରିବା):** ପ୍ରଣୟନ ହୋଇଥିବା ଆଇନ, ନିୟମ ଭଙ୍ଗ କରିବା ।

**କ୍ୟାଲେଣ୍ଡର୍ :** ଗୃହ ଯେଉଁସବୁ କାର୍ଯ୍ୟ କରିବ, ତାହାର ପୂର୍ବ ପ୍ରସ୍ତୁତ ଏକ ସାରଣୀ ।

**କଲ୍ ଅଫ୍ ଦି ହାଉସ୍ (ଅଧିବେଶନ ଡାକିବା):** ନିର୍ଦ୍ଦିଷ୍ଟ ଅଧିବେଶନ ନିମନ୍ତେ ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା । ବିଧାନସଭା ସଚିବାଳୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ/ ବିଭାଗ ଏହା ପ୍ରସ୍ତୁତ କରିଥାଏ । ପରେ ରାଜ୍ୟପାଳଙ୍କ ଅନୁମତି ପରେ ଗୃହର ଅଧିବେଶନ ଡକାଯାଏ ।

**କଲ୍ ଟୁ ଅର୍ଡ଼ର୍ :** ଗୃହ କାର୍ଯ୍ୟ ଚାଲିଥିବା ବେଳେ କୌଣସି ପ୍ରକାର ବିଶୃଙ୍ଖଳା ବନ୍ଦ କରିବା । ବାଚସ୍ପତି, ଉପ-ବାଚସ୍ପତି କିମ୍ବା ଗୃହରେ ଅଧ୍ୟକ୍ଷତା କରୁଥିବା ସଦସ୍ୟ ଏହି ପଦକ୍ଷେପ ନେଇ ଥାଆନ୍ତି।

**ଚେୟାର (ଅଧ୍ୟକ୍ଷ) :** ଗୃହର ଅଧ୍ୟକ୍ଷ ହେଉଛନ୍ତି ବାଚସ୍ପତି । ତାଙ୍କ ଅନୁପସ୍ଥିତିରେ ଉପ-ବାଚସ୍ପତି କାମ ଚଳାନ୍ତି । ଏହାବାଦ୍ ବରିଷ୍ଠ ସଭ୍ୟମାନଙ୍କର ଏକ ତାଲିକା ପ୍ରସ୍ତୁତ ହୋଇ ରହିଥାଏ, ଯେଉଁମାନେ ଗୃହରେ ଅଧ୍ୟକ୍ଷତା କରି ଥାଆନ୍ତି ।

**ଚାମ୍ବର୍ :** ଯେଉଁଠାରେ ଗୃହ କାର୍ଯ୍ୟ ଚାଲେ । ଏହାକୁ ଫ୍ଲୋର୍ ଅଫ୍ ଦି ହାଉସ୍ ବୋଲି ମଧ୍ୟ କୁହାଯାଏକ।

**କମିଟି:** ଗୃହର ନିର୍ଦ୍ଦିଷ୍ଟ ସଦସ୍ୟମାନଙ୍କୁ ନେଇ ଏହା ଗଠିତ । ଗୃହର ବିଭିନ୍ନ କମିଟି ଥାଏ । ଯେମିତି ସଦାଚାର କମିଟି, ସାଧୀକାର କମିଟି, ସ୍ଥାୟୀ କମିଟି ଇତ୍ୟାଦି । ନିର୍ଦ୍ଦିଷ୍ଟ ବିଷୟ ନିର୍ଦ୍ଧାରିତ କମିଟି ପାଖକୁ ଯାଇଥାଏ ।

**କନ୍‌ଭେନ୍ (ଗୃହ ଡକାଯିବା) :** ଗୃହର ବୈଠକ ସରକାରୀ ଭାବେ ଡାକିବା । ଏହାକୁ ଅଧିବେଶନ ଆରମ୍ଭ ମଧ୍ୟ କହନ୍ତି ।

**କନଷ୍ଟିଚ୍ୟୁଏନ୍‌ସି (ନିର୍ବାଚନମଣ୍ଡଳୀ) :** ନିର୍ଦ୍ଧାରିତ ଇଲାକା, ଯେଉଁଠାର ଲୋକମାନେ ଜଣେ ଲୋକ ପ୍ରତିନିଧିଙ୍କୁ ନିର୍ବାଚିତ କରି ଥାଆନ୍ତି । ଲୋକସଭା ଏବଂ ବିଧାନସଭା ପାଇଁ ଅଲଗା ଅଲଗା ନିର୍ବାଚନମଣ୍ଡଳୀ ରହିଥାଏ ।

**ଡେ ସର୍ଟନ୍ :** କୌଣସି ଏକ ଦିନରେ କୌଣସି କାରଣବଶତଃ ଗୃହର କାର୍ଯ୍ୟ ବନ୍ଦ ରଖି, ପରଦିନ ପୁଣି ବୈଠକ ଡାକିବା ।

**ଡିବେଟେବଲ୍ (ଆଲୋଚନା ସଂପର୍କିତ)**: ଗୃହରେ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ପାଇଁ ସ୍ଥିର ହୋଇଥିବା ବିଷୟ ।

**ଡିବେଟ୍ (ଆଲୋଚନା)** : କୌଣସି ଏକ ବିଷୟକୁ ନେଇ ବିଭିନ୍ନ ସଦସ୍ୟମାନେ ନିଜର ମତ ରଖିବା।

**ଡିସେଣ୍ଟ (ମତଭେଦ)** : କୌଣସି ବିଷୟରେ ଏକାଧିକ ମତ ପ୍ରକାଶ ପାଇବା ।

**ଇଫେକ୍ଟିଭ୍ ଡେଟ୍**: ଯେଉଁ ତାରିଖରେ ବିଧେୟକଟି ଆଇନ ଭାବେ ଗ୍ରହର ହେବା ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥାଏ ।

**ଏନାକ୍ଟମେଣ୍ଟ (ଆଇନ ଲାଗୁ)** : ଉଭୟ ଗୃହ ଦ୍ୱାରା ବିଧେୟକ ପାରିତ ହେବା ସହତ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ସହିତ ଏହା କାର୍ଯ୍ୟକାରୀ ହେବା ।

**ଏଥିକ୍ସ (ସଦାଚାର)**: ଗୃହର ସଦସ୍ୟମାନଙ୍କ ଆଚାର ସଂହିତା ।

**ଏକ୍ସପଲସନ୍ (ବହିଷ୍କାର)**: ଗୃହରେ ପ୍ରସ୍ତାବ ଆଗତ କରି କୌଣସି କିମ୍ବା ଏକାଧିକ ସଦସ୍ୟଙ୍କୁ ଗୃହରୁ ଦିନେ କିମ୍ବା ଏକାଧିକ ଦିନ ପାଇଁ ନିକାଲି ଦେବା ।

**ଫାଷ୍ଟ ରିଡ଼ିଙ୍ଗ୍**: ବିଧେୟକ ଆଗତ ସମୟରେ ଏହା କରାଯାଇଥାଏ । ବିଭାଗୀୟ ମନ୍ତ୍ରୀ ପ୍ରଥମେ ଏହା ଉପସ୍ଥାପନ କରିବାକୁ ଫାଷ୍ଟ ରିଡ଼ିଙ୍ଗ୍ ବୋଲି କୁହାଯାଏ ।

**ଫ୍ଲୋର୍ ଅଫ୍ ଦି ହାଉସ୍**: ଯେଉଁଠାରେ ଗୃହ କାର୍ଯ୍ୟ ଚାଲିଥାଏ । ସେଠାରେ ଉଭୟ ସରକାରୀ, ବିରୋଧୀ ଓ ଅନ୍ୟାନ୍ୟ ସଦସ୍ୟଙ୍କ ନିମନ୍ତେ ବସିବା ପାଇଁ ସ୍ଥାନ ଥାଏ ।

**ଫ୍ଲୋର୍ ରିଜୋଲ୍ୟୁସନ୍**: ଏକ ପ୍ରସ୍ତାବ ଯାହାକୁ ସମୁଦାୟ ଗୃହ ସମର୍ଥନ ଜଣାଇ ଥାଏ । ଏହା କାହା ସମ୍ମାନରେ, ରାଜ୍ୟ କିମ୍ବା ଦେଶର ସ୍ୱାର୍ଥରେ କିମ୍ବା ଶ୍ରଦ୍ଧାଞ୍ଜଳି ଜଣାଇ ଆଗତ ହୁଏ ।

**ଗ୍ୟାଲେରୀ**: ଯେଉଁଠାରେ ସାଂସଦ/ବିଧାୟକଙ୍କ ବିନା ଅନ୍ୟମାନେ ବସି ଗୃହ କାର୍ଯ୍ୟ ଦେଖି ପାରନ୍ତି । ସରକାରୀ ଅଧିକାରୀଙ୍କ ଭିନ୍ନ ଗ୍ୟାଲେରୀ ଥିବା ବେଳେ ଗଣମାଧ୍ୟମ ନିମନ୍ତେ ଭିନ୍ନ ଗ୍ୟାଲେରୀ ଥାଏ । ସେହିପରି ଦର୍ଶକଙ୍କ ପାଇଁ ଗ୍ୟାଲେରୀ, ବାଚସ୍ପତିଙ୍କ ଗ୍ୟାଲେରୀ ଇତ୍ୟାଦି ଗୃହ ମଧ୍ୟରେ ରହିଥାଏ ।

**ଗଭର୍ଣ୍ଣର (ରଜ୍ୟାପାଳ)**: ରାଜ୍ୟର ମୁଖ୍ୟ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ।

**ହିଅରିଙ୍ଗ୍:** କୌଣସି ନିର୍ଦ୍ଦିଷ୍ଟ କମିଟି ଦ୍ୱାରା ଏକ ନିର୍ଦ୍ଦିଷ୍ଟ ବିଷୟରେ ବ୍ୟକ୍ତି ବିଶେଷଙ୍କଠାରୁ ମତ ଗ୍ରହଣ କରିବା । କମିଟି ନିଜ ଅନୁସାରେ ଏଥିପାଇଁ ସରକାରୀ ଅଧିକାରୀ କିମ୍ବା ସାଧାରଣ ଜନତାଙ୍କୁ ଡାକି ପାରେ ।

**ଇଣ୍ଟରିମ୍:** ଦୁଇଟି ଅଧିବେଶନ ମଧ୍ୟରେ ଥିବା ସମୟ ।

**ଇଣ୍ଟ୍ରଡକ୍ସନ୍ ଅଫ୍ ବିଲ୍:** ଗୃହର କାର୍ଯ୍ୟସୂଚୀ ଅନୁସାରେ ବିଧେୟକ ବା ବିଲ୍ ଆଗତ କରାଯିବା । କେଉଁ ଅଧିବେଶନରେ କେଉଁ ବିଲ୍ ଆଗତ ହେବ, ସରକାର ତା'କୁ ଆଗରୁ ସ୍ଥିର କରି ଥାଆନ୍ତି ।
**ଜଏଣ୍ଟ କମିଟି (ଯୁଗ୍ମ କମିଟି):** ଉଭୟ ଗୃହର ସଦସ୍ୟମାନଙ୍କୁ ନେଇ ଗଠିତ କମିଟି । କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଆସିଲେ ଏହା ଗଠନ କରାଯାଇଥାଏ ।

**ଜର୍ଣ୍ଣାଲ୍ :** ଗୃହର କାର୍ଯ୍ୟବିଧିର ସରକାରୀ ନଥି ।

**ଲେଜିସ୍‌ଲେଟିଭ୍ ମାନୁଆଲ୍:** ଗୃହ ଯେଉଁ ଅନୁସାରେ ଚାଲିବ, ଯେଉଁ ଆଇନ ଅନୁସାରେ ପରିଚାଳିତ ହେବ, ସେଥିପାଇଁ ପ୍ରସ୍ତୁତ କରାଯାଇଥିବା ପୁସ୍ତିକା ।

**ଲେଜିସ୍‌ଲେଟିଭ୍ ରିପୋର୍ଟ:** କୌଣସି ଅଧିବେଶନ ସମୟରେ ଗୃହ ଯେଉଁସବୁ କାର୍ଯ୍ୟ କରିଥାଏ, ତାହାର ଏକ ଚୂଡ଼ାନ୍ତ ତାଲିକା ।

**ଲେଜିସ୍‌ଲେଟର:** ନିର୍ବାଚିତ ପ୍ରତିନିଧି ।

**ଲେଫ୍‌ଟନାଣ୍ଟ ଗଭର୍ଣ୍ଣର:** କେନ୍ଦ୍ର ଶାସିତ ଅଞ୍ଚଳର ରାଜ୍ୟପାଳ ।

**ମେଜରିଟି ପାର୍ଟି (ସଂଖ୍ୟା ଗରିଷ୍ଠ ଦଳ):** ଯେଉଁ ଦଳ ଗୃହରେ ସର୍ବାଧିକ ଆସନ ଜିତିଥାଏ ।

**ମେମ୍ବର୍ (ସଦସ୍ୟ):** ନିର୍ବାଚିତ ପ୍ରତିନିଧି ଶପଥ ନେବା ପରେ ତାଙ୍କୁ ଗୃହର ସଦସ୍ୟ ଭାବେ ଗ୍ରହଣ କରାଯାଇଥାଏ ।

**ମୋସନ୍ (ପ୍ରସ୍ତାବ):** କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗୃହରେ ଆଲୋଚନା ନିମନ୍ତେ ଆଗତ ବିଷୟ ।

**ମୋସନ୍ ଟୁ ରିକନ୍‌ସିଡର୍:** କୌଣସି ପ୍ରସ୍ତାବ ସଂପର୍କରେ ଆଲୋଚନା ସରିବା ପରେ ସଦସ୍ୟମାନେ ତାହା ଉପରେ ପୁନର୍ବାର ଆଲୋଚନା ପାଇଁ ଦାବି କରିପାରନ୍ତି । ଏଥିପାଇଁ ଗୃହର ଏକ ଦଶମାଂଶ ସଦସ୍ୟଙ୍କ ମତର ଆବଶ୍ୟକତା ହୋଇଥାଏ । ଯଦି ଏକ ଦଶମାଂଶ ସଦସ୍ୟ ପୁନଃ ଆଲୋଚନା ନିମନ୍ତେ ପ୍ରସ୍ତାବ ରଖନ୍ତି, ତେବେ ଗୃହର ଅଧ୍ୟକ୍ଷ ତାହାକୁ ଗ୍ରହଣ କରି ନିଅନ୍ତି ।

**ମୁଭ୍:** ବିଧେୟକ କିମ୍ବା ପ୍ରସ୍ତାବ ଆଗତ ସମୟରେ ଗୃହର ଅଧ୍ୟକ୍ଷଙ୍କ ଅନୁମତି ସହ ଆଗତ କରିବା ।

**ନୋ କନ୍‌ଫିଡେନ୍‌ସ ମୋସନ୍ (ଅନାସ୍ଥା ପ୍ରସ୍ତାବ):** ସରକାରଙ୍କ ବିରୋଧରେ ଏହା ଆଗତ କରାଯାଏ । ଯେତେବେଳେ ସରକାର ଗୃହରେ ସଂଖ୍ୟା ଗରିଷ୍ଠତା ହରାନ୍ତି କିମ୍ବା ହରାଇବାର ପରିସ୍ଥିତି ସୃଷ୍ଟି ହୁଏ, ସେତେବେଳେ ବିରୋଧୀ ସଦସ୍ୟମାନେ ଏହା ଆଗତ କରନ୍ତି । ଯଦି ସରକାର ସେହି ଭୋଟରେ ପରାଜିତ ହୁଅନ୍ତି, ତେବେ ସରକାରଙ୍କୁ ଇସ୍ତଫା ଦେବାକୁ ହୁଏ ।

**ଓଥ୍ ଅଫ୍ ଅଫିସ୍:** ଗୃହର ସଦସ୍ୟ ହେବା ପୂର୍ବରୁ ବିଧାୟକ କିମ୍ବା ସାଂସଦମାନଙ୍କ ଶପଥ ଗ୍ରହଣ । ବାଚସ୍ପତି ତାଙ୍କୁ ଏହି ଶପଥ ପାଠ କରାଇ ଥାଆନ୍ତି ।

**ଅର୍ଡ଼ର ଅଫ୍ ବିଜିନେସ୍:** ଗୃହର ଦୈନନ୍ଦିନ କାର୍ଯ୍ୟସୂଚୀ ।

**ପାର୍ଲିଆମେଣ୍ଟ (ସଂସଦ):** ଏହା ଆଇନ ପ୍ରଣୟନ କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସଂସ୍ଥା । ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ନେଇ ଏହା ଗଠିତ । ଉଭୟ ଗୃହର ବୈଠକ ଡାକିବାର କ୍ଷମତା କେବଳ ରାଷ୍ଟ୍ରପତିଙ୍କର ରହିଛି ।

**ପାର୍ଲିଆମେଣ୍ଟାରି ଇନକ୍ୱାରି:** କୌଣସି ବିଷୟରେ ଆଲୋଚନା ସମୟରେ ଅଧିକ ତଥ୍ୟ ନିମନ୍ତେ ଗୃହର ଅଧ୍ୟକ୍ଷଙ୍କଠାରୁ ସ୍ୱଷ୍ଟୀକରଣ ଲୋଡ଼ିବା ।

**ପାସେଜ୍ ଅଫ୍ ବିଲ୍:** ସରକାର ଆଗତ କରିଥିବା ବିଲ୍ ଯେଉଁ ପ୍ରକ୍ରିୟାରେ ଗୃହର ସମ୍ମତି ଲାଭ କରିଥାଏ ।

**ପର୍ ଡିମ୍:** ସଦସ୍ୟମାନଙ୍କ ଭତ୍ତା ।

**ପିଟିସନ୍:** ବିଧିବଦ୍ଧ ଭାବେ ଦିଆଯାଇଥିବା ଦରଖାସ୍ତ ।

**ପଏଣ୍ଟ ଅଫ୍ ଅର୍ଡ଼ର୍:** କେବଳ ପ୍ରଶ୍ନକାଳକୁ ବାଦ୍ ଦେଇ ଅନ୍ୟ ସମୟରେ ସଦସ୍ୟମାନେ ଯେ କୌଣସି ପ୍ରସଙ୍ଗ ଉଠାଇବାକୁ ଚାହିଁବେ, ତାହାକୁ ପଏଣ୍ଟ ଅଫ୍ ଅର୍ଡ଼ର୍ ଜରିଆରେ ଉଠାଇ ପାରନ୍ତି ।

**ପୋଷ୍ଟପନ୍ ଟୁ ଏ ଡେ ସର୍ଟନ୍:** ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିବା ।

**କୋରମ୍:** ସର୍ବନିମ୍ନ ଯେତିକି ସଦସ୍ୟ ଉପସ୍ଥିତ ରହିଲେ, ଗୃହ କାର୍ଯ୍ୟ ଚାଲି ପାରିବ, ତାହାକୁ କୋରମ୍ କୁହାଯାଏ । ଉଦାହରଣ- ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୧୪୭ । କୌଣସି ସମୟରେ ଯଦି ୧୪ ଜଣରୁ କମ୍ ସଦସ୍ୟ ଉପସ୍ଥିତ ରହିଲେ, ତେବେ ତାହାକୁ କୋରମ୍ ଅଭାବ ବୋଲି କୁହାଯାଏ ।

ସେହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ କୋରମ୍ ବେଲ୍ ବଜା ଯାଇଥାଏ । ଫଳରେ ଲବିରେ ଥିବା ସଦସ୍ୟମାନେ ଗୃହ ମଧ୍ୟକୁ ଯେମିତି ଯଥା ଶୀଘ୍ର ପ୍ରବେଶ କରି ପାରିବେ ।

**କ୍ୱେଶ୍ଚନ୍ ଆୱାର୍ (ପ୍ରଶ୍ନକାଳ):** ଗୃହର ପ୍ରଥମ ଘଣ୍ଟାର କାର୍ଯ୍ୟ । ଏହି ସମୟରେ ସଦସ୍ୟମାନେ ପୂର୍ବରୁ ଲେଖି ଦେଇଥିବା ଏବଂ ଗୃହର କାର୍ଯ୍ୟସୂଚୀରେ ସ୍ଥାନ ପାଇଥିବା ପ୍ରଶ୍ନ ପଚାରନ୍ତି । ତାରକା ଚିହ୍ନିତ (ଷ୍ଟାର୍‌ଡ କ୍ୱେଶ୍ଚନ୍) କେବଳ ଗୃହରେ ପଚରା ଯାଇପାରେ । ଅଣ-ତାରକା ଚିହ୍ନିତ (ଅନ୍ ଷ୍ଟାର୍‌ଡ଼) କ୍ୱେଷ୍ଟନ୍‌ର ଉତ୍ତର ବିଭାଗୀୟ ମନ୍ତ୍ରୀ ଲିଖିତ ଭାବେ ଦେଇ ଥାଆନ୍ତି ।

**ରାଜ୍ୟସଭା:** ଉପର କକ୍ଷ । ଏଥିରେ ପ୍ରତ୍ୟେକ ରାଜ୍ୟର ସଭ୍ୟମାନେ ପରୋକ୍ଷ ଭାବେ ନିର୍ବାଚିତ ହୋଇଥାଆନ୍ତି । ଏହାର ସଦସ୍ୟ ସଂଖ୍ୟା ୨୫୦ । ଅର୍ଥ ସମ୍ବନ୍ଧୀୟ ବିଧେୟକ ପ୍ରଥମେ ରାଜ୍ୟସଭାରେ ଆଗତ ହୁଏ ନାହିଁ ।

**ରିକମିଟେଡ୍ ବିଲ୍:** ଆଲୋଚନା ସମୟରେ ବିବାଦ ଉପୁଜିଲେ କିମ୍ବା ସହମତି ପ୍ରକାଶ ନ ପାଇଲେ, ଏହାକୁ ସିଲେକ୍ଟ କମିଟିକୁ ଅଧିକ ତର୍ଜମା ପାଇଁ ପଠାଇ ଦିଆଯାଏ । ତେବେ ପରିସ୍ଥିତି ଅନୁସାରେ ଯଦି କୌଣସି ସରକାରୀ ବିଲ୍ ଗୃହ ମଧ୍ୟରେ କାଟ୍ ଖାଇଗଲା, ତେବେ ଏହା ସରକାରଙ୍କ ପାଇଁ ବେଶ ଅପମାନଜନକ ପରିସ୍ଥିତି ସୃଷ୍ଟି କରିଥାଏ । ନୈତିକତା ଦୃଷ୍ଟିରୁ ହୁଏତ ସରକାରଙ୍କୁ ସେହି ସମୟରେ ଇସ୍ତଫା ଦେବାକୁ ପଡ଼ିପାରେ । ଯଦିଓ ଏଥିପାଇଁ କୌଣସି ବାଧ୍ୟବାଧକତା ନାହିଁ । ବିଲ୍ ଆଲୋଚନା ସମୟରେ ବିବାଦକୁ ଲକ୍ଷ୍ୟ କରି ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ସାଧାରଣତଃ ସରକାରୀ ସଦସ୍ୟମାନେ ଦାବି କରନ୍ତି ।

**ରିକନ୍‌ସିଡର୍:** କୌଣସି ବିଷୟକୁ ପୁନର୍ବାର ଆଲୋଚନା ପାଇଁ ଗ୍ରହଣ କରିବା ।

**ରେଫର୍:** କୌଣସି ବିଷୟରେ ଅଧିକ ତର୍ଜମା ପାଇଁ ନିର୍ଦ୍ଦିଷ୍ଟ ଏକ ପ୍ରସ୍ତାବ ବା ବିଧେୟକକୁ ନିର୍ଦ୍ଦିଷ୍ଟ କମିଟିକୁ ପଠାଇ ଦେବା ।

**ରେଫରେଣ୍ଡମ୍:** କୌଣସି ବିଷୟରେ ଗୃହରେ ଗୃହୀତ ପ୍ରସ୍ତାବକୁ ଜନସାଧାରଙ୍କ ସମ୍ମତି ପାଇଁ ପଠାଇବା । ଲୋକମାନେ ଭୋଟ୍ ମାଧ୍ୟମରେ ଏହା ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ଦିଅନ୍ତି ।

**ରୁଲ୍ ସସ୍‌ପେଣ୍ଡ :** କିଛି ସମୟ ପାଇଁ କୌଣସି ଏକ ରୁଲ୍‌କୁ ଗୃହର କାର୍ଯ୍ୟରୁ ବାଦ୍ ଦେବା ।

**ରୁଲ୍‌ସ୍:** ଯେଉଁ ନିୟମ ଅନୁସାରେ ଗୃହର କାର୍ଯ୍ୟ ଚାଲିଥାଏ । ଏହା ଲିଖିତ ଏବଂ ପରଂପରା ଅନୁସାରେ ହୋଇଥାଏ ।

**ସେକେଣ୍ଡ ରିଡ଼ିଙ୍ଗ୍:** ଗୃହରେ ସଂଶୋଧନ ନିମନ୍ତେ ବିଲ୍‌ଟିକୁ ବିଭାଗୀୟ ମନ୍ତ୍ରୀ ଗୃହ ମଧ୍ୟରେ ପୁନର୍ବାର ପଢ଼ିବା ।

**ସିଲେକ୍ଟ କମିଟି:** ନିର୍ଦ୍ଦିଷ୍ଟ ବିଷୟରେ ଅଧିକ ତର୍ଜମା ପାଇଁ ସ୍ୱଳ୍ପକାଳ ନିମନ୍ତେ ଗଠନ କରାଯାଇଥିବା କମିଟି । ସାଧାରଣତଃ ପାରିତ ହୋଇ ପାରି ନଥିବା ବିଲ୍‌ଗୁଡ଼ିକୁ ଏହି କମିଟିକୁ ପଠାଇ ଦିଆଯାଏ ।

**ସେସନ୍ (ଅଧିବେଶନ):** ଯେଉଁ ସମୟରେ ଗୃହ କାର୍ଯ୍ୟ ଚାଲେ । ସାଧାରଣତଃ ଗୃହ ତିନୋଟି ଅଧିବେଶନରେ ଏଂକଠି ହୋଇଥାଏ । ବଜେଟ୍ ଅଧିବେଶନ, ଶୀତକାଳୀନ ଅଧିବେଶନ ଏବଂ ବର୍ଷାକଳୀନ ଅଧିବେଶନ । କୌଣସି କ୍ୟାଲେଣ୍ଡର ବର୍ଷରେ ଗୃହ ଅତି କମରେ ୬୦ ଦିନ ଚାଲିବା ଦରକାର ।

**ସ୍ପେଶାଲ୍ ଅର୍ଡ଼ର୍ ଅଫ୍ ବିଜିନେସ୍:** ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଗୃହ ମଧ୍ୟରେ ତୁରନ୍ତ ପ୍ରସ୍ତାବ ଆଗତ କରିବା ।

**ସ୍ପେଶାଲ୍ ସେସନ୍ (ସ୍ୱତନ୍ତ୍ର ଅଧିବେଶନ):** କେଣସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ପାଇଁ ଏହା ଡକା ଯାଇଥାଏ । ଏହାର କାର୍ଯ୍ୟକାଳ କିନ୍ତୁ ୩୦ ଦିନରୁ ଅଧିକ ହୁଏନି । ଗୃହର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସହମତିରେ ଏଥିପାଇଁ ବିଜ୍ଞପ୍ତି ଜାରି କରାଯାଇଥାଏ ।

**ଷ୍ଟାଣ୍ଡିଂ କମିଟି (ସ୍ଥାୟୀ କମିଟି):** ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟ ତର୍ଜମା ପାଇଁ ଗଠନ କରାଯାଇଥିବା କମିଟି । ଗୋଟିଏ କମିଟି ଏକାଧିକ ବିଭାଗର କାର୍ଯ୍ୟ ଦେଖିଥାଏ । କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ଏହାର ଅଧ୍ୟକ୍ଷ ଭାବେ ମନୋନିତ କରାଯାଏ । ବାଚସ୍ପତି ତାଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ ଥାଆନ୍ତି । ବଜେଟ୍ ଆଗତ ପରେ ବିଭାଗୱାରୀ ତର୍ଜମା ପାଇଁ ଏହାକୁ ସ୍ଥାୟୀ କମିଟିକୁ ପଠାଇ ଦିଆଯାଏ । ସ୍ଥାୟୀ କମିଟିର କାର୍ଯ୍ୟକାଳ ଦୁଇ ବର୍ଷ ।

**ଷ୍ଟାରଡ଼୍ କ୍ୱେଶ୍ଚନ୍ (ତାରକା ଚିହ୍ନିତ ପ୍ରଶ୍ନ):** ଯେଉଁ ପ୍ରଶ୍ନଟି ପ୍ରଶ୍ନକାଳ ସମୟରେ ଆଲୋଚନା ପାଇଁ ଅଣାଯାଇଥାଏ । ଏହି ପ୍ରଶ୍ନସବୁ ସଦସ୍ୟମାନେ ଅଧିବେଶନ ପୂର୍ବରୁ ଲିଖିତ ଭାବେ ଦେଇ ଥାଆନ୍ତି । ପରେ ଲଟେରୀ ମାଧ୍ୟମରେ ତାହା ଷ୍ଟାରଡ଼୍ କିମ୍ବା ଅଡ଼୍-ଷ୍ଟାରଡ଼୍ ବଛା ଯାଇଥାଏ । ପ୍ରଶ୍ନକାଳ ସମୟରେ ଷ୍ଟାରଡ଼୍ କ୍ୱେଶ୍ଚନ୍ ଆଲୋଚନା ସମୟରେ ସଦସ୍ୟମାନେ ସେହି ବିଷୟ ସଂପର୍କିତ ଅତିରିକ୍ତ ପ୍ରଶ୍ନ ପଚାରି ପାରନ୍ତି । ଯାହାର ଉତ୍ତର ମନ୍ତ୍ରୀ ଦେଇ ଥାଆନ୍ତି ।

**ସର୍ଟ ନୋଟିସ୍ କ୍ୱେଶ୍ଚନ୍ :** ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ନୋଟିସ୍ ଅବଧିକୁ ବାଦ୍ ଦେଇ ଶୀଘ୍ର ପଚରା ଯାଇଥିବା ପ୍ରଶ୍ନ । ମନ୍ତ୍ରୀ ଏହାର ଉତ୍ତର ଦେଇ ଥାଆନ୍ତି । ଏ ନେଇ ଅତିରିକ୍ତ ପ୍ରଶ୍ନ ମଧ୍ୟ ପଚରା ଯାଇଥାଏ ।

**ଷ୍ଟ୍ରାଇକ୍ ଆଉଟ୍:** କୌଣସି ବିଲ୍ କିମ୍ବା ପ୍ରସ୍ତାବରୁ ନିର୍ଦ୍ଦିଷ୍ଟ ବିଷୟ ବାଦ୍ ଦେବା ।

**ସବ୍-କମିଟି:** କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ତର୍ଜମା କରିବା ପାଇଁ କମିଟିର କିଛି ସଦସ୍ୟମାନଙ୍କୁ ନେଇ ଗଠିତ ଉପ-କମିଟି ।

**ସପ୍ଲିମେଣ୍ଟାରି ବଜେଟ୍ (ଅତିରିକ୍ତ ବଜେଟ୍):** ମୂଳ ବଜେଟ୍ ପରେ ଅଧିକ ଖର୍ଚ୍ଚ ନିମନ୍ତେ ସରକାର ଆଗତ କରିଥିବା ବଜେଟ୍ । ଏହା ଶୀତକାଳୀନ ଅଧିବେଶନ ସମୟରେ ଆଗତ ହୋଇଥାଏ ।

**ଟେବୁଲ୍ :** ବିଲ୍ କିମ୍ବା ପ୍ରସ୍ତାବ ଗୃହରେ ଉପସ୍ଥାପିତ କରିବା ।

**ଟର୍ମ (ଅବଧି):** ସଦସ୍ୟମାନଙ୍କ ନିର୍ବାଚିତ ସମୟ ଅବଧି । ଲୋକସଭା ଏବଂ ବିଧାନସଭା ପାଇଁ ଏହା ପାଞ୍ଚ ବର୍ଷ । ରାଜ୍ୟସଭା ପାଇଁ ଏହା ଛଅ ବର୍ଷ ।
**ଟାଇଟଲ୍ ଅଫ୍ ବିଲ୍:** ଯେଉଁ ଶିରୋନାମାରେ ବିଲ୍‌ଟି ଆଗତ ହୋଇଥାଏ । ଏହାର ସରକାରୀ ଭାବେ ନାମକରଣ କରାଯାଇଥାଏ ।

**ଅନ୍-ଫିନିସଡ୍ ବିଜିନେସ୍:** ସରି ନଥିବା ଗୃହର କାର୍ଯ୍ୟ । କୌଣସି ଦିନ ଗୃହର କାର୍ଯ୍ୟ ଅଧା ରହିଲେ, ତାହାକୁ ପରଦିନ ଆଲୋଚନା ପାଇଁ ଅଧ୍ୟକ୍ଷ ଗ୍ରହଣ କରି ପାରନ୍ତି ।

**ୟୁନିକାମେରାଲ୍ ଲେଜିସିଲେଚର୍ (ଏକ ଗୃହ ବିଶିଷ୍ଟ):** ଯେଉଁ ରାଜ୍ୟରେ କେବଳ ବିଧାନସଭା ଥାଏ, ତାହାକୁ ୟୁନିକାମେରାଲ୍ କୁହାଯାଏ । ବିଧାନ ପରିଷଦ ଥିଲେ ଏହା ବାଇ-କାମେରାଲ୍ ଆଖ୍ୟା ପାଇଥାଲ ।

**ଅନ୍-ଷ୍ଟାରଡ୍ କ୍ୱେଶ୍ଚନ୍ (ଅଣ-ତାରକା ଚିହ୍ନିତ ପ୍ରଶ୍ନ):** ଯେଉଁ ପ୍ରଶ୍ନର ଉତ୍ତର ବିଭାଗୀୟ ମନ୍ତ୍ରୀ ଗୃହରେ କହି ନଥାଆନ୍ତି । ଲଟେରୀ ମାଧ୍ୟରେ ତାହା ତାରକା ଚିହ୍ନିତ କିମ୍ବା ଅଣ-ତାରକା ଚିହ୍ନିତ ଚିହ୍ନଟ ହୋଇଥାଏ । ପ୍ରଶ୍ନକାଳ ସମୟରେ ଏହା ଉପସ୍ଥାପିତ ହେଲା ବୋଲି ଧରି ନିଆଯାଏ । କୌଣସି କାର୍ଯ୍ୟ ଦିବସରେ ୨୫୫ରୁ ଅଧିକ ପ୍ରଶ୍ନ ଅଣ-ତାରକା ତାଲିକାରେ ନିଆଯାଏ ନାହିଁ ।

**ଭେଟୋ:** କୌଣସି ବିଧେୟକକୁ ରାଜ୍ୟପାଳ ଖାରଜ କରିଦେବା । ରାଜ୍ୟପାଳ କୌଣସି ବିଲ୍‌ରେ କିଛି ଶବ୍ଦ କାଟି ଦେଇ ପାରନ୍ତି । କିନ୍ତୁ ମିଶେଇବାର କ୍ଷମତା ତାଙ୍କର ନାହିଁ । ଯଦି ରାଜ୍ୟପାଳ ବିଲ୍‌ଟିକୁ ଖାରଜ କରିଦେଲେ, ତେବେ ଗୃହର ଦୁଇ-ତୃତୀୟାଂଶ ସଦସ୍ୟଙ୍କର ସହମତିରେ ଏହା ପୁନର୍ବାର ଗୃହୀତ ହୋଇଥାଏ ।

**ୱାଚ୍ ଆଣ୍ଡ ୱାର୍ଡ୍:** ଗୃହର ସୁରକ୍ଷାକର୍ମୀ । ଏମାନେ ସାଧାରଣ ପୁଲିସ ନୁହନ୍ତି । ଗୃହ ଦ୍ୱାରା ନିଯୁକ୍ତ ଓ ତାଲିମପ୍ରାପ୍ତ ଏମାନେ ।

**ଉଇଥଡ୍ର ଏ ମୋସନ୍:** କେସଣସି ପ୍ରସ୍ତାବକୁ ସଦସ୍ୟ ଜଣକ ପ୍ରତ୍ୟାହାର କରିନେବା ।

**ୱାର୍କ ସେସନ୍:** କୌଣସି ବିଷୟରେ କୌଣସି ଏକ କମିଟିର ଅନୌପଚାରିକ ଆଲୋଚନା । ଏହି ସମୟରେ ସଂଶୋଧନ ପ୍ରସ୍ତାବ ଗ୍ରହଣ କରାଯାଇ ନଥାଏ ।

**ୟିଲ୍‌ଡ:** ଆଉ ଜଣେ ସଦସ୍ୟଙ୍କୁ କହିବା ପାଇଁ ସୁଯୋଗ ଦେବା ।

## ୧.୩.୪ ଆଇନ୍ ଓ ନ୍ୟାୟପାଳିକା ସମ୍ପର୍କିତ ରିପୋର୍ଟିଂ

ଏହା ପ୍ରତ୍ୟେକ ଗଣମାଧ୍ୟମ ସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଟ୍ । ସାଧାରଣତଃ ବରିଷ୍ଠ ରିପୋର୍ଟରମାନଙ୍କୁ ଏହି ବିଟ୍‌ର ଦାୟିତ୍ୱ ଦିଆଯାଇଥାଏ । କୋର୍ଟରେ ପ୍ରତ୍ୟେହ ବିଭିନ୍ନ ପ୍ରକାରର ଅପରାଧର ଶୁଣାଣି କରାଯାଇଥାଏ । ଏଣୁ ସେଠାରୁ ଜଣେ ସାମ୍ବାଦିକଙ୍କୁ ବେଶ୍ କିଛି ଭଲ ଖବର ମିଳିଥାଏ । ଏଣୁ କୋର୍ଟ ରିପୋର୍ଟିଂର ଗୁରୁତ୍ୱ ସବୁବେଳେ ଅଧିକ ।

କୋର୍ଟ ବିଟ୍ ଦାୟିତ୍ୱରେ ଥିବା ସାମ୍ବାଦିକଙ୍କୁ ଖବର ପରିବେଷଣ ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ । ଏହି ରିପୋର୍ଟିଂ ପାଇଁ କୋର୍ଟର କାର୍ଯ୍ୟ ଶୈଳୀ ଓ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ରହିବା ନିତାନ୍ତ ଜରୁରୀ । କୋର୍ଟର ପଦାନୁକ୍ରମ ବିଷୟରେ ମଧ ରିପୋର୍ଟରଙ୍କର ଜ୍ଞାନ ରହିବା ଉଚିତ୍ । ଅନେକ ସମୟରେ ଘଟଣା ଯାହା ଘଟିଥାଏ, ତା' ବ୍ୟତୀତ ଅନେକ କିଛି ଗୁଜବ ବା ଉଡା ଖବର ରିପୋର୍ଟରଙ୍କୁ ମିଳିଥାଏ । ଏଣୁ ଅଫିସିଆଲ୍ ରେକର୍ଡ ଏବଂ ଉଡା ଖବର ବା ଗୁଜବ ମଧ୍ୟରେ ଥିବା ବିଭେଦକୁ ସେ ଜାଣି ପାରୁଥିବା ଆବଶ୍ୟକ । କୌଣସି ଶୁଣାଣିର ରିପୋର୍ଟିଂ କରୁଥିବା ସମୟରେ ରିପୋର୍ଟରଙ୍କୁ ସତର୍କତାର ସହ କାର୍ଯ୍ୟ କରିବାକୁ ପଡିଥାଏ । କୋର୍ଟ ଯାହା ରାୟରେ କହିଛନ୍ତି, ତା ବାଦ୍ ଅନ୍ୟ କିଛି ଲେଖିଲେ, ଅଦାଲତ ଅବମାମନା ଭଳି ମାମଲା ରିପୋର୍ଟର ଏବଂ ସେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଉପରେ ରୁଜୁ ହୋଇଯାଇପାରେ । ଆଜିକାଲି ପ୍ରାୟ ପ୍ରତିଟି ଘଟଣାର ସମାଧାନ ପାଇଁ ଲୋକମାନେ ଅଦାଲତଙ୍କ ଦ୍ୱାରସ୍ଥ ହେଉଛନ୍ତି । ଅନେକ ଜନସ୍ୱାର୍ଥ ମାମଲାର ରାୟ ସରକାରଙ୍କୁ ଦୋହଲାଇ ଦେଉଛି । ତେଣୁ, ଏ ରିପୋର୍ଟିଂ ବଡ଼ ସାବଧାନତାର ସହ କରିବା ଉଚିତ୍ ।

**ଆସନ୍ତୁ ଜାଣିବା :**

### ଦେୱାନି ଅବମାନନା

ଅଦାଲତଙ୍କ କୌଣସି ରାୟକୁ କଦର୍ଥ କରି ଲେଖିବା, ଅଦାଲତଙ୍କ ରାୟକୁ ଲେଖିବା ବେଳେ ନିଜସ୍ୱ ମତାମତ ସଂଶ୍ଳିଷ୍ଟ କରିବା । କୌଣସି ବ୍ୟକ୍ତିଙ୍କ ଦ୍ୱାରା ଅଦାଲତରେ ଦାଖଲ କରାଯାଇଥିବା ବୁଝାମଣାପତ୍ର ପ୍ରଘଟ କରିବା । ଅଦାଲତଙ୍କ ଦ୍ୱାରା ମନା କରାଯାଇଥିବା ତଥ୍ୟ ତଥା ଅଦାଲତ ମଧ୍ୟରେ ଘଟିଥିବା ଘଟଣାକୁ ପ୍ରଘଟ କରିବା ।

### ଫୌଜଦାରୀ ଅବମାନନା

ନ୍ୟାୟିକ ବିଚାରର ପ୍ରତିକୂଳାତ୍ମକ ପ୍ରକାଶନ:

୧. ଖବରକାଗଜରେ ପ୍ରକାଶିତ ରିପୋର୍ଟ ଜଣେ ବ୍ୟକ୍ତି(ସାକ୍ଷ୍ୟ)ଙ୍କୁ ଅଦାଲତ ସମ୍ମୁଖକୁ ଆସିବାକୁ ଅଟକାଇବା । ପ୍ରମାଣ ଦେବାକୁ ବାରଣ କରିବା ।
୨. ରିପୋର୍ଟରେ ପରୋକ୍ଷ ଧମକ ଦେବା ବା କୁଭାଷା ବ୍ୟବହାର କରିବା ।
୩. ଅଦାଲତରେ ବିଚାରାଧୀନ କୌଣସି ମାମଲାକୁ ନେଇ ରିପୋର୍ଟରେ ଆଲୋଚନା କରିବା ।

୪. କୋର୍ଟ ଅଥରିଟିଙ୍କୁ ବଦନାମ କରିବା ତଥା ତାଙ୍କୁ ନିଚ୍ଚା ଦେଖାଇବା । କୋର୍ଟଙ୍କ ରାୟର ସତ୍ୟାସତ୍ୟ, ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ଓ ଏହାକୁ ଦ୍ୱନ୍ଦ୍ୱ ମଧ୍ୟକୁ ଟାଣି ନେଉଥିବା ଖବର ବା ତଥ୍ୟ ପ୍ରକାଶ କରିବା । ବିଚାରପତିଙ୍କ ନିରପେକ୍ଷତା ଓ ରାୟକୁ ନେଇ ପ୍ରଶ୍ନ କରିବା ।

ନିମ୍ନରେ କେତେକ ଆଇନଗତ ମାମଲା ସହ ଜଡିତ ରିପୋର୍ଟର ଉଦାହରଣ ଦିଆଗଲା ।

**ରସଗୋଲାକୁ ନେଇ ଜନସ୍ୱାର୍ଥ ମାମଲା**

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୯।୫(ଇମିସ): ରସଗୋଲା ଓଡିଶାର ହୋଇଥିବାବେଳେ ପଶ୍ଚିମବଙ୍ଗ ଭୁଲ ତଥ୍ୟ ଦେଇ ଚାଣକତା କରି ଜିଆଇ ମାନ୍ୟତା ହାସଲ କରିଛି ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଭିନିତ ସରନ ଓ ଡକ୍ଟର ଜଷ୍ଟିସ ବି.ଆର୍.ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଭୁବନେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ 'ପୁଣ୍ୟ ଉତ୍କଳ'ର ଲେଖକ ସୁଶାନ୍ତ ଓ 'ଓଡିଆ ପର୍ବ' ପତ୍ରିକାର ସନ୍ତୋଷ କୁମାର ସାହୁ ଦାୟର କରିଥିବା ମାମଲାର ଶୁଣାଣି କରି ୮ସପ୍ତାହ ଭିତରେ ଜବାବ ଦାଖିଲ ପାଇଁ ମୁଖ୍ୟ ଶାସନ ସଚିବ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ଚେନ୍ନାଇସ୍ଥିତ ଇଣ୍ଟେଲେକ୍‌ଚୁଆଲ୍ ପ୍ରପର୍ଟି ଅଫିସ୍‌ର ସହକାରୀ ରେଜିଷ୍ଟ୍ରାର, ପଶ୍ଚିମବଙ୍ଗ ଷ୍ଟେଟ୍ କାଉନସିଲ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲୋଜିକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ଦାସ ମାମଲା ପରିଚାଳନା କରୁଛନ୍ତି।

ଆଜି ମାମଲାର ଶୁଣାଣି ସମୟରେ ଶ୍ରୀ ଦାସ ଦର୍ଶାଇଥିଲେ ଯେ ଶ୍ରୀଜଗନ୍ନାଥ ମନ୍ଦିରରେ ରସଗୋଲାର ନୈବେଦ୍ୟ ପରମ୍ପରା ରହିଛି। ୫ଶହ ବର୍ଷ ତଳୁ ଭକ୍ତକବି ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ'ର ତାଳପତ୍ର ପୋଥିରେ ରସଗୋଲା କଥା ଉଲ୍ଲେଖ ଥାଇ ମଧ୍ୟ ପଶ୍ଚିମବଙ୍ଗ ସରକାର ଭୁଲ ତଥ୍ୟ ଉପସ୍ଥାପନ କରି ଭାରତ ସରକାରଙ୍କ ଉପଦର୍ଶନ ବିଭାଗରୁ ୨୦୧୭, ନଭେମ୍ବର ୧୪ରେ ଜିଆଇ ମାନ୍ୟତା ହାସଲ କରିଥିଲେ। ରସଗୋଲାର ଆଦି ଉତ୍ସ ଓଡ଼ିଶା ହୋଇଥିବା ବେଳେ ଏବଂ ଶ୍ରୀମନ୍ଦିରରେ ପାରମ୍ପରିକ ଭୋଗ ଭାବେ ଏହା ନିଜର ସ୍ୱତନ୍ତ୍ର ସ୍ଥାନ ନିର୍ଣ୍ଣୟ କରି ସାରିଥିବା ବେଳେ ପଶ୍ଚିମବଙ୍ଗକୁ ଜିଆଇ ମାନ୍ୟତା ପ୍ରଦାନ ଗ୍ରହଣୀୟ ନୁହେଁ। ମାତ୍ର ଶହେ ବର୍ଷ ତଳେ ବଙ୍ଗାଳିମାନେ ଓଡ଼ିଆଙ୍କଠାରୁ ରସଗୋଲାର ପ୍ରସ୍ତୁତି ପ୍ରକ୍ରିୟା ଶିଖି ପରବର୍ତ୍ତୀ ସିମୟରେ ଏହା ସେମାନଙ୍କ ଦ୍ୱାରା ଉତ୍ପତି ହୋଇଛି ବୋଲି ଦାବି କରି ଭାରତ ସରକାରଙ୍କଠାରୁ ଭୌଗୋଳିକ ପରିଚିତି ପାଇବା ଫଳରେ ଓଡ଼ିଶାର ଅସ୍ମିତା ଓ ଆତ୍ମିକ ଜନଜୀବନ ବହୁ ମାତ୍ରାରେ କ୍ଷତାକ୍ତ ହୋଇଛି। 'ବାଂଲାର ରସୋଗୋଲ୍ଲା' ନାଁରେ ଚାଞ୍ଚକତା କରି ଓଡ଼ିଶାର ପ୍ରତିଷ୍ଠିତ ଥିବା ରସଗୋଲାର ଗୁଣରୂପ ବର୍ଣ୍ଣନା କରି ଏହି ଜିଆଇ ମାନ୍ୟତା ପଶ୍ଚିମବଙ୍ଗ ହାସଲ କରିଛି। ଓଡ଼ିଶାର ରସଗୋଲା ହୋଇଥିବା ବେଳେ ଏହି ପ୍ରସଂଗରେ ସରକାରୀ ନିଷ୍କ୍ରିୟତା ଯୋଗୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ରସଗୋଲା ଜିଆଇ ମାନ୍ୟତା ପ୍ରସଂଗରେ ଓଡ଼ିଶାକୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନାହିଁ। ଏପରି ପରିସ୍ଥିତିରେ ପଶ୍ଚିମବଙ୍ଗ ସରକାରଙ୍କୁ ରସଗୋଲା ପାଇଁ ପ୍ରଦାନ କରାଯାଇଥିବା ଜିଆଇ ମାନ୍ୟତା ଆଇନ ଅନୁସାରେ ଗ୍ରହଣୀୟ ହୋଇ ନଥିବା ବେଳେ ଏହାକୁ ରଦ୍ଦ କରାଯାଉ ବୋଲି ଶ୍ରୀ ଦାସ ଦର୍ଶାଇଥିଲେ। ଏହି ପ୍ରସଂଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ରାଜ୍ୟ ସରକାର ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନର ଆବଶ୍ୟକତା ରହିଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

## ସୁପ୍ରିମକୋର୍ଟରେ ହାଜର ହେଲେ ମୁଖ୍ୟ ଶାସନ ସଚିବ

### ଏସ୍‌ପିଭି ପାଣ୍ଠିରୁ ୨କୋଟି ଟଙ୍କା ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିବା ସ୍ୱୀକାର କଲେ

ନୂଆଦିଲ୍ଲୀ, ୯/୫(ଇମିସ): ଏସ୍‌ପିଭି(ସ୍ପେସାଲ ପର୍ପୋଜ ଭେହିକିଲ) ପାଣ୍ଠିରୁ ୨ କୋଟି ଟଙ୍କା ଅନ୍ୟ ଉଦ୍ଦେଶ୍ୟରେ ବ୍ୟୟ କରାଯାଇଥିବା ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୁପ୍ରିମକୋର୍ଟରେ ସ୍ୱୀକାର କରିଛନ୍ତି। ସୁପ୍ରିମକୋର୍ଟରେ ବିଚାରପତି ଏମ୍.ବି.ଲୋକୁର ଓ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠରେ ବ୍ୟକ୍ତିଗତ ଭାବେ ହାଜର ହୋଇ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ନିୟମଗିରି ଖଣି ପାଇଁ ଗଠନ ହୋଇଥିବା ଏସ୍‌ପିଭି ପାଣ୍ଠିର ବିନିଯୋଗ ସମ୍ପର୍କରେ ସଚିବ ଶ୍ରୀ ପାଢ଼ୀ ତଥ୍ୟ ଉପସ୍ଥାପନ କରିଛନ୍ତି। ନିୟମଗିରି ପାଇଁ ଏସ୍‌ପିଭି ପାଣ୍ଠିରେ ମୋଟ ୨୦ କୋଟି ଟଙ୍କା ଜମା ହୋଇଥିବା ବେଳେ ସୁଧ ଆକାରରେ ଉକ୍ତ ପାଣ୍ଠିରେ ୭କୋଟି ଟଙ୍କା ବୃଦ୍ଧି ହୋଇଛି। ରାଜ୍ୟ ସରକାର ଏହି ପାଣ୍ଠିରୁ ମୋଟ ୧୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯେଉଁଥିରୁ ୨ କୋଟି ଟଙ୍କା ଅନ୍ୟ ଉଦ୍ଦେଶ୍ୟରେ ବ୍ୟୟ କରାଯାଇଛି। ଅନ୍ୟ ଅର୍ଥରେ ଖର୍ଚ୍ଚ ହୋଇଥିବା ଟଙ୍କାକୁ ପୁଣିଥରେ ରାଜ୍ୟ ସରକାର ଏସପିଭି ପାଣ୍ଠିରେ ସାମିଲ କରିବେ ବୋଲି ସଚିବ ଶ୍ରୀ ପାଢ଼ୀ ଖଣ୍ଡପୀଠଙ୍କୁ ଅବଗତ କରିଥିଲେ। ଏହାବ୍ୟତୀତ ଉକ୍ତ ପାଣ୍ଠିର ବଳକା ଅର୍ଥକୁ କିଭଳି ଖର୍ଚ୍ଚ କରାଯିବ ସେଥିପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିବେ ବୋଲି ସେ କହିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ସେହି ଟଙ୍କାକୁ ଆଦିବାସୀ କଲ୍ୟାଣ କାର୍ଯ୍ୟରେ କିଭଳି ବିନିଯୋଗ କରାଯାଇପାରିବ ତାହାର ଏକ ପ୍ରସ୍ତାବ ମଧ୍ୟ ଶ୍ରୀ ପାଢ଼ୀ ଖଣ୍ଡପୀଠଙ୍କ ନିକଟରେ ଦାଖଲ କରିଥିଲେ। ତେବେ ଉକ୍ତ ପାଣ୍ଠିକୁ ଆଦିବାସୀ ଅଞ୍ଚଳମାନଙ୍କରେ ପାଣି ସମସ୍ୟା ଦୂରକରିବା ତଥା ଛାତ୍ରାବାସ ନିର୍ମାଣ ଭଳି ଭିତ୍ତିଭୂମି ପ୍ରକଳ୍ପ ପାଇଁ ବିନିଯୋଗ କରାଯାଇପାରିବ ବୋଲି ଖଣ୍ଡପୀଠଙ୍କୁ ଉତ୍ତର ଦେଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ ଏସପିଭି ପାଣ୍ଠି ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚର ବିବରଣୀ ସତ୍ୟପାଠ ଆକାରରେ ଖଣ୍ଡପୀଠଙ୍କ ନିକଟରେ ଦାଖଲ କରିସାରିଛନ୍ତି। ଅନ୍ୟ ଅର୍ଥରେ ଖର୍ଚ୍ଚ ହୋଇଥିବା ୨ କୋଟି ଟଙ୍କାର ମଧ୍ୟ ସମସ୍ତ ବିବରଣୀ କୋର୍ଟଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୦୯ ମସିହାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଓଡ଼ିଶା ମାଇନିଂ କର୍ପୋରେସନ ଓ ବେଦାନ୍ତ ଦ୍ୱାରା ନିୟମଗିରି ଖଣି ଅନ୍ତର୍ଗତ ସେହି ଅଞ୍ଚଳର ଆଦିବାସୀମାନଙ୍କ ବିକାଶ ପାଇଁ ଏସପିଭି ପାଣ୍ଠିର ଗଠନ ନିମନ୍ତେ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ବେଦାନ୍ତ ୨୦ କୋଟି ଟଙ୍କା ଏହି ପାଣ୍ଠିରେ ଜମା କରିଥିଲା।

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ରିପୋର୍ଟ

## ୧.୪ ବିଶେଷ ଧରଣ ରିପୋର୍ଟିଂ

### (ପ୍ରତିରକ୍ଷା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଶିକ୍ଷା, କଳା ଓ ସଂସ୍କୃତି, ପରିବେଶ, ଜୀବନ ଶୈଳୀ, ମନୋରଞ୍ଜନ ଓ ଖେଳ ଇତ୍ୟାଦି)

ବିଶେଷ ଧରଣର ରିପୋର୍ଟିଂ ହେଉଛି ବିଟ୍ ରିପୋର୍ଟିଂର ପରବର୍ତ୍ତୀ ପର୍ଯ୍ୟାୟ । ଗୋଟିଏ ନିର୍ଦ୍ଦିଷ୍ଟ ବିଟ୍‌ରୁ ଦୀର୍ଘ ଦିନ ଧରି ରିପୋର୍ଟ ସଂଗ୍ରହ କରିବା ପରେ ରିପୋର୍ଟର ଜଣକ ସେହି ବିଟ୍ ସମ୍ପର୍କରେ ଯଥେଷ୍ଟ ଦକ୍ଷତା ଓ ବିଶେଷଜ୍ଞତା ହାସଲ କରିବାରେ ସଫଳ ହୁଅନ୍ତି । ଏଭଳି ଅଭିଜ୍ଞ ରିପୋର୍ଟରମାନେ ନିଜ ରିପୋର୍ଟରେ ଅଧିକ ତଥ୍ୟ ଦେଇପାରନ୍ତି । ଆବଶ୍ୟକ ପଡିଲେ ଘଟଣାଟିର ତର୍ଜମାତ୍ମକ ଅନୁଶୀଳନ ମଧ୍ୟ କରିପାରନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମ୍ପର୍କରେ ଗଭୀର ଜ୍ଞାନ ରଖୁଥିବା ଏଭଳି ରିପୋର୍ଟର ମାନଙ୍କୁ

ଗଣମାଧମ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦିଆଯାଏ । ତେବେ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିବା ଦ୍ୱାରାହିଁ ଏହା ସମ୍ଭବ ହୋଇଥାଏ ।

ଯେଉଁ ରିପୋର୍ଟରମାନେ କୌଣସି ନିର୍ଦ୍ଧିଷ୍ଟ ପ୍ରସଙ୍ଗ, ସଂସ୍ଥା, ସ୍ଥାନ ବା ବିଷୟ ଉପରେ ଗଭୀର ଜ୍ଞାନ ରଖିଥାନ୍ତି ସେମାନଙ୍କୁ ସବୁଠାରୁ ଭଲ ରିପୋର୍ଟର ବୋଲି ଧରିନିଆଯାଏ । ନିଜର ଜ୍ଞାନ ଓ ଅଭିଜ୍ଞତାକୁ ବ୍ୟବହାର କରି ଏମାନେ ସ୍ୱତନ୍ତ୍ର ଧରଣର ଖବର ବା ଲେଖା ଲେଖିପାରନ୍ତି । ଏହି ଲେଖା ଗୁଡିକ ଖବରକାଗଜ ବା ପତ୍ରିକା ସଂସ୍ଥାରେ ରିପୋର୍ଟର ଜଣଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ପ୍ରତ୍ୟେକ ଖବରକାଗଜରେ ଏଭଳି କିଛି ସ୍ୱତନ୍ତ୍ର ରିପୋର୍ଟର ରହିଥାନ୍ତି ।

ସ୍ୱତନ୍ତ୍ର ଧରଣର ରିପୋର୍ଟିଂ କରିବା ପାଇଁ କ୍ରୀଡା, ପ୍ରତିରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ସିନେମା ଭଳି କେଉଁ କ୍ଷେତ୍ର ପ୍ରତି ବିଶେଷ ରୁଚି ରହିଛି, ତାହା ଜାଣିବାକୁ ପଡ଼ିବ । ଏହାପରେ ସେହି ସ୍ୱତନ୍ତ୍ର କ୍ଷେତ୍ରରେ ରିପୋର୍ଟିଂ ପାଇଁ ଆବଶ୍ୟକ ଲେଖା ଶୈଳୀ ଶିଖିବାକୁ ହେବ । ନିମ୍ନରେ ଏନେଇ କିଛିଟା ପରାମର୍ଶ ଦିଆଗଲା-

୧. ଅନ୍ୟ କାହାରି ଲେଖା ଚୋରି କର ନାହିଁ ।
୨. ନିଜର ରୁଚିଥିବା କ୍ଷେତ୍ର ସମ୍ପର୍କରେ ଯେତେ ସମ୍ଭବ ପଢ଼ିବାକୁ ଚେଷ୍ଟା କର ।
୩. ନିଜର ସ୍ୱତନ୍ତ୍ର କ୍ଷେତ୍ର ପ୍ରସଙ୍ଗରେ ହେଉଥିବା ଆଲୋଚନାରେ ଭାଗ ନିଅ ।
୪. ନିଜ ଲେଖାରେ ସୃଜନଶୀଳତା ଆଣିବାକୁ ଚେଷ୍ଟା କର । ପାଠକମାନେ ସବୁବେଳେ ନୂତନଧରଣର ଲେଖା ଓ ନୂଆ ଦୃଷ୍ଟିଭଙ୍ଗୀ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ।
୫. ନିଜ କ୍ଷେତ୍ରରେ ଯେତେ ଜ୍ଞାନ ହାସଲ କରିସାରିଥିଲେ ମଧ ଶିଖିବାର ସୁଯୋଗକୁ ହାତଛଡ଼ା କର ନାହିଁ ।
୬. କେବେହେଲେ ପକ୍ଷପାତିତା କର ନାହିଁ କିମ୍ବା ନିଜର ବ୍ୟକ୍ତିଗତ ମତକୁ ରିପୋର୍ଟରେ ସ୍ଥାନ ଦିଅ ନାହିଁ । ମତାମତ ଦେବାପାଇଁ ସ୍ୱତନ୍ତ୍ର ସ୍ତମ୍ଭ ଲେଖାଯାଇପାରେ ।
୭. ଲେଖିବା ପୁର୍ବରୁ ବିଷୟଟି ଉପରେ ଭଲଭାବେ ଅନୁସନ୍ଧାନ କର । ଏହାଦ୍ୱାରା ରିପୋର୍ଟଟି ପାଠକଙ୍କ ଆସ୍ଥା ଭାଜନ ହୋଇପାରିବ ।

ବିଶେଷ ଧରଣର ରିପୋର୍ଟିଂର କେତେକ ଉଦାହରଣ ନିମ୍ନରେ ଦିଆଗଲା ।

# ପୁଣି ଫେଁରିଲା ଏଟିଏମ୍ ସଙ୍କଟ

## କଷ୍ଟ ଆହୁରି ଦୁଇ ସପ୍ତାହ

ଭୁବନେଶ୍ୱର, ୯/୫(ଇମିସ): ରାଜ୍ୟର ଏଟିଏମ୍ ଗୁଡ଼ିକରେ ପୁଣି ଟଙ୍କା ଅଭାବ ପରିଲକ୍ଷିତ ହୋଇଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଏହି ସମସ୍ୟା ଗୁରୁତର ଆକାର ଧାରଣ କଲାଣି। ଗତ କିଛିଦିନ ହେଲା କେଉଁ ଏଟିଏମ୍‌ରେ ସଟର ପଡ଼ି ରହିଛି ତ ଆଉ କେଉଁ ଏଟିଏମ୍ ଖୋଲା ଥିଲେ ମଧ୍ୟ ଟଙ୍କା ବାହାରୁ ନାହିଁ। ଫଳରେ ଲୋକେ ଟଙ୍କା ଉଠାଇବା ପାଇଁ ଗୋଟିଏ ଏଟିଏମ୍‌ରୁ ଅନ୍ୟ ଏଟିଏମ୍‌କୁ ଦୌଡ଼ୁଛନ୍ତି। ଲୋକମାନେ ଅନେକ ଗୁଡ଼ିଏ ଏଟିଏମ୍ ବୁଲିବା ପରେ ଟଙ୍କା ନପାଇ ନିରାଶ ହୋଇ ଘରକୁ ଫେରୁଥିବା ମଧ୍ୟ ଦେଖାଯାଉଛି।

- ରାଜ୍ୟରେ ୧୦% ନୋଟ୍ ଅଭାବ
- ୨ ହଜାର ଟଙ୍କିଆ ଯୋଗାଣ କମ୍

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)ର ୱେବସାଇଟ୍‌ରେ ଉପଲବ୍ଧ ଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ପ୍ରାୟ ୬ ହଜାର ଉପରେ ଏଟିଏମ୍ ରହିଛି। ଏହା ମଧ୍ୟରୁ କେବଳ ଷ୍ଟେଟ ବ୍ୟାଙ୍କର ପାଖାପାଖି ଅଧା ଏଟିଏମ୍ ରହିଛି।

ଜଣେ ବରିଷ୍ଠ ବ୍ୟାଙ୍କର ନିଜର ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଏଟିଏମ୍‌ରେ ଟଙ୍କା ନମିଳିବାର ଅନେକ ଗୁଡ଼ିଏ କାରଣ ରହିଛି। ସେଥିରୁ ଗୋଟିଏ ହେଲା ଯେଉଁସବୁ ଚେଷ୍ଟରୁ ଟଙ୍କା ଆସୁଛି ସେଠାରେ ଏଟିଏମ୍‌ରେ ଭର୍ତ୍ତି ହେବା ପାଇଁ ଉଦ୍ଦିଷ୍ଟ ମୂଲ୍ୟର ନୋଟ୍ ମିଳୁନାହିଁ। ଫଳରେ ଆବଶ୍ୟକ ପରିମାଣର ଟଙ୍କା ଏଟିଏମ୍‌ରେ ଭର୍ତ୍ତି କରାଯାଇ ପାରୁନାହିଁ। ଷ୍ଟେଟ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କୁହନ୍ତି, ଆମର ରାଜ୍ୟରେ ପ୍ରାୟ ୨୪୦୦ ଏଟିଏମ୍ ଏବଂ ୪୦୦ ରିସାଇକ୍ଲର ରହିଛି। ଏଗୁଡ଼ିକ ମଧ୍ୟରୁ ପ୍ରାୟ ୮୮ରୁ ୯୦ ପ୍ରତିଶତ ଏଟିଏମ୍ କାର୍ଯ୍ୟ କରୁଥିବାବେଳେ ୧୦ରୁ ୧୨ ପ୍ରତିଶତ ଏଟିଏମ୍ ବିଭିନ୍ନ କାରଣରୁ କାର୍ଯ୍ୟ କରୁନାହିଁ। ତେବେ ଆବଶ୍ୟକତା ତୁଳନାରେ ୫ରୁ ୧୦ ପ୍ରତିଶତ ନୋଟ୍‌ର ଅଭାବ ବଜାରରେ ରହିଛି ବୋଲି ସେ ମତ ଦିଅନ୍ତି। ଏହି ସମସ୍ୟା ସୁଧୁରିବାକୁ ଆଉ ସପ୍ତାହେ ଦୁଇ ସପ୍ତାହ ଲାଗିଯିବ ବୋଲି ସେ ମତ ଦିଅନ୍ତି।

ଅନ୍ୟ ଜଣେ ବ୍ୟାଙ୍କର ଏଟିଏମ୍‌ରେ ଟଙ୍କା ଅଭାବ ସମ୍ପର୍କରେ କୁହନ୍ତି, ରାଜ୍ୟକୁ ଆବଶ୍ୟକ ସଂଖ୍ୟାରେ ୨୦୦୦ ଟଙ୍କିଆ ଯୋଗାଣ ହେଉନାହିଁ। ସେହିଭଳି ୨୦୦ ଟଙ୍କିଆ ନୋଟ୍ ମଧ୍ୟ କମ୍ ମିଳୁଛି। କେବଳ ୫୦୦ ଏବଂ ୧୦୦ ଟଙ୍କିଆ ନୋଟ୍ ଅଧିକ ସଂଖ୍ୟାରେ ମିଳିଲେ ମଧ୍ୟ ସେଗୁଡ଼ିକ ମଧ୍ୟରୁ ଅନେକ ୧୦୦ ଟଙ୍କିଆ ନୋଟ୍ ଅତ୍ୟନ୍ତ ପୁରୁଣା ହୋଇଯାଇଥିବାରୁ ଏଟିଏମ୍‌ରେ ରଖାଯାଇ




ପାରୁନାହିଁ। ଫଳରେ ଏଟିଏମ୍‌ରେ ପର୍ଯ୍ୟାପ୍ତ ମାତ୍ରାର ଟଙ୍କା ଭର୍ତ୍ତି କରାଯାଇ ପାରୁନାହିଁ। ଏଟିଏମ୍‌ରେ କମ୍ ଟଙ୍କା ରହୁଥିବାରୁ ତାହା ଶୀଘ୍ର ଶେଷ ହୋଇଯାଉଛି ବୋଲି ଅଧିକାରୀ ଜଣକ କହିଛନ୍ତି।

ଏତଦ୍‌ବ୍ୟତୀତ ଏଟିଏମ୍ ପରିଚାଳନା ଠିକ୍ ଭାବେ ନହେବାର ଅନ୍ୟ ଏକ ବାସ୍ତବ କାରଣ ହେଲା ବ୍ୟାଙ୍କରେ କର୍ମଚାରୀଙ୍କ ଘୋର ଅଭାବ ବୋଲି କୁହାଯାଉଛି। ଗୋଟିଏ ଶାଖାରେ ଜଣେ ମାତ୍ର ଅଧିକାରୀ ଏଟିଏମ୍ ଦାୟିତ୍ୱରେ ରହୁଛନ୍ତି। ସେମାନେ କୌଣସି କାରଣରୁ ଛୁଟିରେ ରହିଲେ ଏଟିଏମ୍‌କୁ ଅନ୍ୟ କେହି ପରିଚାଳନା କରି ପାରୁନାହାନ୍ତି। ଫଳରେ ଏଟିଏମ୍ ଖୋଲା ରହୁଥିଲେ ମଧ୍ୟ ଟଙ୍କା ମିଳୁନାହିଁ। ଏଟିଏମ୍ ପରିଚାଳନା ଜନିତ ଖର୍ଚ୍ଚ ଅଧିକ ହେଉଥିବାରୁ ବ୍ୟାଙ୍କ ଗୁଡ଼ିକ ଅଧିକ ସଂଖ୍ୟକ ଅଧିକାରୀଙ୍କୁ ନିଯୁକ୍ତି ଦେଉନାହାନ୍ତି।

ଏତଦ୍‌ବ୍ୟତୀତ ଏଟିଏମ୍‌ରେ ଟଙ୍କା ନରହିବାର ଅନ୍ୟାନ୍ୟ କାରଣ ମଧ୍ୟ ରହିଛି ବୋଲି ସେ କୁହନ୍ତି। ନେଟୱାର୍କ ଠିକ୍ ଭାବେ କାର୍ଯ୍ୟ ନକରିବା, ଘଡ଼ଘଡ଼ି ଓ ଝଡ଼ ତୋଫାନରେ ଟେଲିଫୋନ ସଂଯୋଗ କଟିଯିବା ଆଦି କାରଣ ଯୋଗୁଁ ଏଟିଏମ୍ କାମ କରୁନାହିଁ। ଫଳରେ ଅନେକ ଏଟିଏମ୍‌ରୁ ସେବା ମିଳି ପାରୁନାହିଁ। ବିଶେଷକରି ଗ୍ରାମାଞ୍ଚଳରେ ଥିବା ଏଟିଏମ୍ ଗୁଡ଼ିକ ଥରେ ଖରାପ ହେଲେ ସେଗୁଡ଼ିକୁ ଠିକ୍ କରିବା ଲାଗି ମଧ୍ୟ ଅନେକ ଦିନ ଲାଗି ଯାଉଛି। ଏତଦ୍‌ବ୍ୟତୀତ ସବୁଠୁ ବଡ଼ କାରଣ ହେଲା ଲୋକମାନେ ଆବଶ୍ୟକତାଠାରୁ ଅଧିକ ଟଙ୍କା ଏଟିଏମ୍‌ରୁ ଉଠାଉଛନ୍ତି। ସେହିଭଳି ଯେଉଁ ମାତ୍ରାରେ ଲୋକମାନେ ଏଟିଏମ୍‌ରୁ ଟଙ୍କା ଉଠାଉଛନ୍ତି ସେହି ମାତ୍ରାରେ ଟଙ୍କା ବ୍ୟାଙ୍କ ନିକଟକୁ ଫେରୁନାହିଁ। ଫଳରେ ଚାହିଦା ତୁଳନାରେ ଯୋଗାଣ କମ୍ ରହୁଛି। ଏସବୁ ଟଙ୍କା ଅଭାବର ପ୍ରମୁଖ କାରଣ ବୋଲି ବ୍ୟାଙ୍କ ଅଧିକାରୀଜଣକ ମତ ଦେଇଛନ୍ତି। ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏତଦ୍‌ବ୍ୟତୀତ ଟଙ୍କା ଅଭାବଜନିତ ସମସ୍ୟା ଦୂର ପାଇଁ ସରକାର, ରିଜର୍ଭ ବ୍ୟାଙ୍କ ଓ ବ୍ୟାଙ୍କ ଗୁଡ଼ିକ ମଧ୍ୟରେ ଯେଉଁ ସର୍ବନିମ୍ନ ସମନ୍ୱୟର ଆବଶ୍ୟକତା ରହିଛି ତାହା ରହୁନାହିଁ। ଏଟିଏମ୍‌ରେ ଟଙ୍କା ଅଭାବକୁ ଦୂର କରିବା ପାଇଁ ବ୍ୟାଙ୍କ ସମେତ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ବ୍ୟାଙ୍କ ଅଧିକାରୀମାନେ ମତ ଦେଇଛନ୍ତି। ବ୍ୟାଙ୍କ ସଂଘ ୟୁଏଫ୍‌ବିୟୁର ଓଡ଼ିଶା ଆବାହକ ଜ୍ୟୋତିଭୂଷଣ ମହାପାତ୍ର ଏଟିଏମ୍‌ରେ ଟଙ୍କା ଅଭାବ ସମସ୍ୟାକୁ ସ୍ୱୀକାର କରିଛନ୍ତି। ତେବେ ରାଜ୍ୟକୁ ଅର୍ଥ ଆସିଗଲାଣି ଏବଂ ଦିନେ ଦୁଇଦିନ ମଧ୍ୟରେ ପରିସ୍ଥିତି ସୁଧୁରିଯିବ ବୋଲି ସେ ମତ ଦେଇଛନ୍ତି।

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ରିପୋର୍ଟ

### ସଂସ୍କୃତି(କଲ୍‌ଚରାଲ୍) ରିପୋର୍ଟିଂ:

ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାର ଦେଶ ଭାରତ। ଏଠାକାର ମହାନ ସଂସ୍କୃତି ସବୁବେଳେ ଅନ୍ୟମାନଙ୍କୁ ପ୍ରଭାବିତ କରିଛି। ଆମ ମାଟିକୁ ବିଦେଶୀମାନଙ୍କୁ ଟାଣି ମଧ୍ୟ ଆଣିଛି। ଏମିତି ଏକ ସଂସ୍କୃତି ସମ୍ପନ୍ନ ଦେଶରେ ସଂସ୍କୃତି ସାମ୍ବାଦିକତାର ବେଶ୍ ଗୁରୁତ୍ୱ ରହିଛି। ଆମ ସଂସ୍କୃତିକୁ ବିଶ୍ୱ ଦରବାରରେ ଠିକଣା ଢଙ୍ଗରେ ଉପସ୍ଥାପିତ କରିବା ଓ ସଂସ୍କୃତିକୁ ବଂଚାଇ ରଖିଥିବା ମଣିଷମାନଙ୍କୁ ପ୍ରୋତ୍ସାହିତ

କରିବାରେ ଏହା ସହାୟକ ହେବ। ପରିବର୍ତ୍ତିତ ସମୟ ଅନୁସାରେ, କଳା, ସଂସ୍କୃତି ଓ ସିନେମା ପ୍ରତି ଲୋକଙ୍କର ଆଗ୍ରହ ବଢ଼ି ବଢ଼ି ଚାଲିଛି। ଆମ ଦେଶରେ କ୍ରିକେଟ୍ ଖେଳାଳି ଓ ସିନେମା ଷ୍ଟାରଙ୍କୁ ଭଗବାନ ପରି ମାନ୍ୟତା ମିଳୁଛି। ଟିଭି କଳାକାର, ରିୟଲିଟି ସୋ'ର ସେଲିବ୍ରିଟି, ଗାୟକ, ନୃତ୍ୟଶିଳ୍ପୀଙ୍କର ମଧ୍ୟ ଚାହିଦା କାହିଁରେ କ'ଣ। ଲୋକମାନେ ଏମାନଙ୍କୁ ଭଲ ପାଉଥିବାରୁ ଏବଂ ଏମାନଙ୍କ ବିଷୟରେ ଅଧିକରୁ ଅଧିକ ଖବର ଜାଣିବାକୁ ଚାହୁଁଥିବାରୁ ସଂସ୍କୃତି ସାମ୍ବାଦିକତାର ଚାହିଦା ବଢ଼ି ବଢ଼ି ଚାଲିଛି। ତେଣୁ ଏବେ ସମସ୍ତ ପ୍ରମୁଖ ଗଣମାଧ୍ୟମ ନିହାତି ଭାବେ ସଂସ୍କୃତି ସାମ୍ବାଦିକଙ୍କୁ ନିଯୁକ୍ତି ଦେଉଛନ୍ତି। ଏହା ନୂଆ ଏକ ବିଟ୍ ଭାବେ ଉଭା ହୋଇଛି ।

## ସଂସ୍କୃତି ସାମ୍ବାଦିକତା କଣ ?

ସଂସ୍କୃତି ସାମ୍ବାଦିକତାର କ୍ଷେତ୍ର ବ୍ୟାପକ ନ ହେଲେ ମଧ୍ୟ କମ୍ ନୁହେଁ। ଏହା ଭିତରେ କଳା, ସାହିତ୍ୟ, ଧର୍ମ, ପରମ୍ପରା, ସଂସ୍କୃତି, ସିନେମା, ନାଟକ, ଯାତ୍ରା, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଲୋକକଥା ଆଦି ଅନ୍ତର୍ଭୁକ୍ତ। ଏହି ପ୍ରସଙ୍ଗଗୁଡିକୁ ନେଇ ପ୍ରସ୍ତୁତି ହେଉଥିବା ରିପୋର୍ଟଗୁଡିକ ସଂସ୍କୃତି ସାମ୍ବାଦିକତା କୁହାଯାଏ। ବିଭିନ୍ନ ସମୟରେ ହେଉଥିବା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ସିନେମା ପ୍ରଦର୍ଶନ ନାଟକ ମଂଚସ୍ଥର ଖବରକୁ ଲୋକଙ୍କ ପାଖରେ ପହଞ୍ଚାଇବା ସାମ୍ବାଦିକଙ୍କର କାମ। ପୁଣି ଏହି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଖବର ପ୍ରସ୍ତୁତ କରିହେବ। ସାଂସ୍କୃତିକ ରିପୋର୍ଟିଂ କରିବା ବେଳେ ଆପଣ ଆମ କଳା ସଂସ୍କୃତିକୁ ନେଇ ଘଟୁଥିବା ବିଭିନ୍ନ ଘଟଣା ଲେଖି ପାରିବେ। ଆପଣଙ୍କ ଅଂଚଳରେ ସଂସ୍କୃତି ସଂପର୍କିତ ସମସ୍ତ ଖବର ଏହି ପର୍ଯ୍ୟାୟରେ ଆସିବ। ସାଧାରଣତଃ ସହରରେ ଥିବା ସାଂସ୍କୃତିକ କେନ୍ଦ୍ର, କ୍ଲବ ହାଉସ, ମଣ୍ଡପ, ଚିତ୍ତ ବିନୋଦନ କେନ୍ଦ୍ର ଆଦି ସ୍ଥାନରେ ନିୟମିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଠାକୁ ଗଲେ ତୁମେ ଖବର ସଂଗ୍ରହ କରି ରିପୋର୍ଟ ଲେଖି ପାରିବ।

## ସଂସ୍କୃତି ସାମ୍ବାଦିକତାର ଭାଷା

ସାମ୍ବାଦିକତାର ଅନ୍ୟାନ୍ୟ କ୍ଷେତ୍ର ପରି ସଂସ୍କୃତି ସାମ୍ବାଦିକତାର ଭାଷା ସରଳ ହେବା ନିହାତି ଦରକାର। ତେବେ ଏଥିରେ ତୁମେ ଶୁଦ୍ଧ ଓ ଅଳ୍ପ କିଛି ସାହିତ୍ୟିକ ଭାଷାର ବ୍ୟବହାର କରିପାରିବ। କିନ୍ତୁ ଭାଷା ସାଧାରଣ ଲୋକଙ୍କ ବୁଝିବା ପରି ହୋଇଥିବ। କୌଣସି ଶବ୍ଦର ଅର୍ଥ ଜାଣିବା ପାଇଁ ପାଠକଙ୍କୁ ଯେମିତି ଅଭିଧାନର ସାହାଯ୍ୟ ନେବାକୁ ନ ପଡେ। ସଂସ୍କୃତି ଓ ପରମ୍ପରାର କଥା କହିବା ପାଇଁ କିଛି ନିର୍ଦ୍ଦିଷ୍ଟ ଶବ୍ଦ ମଧ୍ୟ ରହିଛି। ଏହାକୁ ତୁମେ ଲେଖାରେ ବ୍ୟବହାର କରିପାରିବ। କିନ୍ତୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ, ଲେଖାରେ ସମ୍ବେଦନଶୀଳତା ଓ ମାନବିକତାକୁ ଯେମିତି ଗୁରୁତ୍ୱ ଦିଆ ହୋଇଥିବ।

ଜଣେ ସଂସ୍କୃତି ସାମ୍ବାଦିକ ଭଲ ଗାଳ୍ପିକ ପରି ଘଟଣାକୁ ଗପ ପରି ପାଠକଙ୍କ ପାଖରେ ପହଞ୍ଚାଇ ପାରୁଥିବେ। ଏହି ଖବର ପଢ଼ିଲେ ଲୋକେ ଭାରାକ୍ରାନ୍ତ ହେବେନି। ବରଂ ହାଲ୍କା ଅନୁଭବ କରିବେ। ଏହାକୁ ନଜରରେ ରଖି ଖବର ଲେଖିବାର ଶୈଳୀକୁ ବଦଳାଇବା ଦରକାର। କାରଣ ଏଥିରେ ସାମ୍ବାଦିକତାର ୬ 'କ' ସୁତ୍ରକୁ ମାନି ଲେଖିବା ନିହାତି ଆବଶ୍ୟକ ନାହିଁ। କୌଣସି କାର୍ଯ୍ୟକ୍ରମରେ ଘଟିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣାରୁ ତୁମେ ଖବର ଲେଖା ଆରମ୍ଭ କରିପାରିବ। କୌଣସି ଗୀତର ପ୍ରଥମ ଧାଡ଼ିରୁ ବି ଖବର ଲେଖାଯାଇପାରେ। ଦର୍ଶକଙ୍କ ଉପରେ ନୃତ୍ୟଗୀତର ପ୍ରଭାବକୁ ଜଣେ

ସାମ୍ବାଦିକ ଗୁରୁତ୍ୱ ଦେଇ ମଧ୍ୟ ପାରିବେ। ତେଣୁ ସଂସ୍କୃତି ସାମ୍ବାଦିକତାରେ ଭାଷା ସବୁବେଳେ ଗୋଟେ ଧରାବନ୍ଧା ନିୟମରେ ରହିବାକୁ ବାଧ୍ୟ ନୁହେଁ।

**କଣ ଲେଖିବେ ?**

ଜଣେ ସାମ୍ବାଦିକ ଆମ ସଂସ୍କୃତିକୁ ଭଲଭାବେ ଜାଣିଥିଲେ ଏକ ସୁନ୍ଦର ରିପୋର୍ଟ ପ୍ରସ୍ତୁତ କରିବାରେ ବିଶେଷ ଅସୁବିଧା ହେବନି। ଲେଖିଲା ବେଳକୁ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ କିଏ ଆୟୋଜନ କରିଥିଲେ, କେଉଁ ଅବସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା, କାର୍ଯ୍ୟକ୍ରମର ଉଲ୍ଲେଖନୀୟ ଘଟଣା ଆଦିକୁ ସ୍ଥାନିତ କରିବା ଦରକାର। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଆମ ସଂସ୍କୃତି ଓ ପରମ୍ପରାର ସ୍ଥିତି, କଳାକାରଙ୍କ ଅଭାବ ଓ ଅସୁବିଧା, ସଂସ୍କୃତିକୁ କଳୁଷିତ କରୁଥିବା ଉପାଦାନକୁ ନେଇ ଭିନ୍ନ ଭିନ୍ନ ଧରଣର ରିପୋର୍ଟ କରିହେବ। କଳା ଓ କଳାକାରଙ୍କ ପାଇଁ ସରକାରଙ୍କ ଦରଦ ଓ ସାହାଯ୍ୟକୁ ନେଇ ଉଭୟ ସକରାତ୍ମକ ଓ ନକରାତ୍ମକ ରିପୋର୍ଟ କରାଯାଇପାରେ। ଜଣେ ସାମ୍ବାଦିକ କେବଳ ଉପର ଠାଉରିଆ ଭାବେ ନ ଯାଇ କଳା ଜଗତ ଭିତରେ କ'ଣ ଘଟୁଛି ତାହାକୁ ଅନୁଧ୍ୟାନ କରିପାରିଲେ ଭଲ ରିପୋର୍ଟ ମିଳିବ।

ସଂସ୍କୃତି ରିପୋର୍ଟିଂ କଲାବେଳେ ତୁମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବାକୁ ପଡିବ। ଓଡ଼ିଶୀ ନୃତ୍ୟ ସମ୍ପର୍କରେ ଜାଣି ନ ଥିଲେ ଆପଣ ଏହି ନୃତ୍ୟର ଠିକଠାକ ରିପୋର୍ଟିଂ କରି ପାରିବ ନାହିଁ। ସେହିପରି ଜଗନ୍ନାଥ ସଂସ୍କୃତି ବିଷୟରେ ନ ଜାଣିଲେ ଏହା ଲେଖିବା କଷ୍ଟକର ହେବ। ଲେଖିଲେ ବି ରିପୋର୍ଟଟି ଉନ୍ନତମାନର ହେବନି। ଏଥିନେଇ ଏକ ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। କିଛି ବର୍ଷ ତଳେ ଭୁବନେଶ୍ୱରର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଗନ୍ନାଥଙ୍କୁ ପହଣ୍ଡି କରାଇ ମଂଚକୁ ଅଣାଯାଇଥିଲା। କାର୍ଯ୍ୟକ୍ରମ ଦେଖୁଥିବା ଶହ ଶହ ଦର୍ଶକ ଏହାକୁ ଉପଭୋଗ କରିବା ସହ ତାଳିମାଡ କରିଥିଲେ। କିନ୍ତୁ ତାହା ପରଦିନ ଏକ ଖବରକାଗଜରେ ଏଥିନେଇ ଏକ ନକରାତ୍ମକ ରିପୋର୍ଟ ପ୍ରକାଶ ପାଇଥିଲା। ସାମ୍ବାଦିକ ଜଣଙ୍କ ଦର୍ଶାଇବାକୁ ଚାହିଁଥିଲେ ଯେ, ମଂଚରେ ଜଗନ୍ନାଥଙ୍କ ପହଣ୍ଡି କରିବା ଜଗନ୍ନାଥ ସଂସ୍କୃତି ବିରୋଧୀ। ପୁଣି ଯେଉଁ ଢଙ୍ଗରେ ଏହି ପହଣ୍ଡି ହୋଇଥିଲା ତାହା ଶାସ୍ତ୍ର ସ୍ୱୀକୃତ ନୁହେଁ। ଏହି ରିପୋର୍ଟ ଖବରକାଗଜରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ପ୍ରତିବାଦ ଦେଖା ଦେଲା। କାର୍ଯ୍ୟକ୍ରମ କରିଥିବା ଅନୁଷ୍ଠାନ ଶେଷକୁ କ୍ଷମା ପ୍ରାର୍ଥନା କରିବା ପରେ ବିବାଦର ସମାଧାନ ହୋଇଥିଲା।

ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ବିଷୟରେ ଲେଖିବା ସହ କଳା, ସଂସ୍କୃତି ସହ ଜଡିତ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହ ସାକ୍ଷାତକାର, ସେମାନଙ୍କ ବ୍ୟକ୍ତିଗତ ଜୀବନୀ, ସଂଘର୍ଷ ଆଦିକୁ ନେଇ ରିପୋର୍ଟ କରିହେବ। ସିନେମା ଓ ଟିଭି କଳାକାରଙ୍କ ବ୍ୟକ୍ତିଗତ ଜୀବନର କାହାଣୀ ଜାଣିବା ପାଇଁ ଏବେ ଲୋକମାନଙ୍କର ପ୍ରବଳ ଆଗ୍ରହ ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଧରଣର ରିପୋର୍ଟକୁ ଏବେ ଗଣମାଧ୍ୟମ ସଂସ୍ଥାମାନେ ଗୁରୁତ୍ୱ ଦେଉଛନ୍ତି। ତେଣୁ ପାଠକଙ୍କ ରୁଚିକୁ ସମ୍ମାନ ଜଣାଇ ଆପଣ ଏ ଧରଣର ରିପୋର୍ଟକୁ ଅଧିକ ନାଟକୀୟ ଢଙ୍ଗରେ ଉପସ୍ଥାପନ କରିବା ଦରକାର। ବିଭିନ୍ନ ଇଣ୍ଡଷ୍ଟ୍ରିରେ ଚାଲିଥିବା ଗସିପକୁ ମଧ୍ୟ ଖବର ଆକାରରେ ପ୍ରକାଶ କରାଯାଇପାରେ। କିନ୍ତୁ ଉଡା ଖବର ଓ ବ୍ୟକ୍ତିଗତ ଆକ୍ଷେପଠାରୁ ଦୂରରେ ରହି ଯେତେ ସମ୍ଭବ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରସ୍ତୁତ କରିବା ଦରକାର।

## ସାମ୍ବାଦିକଙ୍କ ପାଇଁ କିଛି ପରାମର୍ଶ

- ନିଜ ସଂସ୍କୃତି ଓ ପରମ୍ପରାକୁ ଭଲ ଭାବେ ଚିହ୍ନିବା ଦରକାର। କେବଳ ସେତିକି ନୁହେଁ, ଏହାକୁ ଭଲ ପାଇବା ଓ ସମ୍ମାନ ଦେବା ବି ଆବଶ୍ୟକ। ଏହା ସହିତ ଆପଣ ଭିନ୍ନ ଭିନ୍ନ ସଂସ୍କୃତି ବିଷୟରେ ଜ୍ଞାନ ସଂଗ୍ରହ କରିବାକୁ ପଡିବ।
- ସଂସ୍କୃତି ସହ ଜଡିତ ବିଭିନ୍ନ ଲୋକ, ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂଗଠନ ସହ ବରାବର ସମ୍ପର୍କ ରଖ।
- ସଂସ୍କୃତିକୁ ନେଇ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଭଲ ଭାବେ ଚିହ୍ନ। ତାଙ୍କ ବିଷୟରେ ଯେତେ ସମ୍ଭବ ଅଧିକ ତଥ୍ୟ ପାଖରେ ରଖିଥାଅ।
- ସଂସ୍କୃତି ରିପୋର୍ଟିଂ କଲା ବେଳେ ତୁମ ପାଖରେ ପୂର୍ବ ପ୍ରସ୍ତୁତି ପାଇଁ ସମୟ ଥାଏ। କାରଣ ଏହି କ୍ଷେତ୍ରରେ କୌଣସି ଘଟଣା ହଠାତ୍ ଘଟି ନ ଥାଏ। ତେଣୁ ସମୟର ଠିକ୍ ଭାବେ ବିନିଯୋଗ କରି ଯଥାସମ୍ଭବ ପ୍ରସ୍ତୁତି କରି ନିଅ।
- କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମକୁ ରିପୋର୍ଟି ପାଇଁ ଯାଉଥିଲେ, ଆଗୁଆ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତୁ। ଆଗୁଆ ପହଞ୍ଚି କଳାକାର, ଆୟୋଜକ ଓ ବିଶିଷ୍ଟ ଲୋକଙ୍କ ସହ କିଛି ସମୟ କାଟ।
- କୌଣସି କାର୍ଯ୍ୟକ୍ରମକୁ ଯାଉଥିଲେ, ସେଠାକୁ ଆସୁଥିବା ପ୍ରମୁଖ ଲୋକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିନିଅ। ସୁବିଧା ହେଲେ ତୁମେ ତାଙ୍କର ସାକ୍ଷାତକାର ନେଇ ପାରିବ। କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ତାଙ୍କର ମତାମତ ନେଇ ମଧ୍ୟ ଖବର ପ୍ରସ୍ତୁତ କରା ଯାଇପାରେ।
- ଲେଖାରେ ପରିମାର୍ଜିତ ଓ ଶୁଦ୍ଧ ଶବ୍ଦ ବ୍ୟବହାର କର। କିନ୍ତୁ ଏହା ସରଳ ଓ ବୋଧଗମ୍ୟ ହେବା ଜରୁରୀ।
- ଦେଶବିଦେଶର ସାଂସ୍କୃତିକ ଗତିବିଧି ଉପରେ ନଜର ରଖ।
- ଯେଉଁ ବିଷୟରେ ଜାଣିନାହାନ୍ତି ସେ ବିଷୟରେ ବିଲକୁଲ ଲେଖ ନାହିଁ। ଭୁଲଭାଲ ଲେଖିବା ଅପେକ୍ଷା ମୋଟେ ନ ଲେଖିବା ଭଲ। ସଂସ୍କୃତି ରିପୋର୍ଟିରେ ଭୁଲଭାଲ ଲେଖିଲେ ବିବାଦରେ ଫସିବାର ଆଶଙ୍କା  ଅଧିକ ଥାଏ।
- ସଂସ୍କୃତି ଲେଖକ ଓ ଗବେଷକଙ୍କ ଲେଖା ପଢ଼। ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କୁ ପଢ଼।

## କ୍ରୀଡ଼ା(ସ୍ପୋର୍ଟ୍ସ) ରିପୋର୍ଟିଂ:

କାହିଁ କେତେକାଳରୁ ଖେଳ ଆମ ସମାଜ ଓ ସଭ୍ୟତା ସହ ଯୋଡି ହୋଇ ରହିଛି। ମନୋରଂଜନ, ସ୍ୱାସ୍ଥ୍ୟ ରକ୍ଷା, ଦଳ ଭିତରେ କାମ କରିବାର ମାନସିକତା, ପ୍ରତିଦ୍ୱନ୍ଦିତା ମନୋଭାବ ବଢାଇବାରେ ଏହି ଖେଳ ସାହାଯ୍ୟ କରିଥାଏ। ଧୀରେ ଧୀରେ ଏହା ଜାତୀୟ ସ୍ୱାଭିମାନ, ଐକ୍ୟ, ସଂହତିର ମାଧ୍ୟମ ପାଲଟି ଯାଇଛି। ପୁଣି ଏବେ ଖେଳର ବଜାରୀକରଣ ପରେ ଖେଳକୁ ନେଇ ଏକ ବଡଧରଣର ବ୍ୟବସାୟିକ ବଜାର ସୃଷ୍ଟି ହୋଇଛି। ଏହାକୁ ତାଳ ଦେଇ ସାମ୍ବାଦିକତା କ୍ଷେତ୍ରରେ ଏବେ କ୍ରୀଡାର ଗୁରୁତ୍ୱ ବେଶ୍ ବୃଦ୍ଧି ପାଉଛି। ଦିନ ଥିଲା, ଖେଳ ଖବର ସବୁ ପଛ ପୃଷ୍ଠାରେ ବାହାରୁଥିଲା। ଦେଶ, ବିଦେଶର ଖେଳ ଖବରକୁ ବେଶି ଗୁରୁତ୍ୱ ଦିଆ ଯାଉ ନ ଥିଲା। କିନ୍ତୁ ପରିବର୍ତ୍ତିତ ପୃଷ୍ଠଭୂମିରେ ଖେଳ ଖବରର ଗୁରୁତ୍ୱ ବୃଦ୍ଧି ପାଇଛି। ଲୋକେ

ଖବରକାଗଜ ଦେଖିବା ମାତ୍ରେ ପଛ ପୃଷ୍ଠା ଖୋଲୁଛନ୍ତି। ସେଥିପାଇଁ ବିଭିନ୍ନ ଖବରକାଗଜ କିଛି ଖେଳ ଖବରକୁ ପ୍ରଥମ ପୃଷ୍ଠାକୁ ଆଣିଲେଣି। ଏପଟେ ଖେଳ ଖବରର ଗୁରୁତ୍ୱ ବଢିବାରୁ କ୍ରୀଡା ସାମ୍ବାଦିକତାର ମଧ୍ୟ ଗୁରୁତ୍ୱ ବଢି ଯାଇଛି।

ଥରେ ପ୍ରସିଦ୍ଧ ଅଭିନେତା ଅମିତାଭ ବଚ୍ଚନ କହିଥିଲେ- 'ମୁଁ ଖବରକାଗଜ ପଛ ପୃଷ୍ଠାରୁ ଖୋଲେ । ଆଗ ଖେଳ ଖବର ପଢେ । କାରଣ ଏହା ସଫଳତାର କାହାଣୀ ବଖାଣେ ।'

ଖେଳ ଖବରର ଗୁରୁତ୍ୱ ଯେତିକି ବଢିଛି କ୍ରୀଡା ସାମ୍ବାଦିକଙ୍କ ଦାୟିତ୍ୱ ସେତିକି ବଢିଛି। ଜଣେ ଭଲ କ୍ରୀଡା ସାମ୍ବାଦିକ ହେବାକୁ ହେଲେ ଖେଳକୁ ଭଲପାଇବା ଦରକାର। କିନ୍ତୁ ଖେଳକୁ ଖାଲି ଭଲ ପାଇଲେ ଯେ, ଭଲ ସାମ୍ବାଦିକ ହୋଇପାରିବ ସେମିତି କିଛି ମାନେ ନାହିଁ। କୌଣସି ଖେଳକୁ ଭିନ୍ନ ଭିନ୍ନ ବାଗରେ ଆଉ ଢଙ୍ଗରେ ଲେଖିଲେ ଏହା ପାଠକଙ୍କୁ ମନକୁ ଛୁଇଁପାରିବ। ଆଜିକାଲି ସବୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ସିଧାପ୍ରସାରଣ ଟେଲିଭିଜନରେ ହେଉଥିବାରୁ ଲୋକେ ଘରେ ବସି ପୁରା ଖେଳକୁ ଦେଖିପାରୁଛନ୍ତି। ତେଣୁ ସେମାନେ କାହିଁକି ଖେଳ ଖବର ପଢିବେ କିମ୍ବା ଦେଖିବେ ବୋଲି ପ୍ରଶ୍ନ ଉଠିପାରେ। ପ୍ରଶ୍ନର ଉତ୍ତର ଅତି ସରଳ। ଏମିତି ଖବର ଦେବାକୁ ପଡିବ, ଯାହାକି ସେମାନେ ସିଧା ପ୍ରସାରଣରେ ଦେଖି ନ ଥିବେ। ଖେଳ ପଛର ଖବର, ବିଶ୍ଲେଷଣ, ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ଘଟଣା, ଟର୍ଣ୍ଣିଂ ପଏଣ୍ଟ, ନୂଆ କଥା ଆଦିକୁ ଖବର ଆକାରରେ ଲେଖିବାକୁ ପଡିବ। ଦର୍ଶକ ଖେଳର ଉତ୍ତେଜନାକୁ ଅନୁଭବ କରିବା ପରି ପାଠକ ଯଦି ଖେଳ ଖବର ପଢି ଉତ୍ତେଜନାକୁ ଅନୁଭବ କରିପାରିବେ, ତାହା ହେଲେ ଖେଳ ରିପୋର୍ଟଟି ସାର୍ଥକ ହେଲା ବୋଲି କୁହାଯାଇ ପାରିବ।

କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ ଅନେକଗୁଡିଏ ଚ୍ୟାଲେଞ୍ଜ ମଧ୍ୟ ରହିଛି। ସବୁଠାରୁ ବଡ ଚ୍ୟାଲେଞ୍ଜ ହେଲା ଅଳ୍ପ ସମୟ ଭିତରେ ସବୁ ଲେଖି ପାରିବାର ଦକ୍ଷତା। ପୁଣି ଶୀଘ୍ର ନିର୍ଭୁଲ ରିପୋର୍ଟ ଲେଖିବାର ଚାପକୁ ବି ଗ୍ରହଣ କରିବା ଦରକାର। କାରଣ ମ୍ୟାଚ୍ ସରୁ ସରୁ କ୍ରୀଡା ସାମ୍ବାଦିକଙ୍କୁ ରିପୋର୍ଟ ପ୍ରକାଶ କରିବାକୁ ପଡିବ। ଯେହେତୁ ସାମ୍ବାଦିକ ପାଖରେ ବେଶି ସମୟ ନ ଥିବ, ସବୁ ପଏଣ୍ଟକୁ ଏକାଠି କରି ରିପୋର୍ଟ ପ୍ରସ୍ତୁତ କରିବା ଏତେଟା ସହଜ ନୁହେଁ। ମ୍ୟାଚ୍ ସରିବା ପରେ ସେଠାରେ ଗହଳି ଚହଳି, ଘୋ ଘା ଲାଗି ରହିଥିବା ସତ୍ତ୍ୱେ ତୁମକୁ ରିପୋର୍ଟ ଲେଖିବାକୁ ପଡିପାରେ। ଖାଲି ଲେଖିଦେଲେ ତ ହେବନି। କେମିତି ଏହାକୁ ଅଫିସ୍‌କୁ ପଠାଇବେ ସେ ସୁବିଧା ମଧ୍ୟ କରିବା ଦରକାର।

ଖେଳ ଦେଖିବା ସମୟରେ ଉତ୍ତେଜନାକୁ ଅନୁଭବ କରିବା ଭଲ। ଏହି ଉତ୍ତେଜନାକୁ ଲେଖାରେ ପରିପ୍ରକାଶ କରିପାରିଲେ ଆହୁରି ଭଲ। କିନ୍ତୁ ଭାବପ୍ରବଣ ହୋଇ ଲେଖିଲେ ଭଲ ରିପୋର୍ଟ ହୋଇ ପାରିବ ନାହିଁ। କୌଣସି ଦଳକୁ ଆମ ଦଳ ଲେଖିବା ଉଚିତ ନୁହେଁ। ଆମ ଦଳ କହି ଏହାର ବିଜୟକୁ ପ୍ରଶଂସା କରିବା କିମ୍ବା ପରାଜୟକୁ ନିନ୍ଦା କରି ଲେଖିଲେ ଏହା ପାଠକୀୟ ଆଦୃତି ଲାଭ ନ କରିପାରେ। ସେହିପରି କୌଣସି ଦଳର ପରାଜୟକୁ ସମାଲୋଚନା କରି ଅଧିକ କଟୁ କଥା ଲେଖିଲେ ଏହାର ଗ୍ରହଣୀୟତା ହ୍ରାସ ପାଇବ।

### କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ କେତୋଟି ପରାମର୍ଶ

- ବିଭିନ୍ନ ଖେଳର ନୀତି ନିୟମ, କୌଶଳ, ରଣନୀତି ବିଷୟରେ ଅବଗତ ହୁଅ।
- ଖେଳକୁ ଭଲ ଭାବେ ଜାଣ ଓ ବୁଝ।
- ବିଭିନ୍ନ ଖେଳର ଇତିହାସ, ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣିବା ସହ ରେକର୍ଡ ସଂଗ୍ରହ କର।
- କେବଳ ଖେଳ ନ ଦେଖି କୋଚ ଓ ଖେଳାଳି ସହ ସମୟ ବିତାଇବା ଆବଶ୍ୟକ।
- ବିଭିନ୍ନ କ୍ରୀଡା ସଂଗଠନ କର୍ମକର୍ତ୍ତା ଓ ପୂର୍ବତନ ଖେଳାଳିଙ୍କ ସହ ଯୋଗାଯୋଗରେ ରୁହ।
- ଖେଳ ପୂର୍ବରୁ ଉଭୟ ଖେଳାଳି ଓ ଦଳର ଫୋକସ ବିଷୟରେ ଜାଣିବାକୁ ଚେଷ୍ଟା କର । ଏହା ଏକ ଉତ୍ତମ ରିପୋର୍ଟ ପ୍ରସ୍ତୁତ କରିବାରେ ସହାୟକ ହେବ।
- କୌଣସି ଦଳର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣିବା ଦରକାର।
- ପରିସଂଖ୍ୟାନକୁ ଗୁରୁତ୍ୱ ଦିଅ। କୌଣସି ସ୍କୋର ଲେଖିବା ପୂର୍ବରୁ ଏହାକୁ ବାରମ୍ବାର ଯାଂଚ କରି ନିଅ।
- ଖେଳରେ କେବଳ ଜିତିବା କିମ୍ବା ହାରିବାଟା ଖବର ନୁହେଁ। ଖେଳ ଭିତରେ ଆହୁରି ଖବର ଲୁଚି ରହିଥାଏ। ଏହାକୁ ପ୍ରକାଶ କରିବା ଦରକାର।
- କେବଳ ରିପୋର୍ଟ ପ୍ରସ୍ତୁତ କରିଦେଲେ ହେବ ନାହିଁ। ଏହା କେମିତି ତୁମ ଅଫିସ୍‌ରେ ଠିକ୍ ସମୟରେ ପହଞ୍ଚି ପାରିବ ସେ ଦିଗରେ ପୂର୍ବ ପ୍ରସ୍ତୁତି କରିବା ଆବଶ୍ୟକ।

### କେମିତି ଲେଖିବେ ?

ଖେଳ ଖବର ଲେଖିବା ବେଳକୁ ତୁମକୁ କେତୋଟି କଥାକୁ ଧ୍ୟାନ ଦେବାକୁ ପଡିବ। ଖେଳର ରୋମାଂଚକୁ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଲେଖାରେ ବାନ୍ଧି ରଖିବା ପଡିବ। ଏହା ହେଲେ ପାଠକ ଗୋଟିଏ ନିଶ୍ୱାସରେ ମୂଳରୁ ଯାଇ ଶେଷରେ ପହଞ୍ଚି ଯିବ। ଖବର ପଢିଲାବେଳେ ପାଠକ ମନ ଭିତରେ ଖେଳର ଚିତ୍ରକୁ ଯେମିତି  ଦେଖିପାରୁଥିବ। ସେହିପରି ଯିଏ ଖେଳ ସମ୍ପର୍କରେ କିଛି ଜାଣିନି ସେ ମଧ୍ୟ ଏହା ପଢିବାକୁ ଆଗ୍ରହ ପ୍ରକାଶ କରୁଥିବ। ସେହିପରି ଖେଳର ବିଶ୍ଳେଷଣ ମଧ୍ୟ ଲେଖାରେ ରହିବା ଉଚିତ। ଯେପରିକି, ଗୋଟିଏ ଦଳ ହାରିଲା ବୋଲି ରିପୋର୍ଟ ପ୍ରକାଶ କରିଦେଲେ ହେବନାହିଁ। ଦଳ କାହିଁକି ହାରିଲା, କେଉଁ ଘଟଣା ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ ଥିଲା ତାହାକୁ ଲେଖିବା ଦରକାର। ଏପରି ହେଲେ ପାଠକଙ୍କୁ ମନକୁ ଲେଖାଟି ଛୁଇଁପାରିବ। ତେବେ ଖେଳ ଖବର କେମିତି ଲେଖାଯାଏ, ତାହାର କୌଣସି ସ୍ଥାୟୀ ନିୟମ ନାହିଁ। ଏହି ରିପୋର୍ଟରେ ୫ ଡବ୍ଲ୍ୟୁ ୧ ଏଚ୍ (୬ 'କ') ସୂତ୍ର ମାନିବା ନିହାତି ଆବଶ୍ୟକ ନାହିଁ। କିନ୍ତୁ ଗୋଟିଏ ସରଳ ସୂତ୍ର ହେଲା, ଯାହା ଶେଷରେ ଘଟିଲା ତାକୁ ପ୍ରଥମରେ ଲେଖିବା ଦରକାର। କୌଣସି ମ୍ୟାଚ୍‌ର ଫଳାଫଳକୁ ଆଗରେ ଲେଖି ଟସ୍ ପଡିବା କଥାକୁ ପଛରେ ଲେଖାଯିବା ଆବଶ୍ୟକ। ଏପରିକି ଫଳାଫଳ ପାଇଁ ଦାୟୀ ରହିଥିବା ଘଟଣାକୁ ଆପଣ ଖବର ଆରମ୍ଭରୁ ଲେଖିପାରିବେ। ଖେଳରେ କୌଣସି ନାଟକୀୟତା ଥିଲେ, ଏହାକୁ ଆଗକୁ ଆଣି ସେହି ଅନୁସାରେ ଲେଖ। ଏହା ପାଠକଙ୍କୁ ଭଲ ଲାଗିବାର ସମ୍ଭାବନା ଅଧିକ।

ଖେଳ ଖବରକୁ ଅଲଗା ବାଗରେ ଓ ଭିନ୍ନ ଦୃଷ୍ଟିଭଙ୍ଗୀରେ ଲେଖାଯିବା ଉଚିତ। ପାରମ୍ପରିକ ଭାବେ ଖବର ଲେଖିଲେ ଏହା ପାଠକଙ୍କୁ ଭଲ ଲାଗିବ ନାହିଁ। ପୁଣି ଚିରାଚରିତ ଶବ୍ଦ ବ୍ୟବହାର ନ କରି କିଛି ନୂଆ ଶବ୍ଦ ଯାହାକି ଖେଳକୁ ଖାପ୍ ଖାଉଥିବା ତାହା ବ୍ୟବହାର କରିବା ଦରକାର। ଆଉ ଗୋଟିଏ କଥା ହେଲା, କ୍ରୀଡା ସାମ୍ବାଦିକ ସବୁବେଳେ ଭବିଷ୍ୟତ ଚିନ୍ତା କରୁଥିବ। ସେହି ଅନୁସାରେ ରିପୋର୍ଟ ଲେଖିଲେ ପାଠକଙ୍କୁ ନୂଆ ଲାଗିବ। ଉଦାହରଣ ଭାବେ କ୍ରିକେଟ୍ ଖେଳର ଗୋଟିଏ  ଘଟଣାକୁ ନିଆଯାଇପାରେ। ବିଶ୍ୱକପ କ୍ରିକେଟ୍ ଆଉ ମାତ୍ର ୧୦ଦିନ ବାକି ଥିଲାବେଳେ ଅଭ୍ୟାସ ସମୟରେ ଭାରତର ପ୍ରମୁଖ ଖେଳାଳି ବିରାଟ କୋହଲି ଆହତ ହେଲେ। ତାଙ୍କ ଚିକିତ୍ସା କରୁଥିବା ଡାକ୍ତର ୫ ସପ୍ତାହ ବିଶ୍ରାମ ନେବାକୁ ପରାମର୍ଶ ଦେଲେ। ଏହି ଖବରର ଶୀର୍ଷକ "ବିରାଟ କୋହଲି ଆହତ" ଲେଖିଲେ ଭୁଲ ହେବ ନାହିଁ। କିନ୍ତୁ  ଏହା ବଦଳରେ ଯଦି ଆମେ  "ବିଶ୍ୱକପରୁ ବିରାଟ ବାଦ୍" ଲେଖିଲେ ଏହା ଅଧିକ ଗ୍ରହଣୀୟ ହେବ।

କେବଳ ଖେଳ ସମ୍ପର୍କିତ ଖବର ଯେ, କ୍ରୀଡା ସାମ୍ବାଦିକତାର ଅଂଶ ବିଶେଷ ହୋଇ ରହିଛି ତାହା ନୁହେଁ। ଏବେ କିଛି ଖେଳ ଲୋକଙ୍କ ରକ୍ତ ସହ ମିଶି ଯାଇଥିଲା ବେଳେ ଖେଳାଳିମାନଙ୍କୁ ଭଗବାନ ପରି ତାଙ୍କ ପ୍ରଶଂସକ ଗ୍ରହଣ କରୁଛନ୍ତି। ତେଣୁ ଖେଳାଳିଙ୍କ ପେଶାଦାର ଜୀବନ ଓ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି କୌଣସି ଖେଳ ପୂର୍ବରୁ ଓ ପରେ କ'ଣ ସବୁ ଘଟୁଛି ତାହା ମଧ୍ୟ ଜାଣିବାକୁ ଆଗ୍ରହୀ। ତେଣୁ ପାଠକଙ୍କ ରୁଚିକୁ ସମ୍ମାନ ଦେଇ ଏ ବିଷୟରେ ଭଲ ରିପୋର୍ଟଟିଏ ପ୍ରକାଶ କରିହେବ।

ନୂଆ ନୂଆ କ୍ରୀଡା ପ୍ରତିଭାଙ୍କୁ ସାମ୍ନାକୁ ଆଣିବା ମଧ୍ୟ କ୍ରୀଡା ସାମ୍ବାଦିକଙ୍କର ଏକ ଦାୟିତ୍ୱ। ସାମ୍ବାଦିକ ଭାବରେ ତୁମେ ବିଭିନ୍ନ କ୍ରୀଡା ସଂଗଠନ ଓ କୋଚ୍‌ଙ୍କ ସହ ସମ୍ପର୍କରେ ରହିଲେ ଏମିତି ଖବର ପାଇପାରିବ। ସ୍କୁଲ, କଲେଜ ସ୍ତରରେ ରେକର୍ଡ କରୁଥିବା କ୍ରୀଡାବିତ ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡାରେ ଖ୍ୟାତି ଅର୍ଜନ କରିବାର ସମ୍ଭାବନା ରହିଛି। ତେଣୁ ଏପରି ପ୍ରତିଭାଙ୍କ ସମ୍ପର୍କରେ ଖବର ପ୍ରକାଶ କରି ତାଙ୍କୁ ଉତ୍ସାହିତ କରିବା ଦରକାର।

କ୍ରୀଡା ସମ୍ପର୍କିତ ଖବରର ଉଦାହରଣ ନିମ୍ନରେ ଦିଆଗଲା.

# ମୁମ୍ବାଇର ହ୍ୟାଟ୍ରିକ୍ ବିଜୟ

## ୧୦୨ ରନ୍‌ରେ ହାରିଲା କୋଲ୍‌କାତା

କୋଲକାତା, ୯।୫: ମୁମ୍ବାଇ ହ୍ୟାଟ୍ରିକ୍ ବିଜୟ ସହିତ କୋଲ୍‌କାତାକୁ ଚିନ୍ତାରେ ପକାଇ ଦେଲା। ଆଇପିଏଲ୍-୧୧ର ୪୧ତମ ମ୍ୟାଚ୍‌ରେ ବୁଧବାର ମୁମ୍ବାଇ ଇଣ୍ଡିଆନ୍‌ସ ୧୦୨ ରନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରି ପ୍ଲେ ଅଫ୍ ସମ୍ଭାବନାକୁ ମଧ୍ୟ ବଢ଼ାଇ ଦେଲା। ପ୍ରତିଯୋଗିତାର ପ୍ରଥମାର୍ଧରେ ଦୟନୀୟ ଖେଳିଥିବା ମୁମ୍ବାଇ ଏବେ ଶେଷ ୫ ମ୍ୟାଚ୍‌ରୁ ୪ ଜିତି ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଛି। ରୋହିତ ଶର୍ମାଙ୍କ ଦଳ ୧୧ ମ୍ୟାଚ୍‌ରୁ ପଞ୍ଚମ ବିଜୟ ପାଇଥିବା ବେଳେ ଦୀନେଶ କାର୍ତ୍ତିକଙ୍କ କେକେଆର୍ ସମାନ ସଂଖ୍ୟକ ମ୍ୟାଚ୍‌ରୁ ଷଷ୍ଠ ପରାଜୟ ସହ ଆଶଙ୍କା ଭିତରେ ପଡ଼ିଛି। ବୁଧବାର ରାତିରେ ମୁମ୍ବାଇର ୨୧୦ ରନ୍ ଜବାବରେ କୋଲକାତା ମାତ୍ର ୧୦୮ ରନ୍‌ରେ ସମସ୍ତ ୱିକେଟ୍ ହରାଇ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲା। ଚଳିତ ବର୍ଷ କେକେଆର୍ ବିପକ୍ଷ ଉଭୟ ମ୍ୟାଚ୍‌ରେ ମଧ୍ୟ ମୁମ୍ବାଇ ବିଜୟୀ ହୋଇ ନିଜ ଭାଗ୍ୟ ସଜାଡ଼ି ନେଇଛି। ମାତ୍ର ୧୭ ବଲ୍‌ରୁ ଅର୍ଧଶତକ ହାସଲ କରିଥିବା ୧୯ ବର୍ଷୀୟ ଈଶାନ୍ କିଷନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ସରେ କେକେଆର୍ ଟସ୍ ଜିତି ପ୍ରଥମେ କ୍ଷେତ୍ରରକ୍ଷଣ କରିଥିଲା। ମୁମ୍ବାଇ ପାଇଁ ସୂର୍ଯ୍ୟକୁମାର ଯାଦବ (୩୬, ୩୨ ବଲ୍, ୫ ଚୌକା, ୧ ଛକା) ଏବଂ ଏଭିନ୍ ଲୁଇସ୍ (୧୮, ୧୩ ବଲ୍, ୩ ଚୌକା) ଭଲ ଆରମ୍ଭ କରିଥିଲେ। ସପ୍ତମ ଓଭରରେ ମୁମ୍ବାଇ ୫୦ ଟପିଥିଲା। ଉଭୟ ସୂର୍ଯ୍ୟକୁମାର ଓ ଲୁଇସ୍‌ଙ୍କୁ ପୀୟୂଷ ଚାୱଲା ଲଗାତାର ଭାବେ ଆଉଟ୍ କରିଥିଲେ। ୧୨ ଓଭର ପର୍ଯ୍ୟନ୍ତ ମୁମ୍ବାଇର ରନ୍ ହାରକୁ କୋଲ୍‌କାତା ନିୟନ୍ତ୍ରଣରେ ରଖିଥିଲା। କିନ୍ତୁ ଏହି ସମୟରେ ୧୯ ବର୍ଷୀୟ ଝାଡ଼ଖଣ୍ଡ ୱିକେଟରକ୍ଷକ ବ୍ୟାଟସମ୍ୟାନ୍ ଈଶାନ କିଷନ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଥିଲେ। ଚୌକା ଓ ଛକାର ବର୍ଷା କରି ମାତ୍ର ୧୭ ବଲ୍‌ରୁ ଅର୍ଧଶତକ ପୂର୍ଣ୍ଣ କରି ନେଇଥିଲେ। ଚାଇନାମ୍ୟାନ୍ ବୋଲର୍ କୁଲଦୀପ ଯାଦବଙ୍କୁ ଗୋଟିଏ ଓଭରରେ ଲଗାତାର ୪ ଛକା ମାରିବା ସବୁଠାରୁ ଉଲ୍ଲେଖନୀୟ ଥିଲା। ୨୧ ବଲ୍‌ରୁ ୬୨ ରନ୍ କରି ସେ ସୁନୀଲ ନରିନ୍‌ଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। କିଷନ୍‌ଙ୍କ ପାଇଁ ମୁମ୍ବାଇ ପାଳିରେ ଆସିଥିବା ତୀବ୍ରତାକୁ ଅଧିନାୟକ ରୋହିତ ଶର୍ମା (୩୬, ୩୧ ବଲ୍, ୨ ଚୌକା, ୧ ଛକା) ଏବଂ ହାର୍ଦ୍ଦିକ ପାଣ୍ଡ୍ୟା




(୧୯, ୧୩ ବଲ୍, ୨ ଛକା) ଆଗକୁ ନେଇଥିଲେ। ଶେଷକୁ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର୍ ବେନ୍ କଟିଙ୍ଗ୍ ମାତ୍ର ୯ ବଲ୍‌ରୁ ୨୪ ରନ୍ ଆଦାୟ କରି ମୁମ୍ବାଇ ପାଳିକୁ ୨୦୦ ପାର କରି ଦେଇଥିଲେ। ପୀୟୂଷ ଚାୱଲା ତାଙ୍କ ୱିକେଟ୍ ଦଖଲ କରି ପ୍ରତିଶୋଧ ନେଇଥିଲେ ମଧ୍ୟ ଶେଷ ଓଭରରେ ୨୨ ରନ୍ ଦେବା କୋଲ୍‌କାତାର କୌଶଳକୁ ଫିକା ପକାଇ ଦେଇଥିଲା। ଶେଷ ୭ ଓଭରରେ ମୁମ୍ବାଇ ୯୮ ରନ୍ ଯୋଡ଼ିବାରୁ ୨୧୦/୬ରେ ପହଞ୍ଚିଯାଇଥିଲା। ଚାୱଲା କିନ୍ତୁ ୱିକେଟ୍ ଦଖଲରେ (୪-୦-୪୮-୩) ସଫଳତମ ଥିଲେ।

୨୧୧ ରନ୍ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଘରୋଇ କୋଲ୍‌କାତା ନାଇଟ୍ ରାଇଡର୍ସ ଆବଶ୍ୟକ ରନ୍ ହାର ଏବଂ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଆଗରେ ଆତ୍ମସମର୍ପଣ କରିଥିଲା। କ୍ରିସ୍ ଲିନ୍ ଏବଂ ଦୀନେଶ କାର୍ତ୍ତିକ ରନ୍ ଆଉଟ୍ ହେବା ଦଳ ପାଇଁ କାଳ ହୋଇଥିଲା। ନୀତିଶ ରାଣା ଏବଂ ଆନ୍ଦ୍ରେ ରସେଲଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ମଧ୍ୟମଗତି ବୋଲିଂରେ ଫସାଇଦେବାରୁ ମୁମ୍ବାଇ ବିଜୟ ନିଶ୍ଚିତ ହୋଇଯାଇଥିଲା। ୭୬ ରନ୍‌ରେ ୭ ୱିକେଟ୍ ହରାଇ କେକେଆର୍ ଆଉ ପ୍ରତ୍ୟାବର୍ତ୍ତନ କରିବାର ବାଟ ପାଇନଥିଲା। ମ୍ୟାଚ୍ ଶେଷ କରିବାର କେବଳ ଔପଚାରିକତା ହୋଇଯାଇଥିଲା। ଦୁଇ ଥର ବିଜେତା ଦଳ ଘରୋଇ ପ୍ରଶଂସକଙ୍କ ସମ୍ମୁଖରେ ବଡ଼ ବ୍ୟବଧାନରେ ହାରିବା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା। ଅନ୍ୟପକ୍ଷରେ ବ୍ୟାଟିଂ ଓ ବୋଲିଂରେ ପାଣ୍ଡ୍ୟା ଭ୍ରାତାଙ୍କ ଅବଦାନ ମଧ୍ୟ ମୁମ୍ବାଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲା।

**ସଂକ୍ଷିପ୍ତ ସ୍କୋର୍: ମୁମ୍ବାଇ ଇଣ୍ଡିଆନ୍‌ସ:** ୨୦ ଓଭରରେ ୨୧୦/୬ (ଈଶାନ କିଷନ୍-୬୨, ସୂର୍ଯ୍ୟକୁମାର ଯାଦବ-୩୬, ରୋହିତ ଶର୍ମା-୩୬, ବେନ୍ କଟିଙ୍ଗ୍-୨୪, ହାର୍ଦ୍ଦିକ ପାଣ୍ଡ୍ୟା-୧୯, ପୀୟୂଷ ଚାୱଲା-୩/୪୮, ସୁନିଲ ନରିନ-୧/୨୭, ଟମ୍ କୁରାନ୍-୧/୩୩, ପ୍ରସିଦ୍ଧ କ୍ରିଷ୍ଣା-୧/୪୧)। **କୋଲ୍‌କାତା ନାଇଟ୍ ରାଇଡର୍ସ:** ୧୮.୧ ଓଭରରେ ୧୦୮ (କ୍ରିସ୍ ଲିନ-୨୧, ନୀତିଶ ରାଣା-୨୧, ଟମ୍ କୁରାନ-୧୮, ରବିନ୍ ଉଥପ୍ପା-୧୪, କ୍ରୁନାଲ ପାଣ୍ଡ୍ୟା-୨/୧୨, ହାର୍ଦ୍ଦିକ ପାଣ୍ଡ୍ୟା-୨/୧୬, ଯଶପ୍ରୀତ୍ ବୁମରା-୧/୧୭, ବେନ୍ କଟିଙ୍ଗ୍-୧/୧୨, ମିଚେଲ୍ ମ୍ୟାକ୍ଲିନାଘନ-୧/୨୪, ମୟଙ୍କ ମାର୍କଣ୍ଡ-୧/୨୬)।

## ଟୋପି ଟକ୍କର

### କମଳା ରଙ୍ଗ (୫ ଅଗ୍ରଣୀ ବ୍ୟାଟ୍‌ସମ୍ୟାନ୍)



ଲୋକେଶ ରାହୁଲ୍ (ରନ୍-୪୭୧, ମ୍ୟାଚ୍-୧୦)
ସୂର୍ଯ୍ୟକୁମାର ଯାଦବ (ରନ୍-୪୩୫, ମ୍ୟାଚ୍-୧୧)
ଅମ୍ବାତି ରାୟୁଡୁ (ରନ୍-୪୨୩, ମ୍ୟାଚ୍-୧୦)
କେନ୍ ୱିଲିୟମ୍‌ସନ୍ (ରନ୍-୪୧୦, ମ୍ୟାଚ୍-୧୦)
ବିରାଟ କୋହଲି (ରନ୍-୩୯୬, ମ୍ୟାଚ୍-୧୦)

### ବାଇଗଣୀ ରଙ୍ଗ (୫ ଅଗ୍ରଣୀ ବୋଲର)

ଆଣ୍ଡ୍ରୁ ଟାଇ (ୱିକେଟ୍-୧୬, ମ୍ୟାଚ୍-୧୦)
ହାର୍ଦ୍ଦିକ୍ ପାଣ୍ଡ୍ୟା (ୱିକେଟ୍-୧୬, ମ୍ୟାଚ୍-୧୦)
ମୁଜିବ୍ ଉର୍ ରହମାନ (ୱିକେଟ୍-୧୪, ମ୍ୟାଚ୍-୧୦)
ମୟଙ୍କ ମାର୍କଣ୍ଡ (ୱିକେଟ୍-୧୪, ମ୍ୟାଚ୍-୧୧)
ଉମେଶ ଯାଦବ (ୱିକେଟ୍-୧୪, ମ୍ୟାଚ୍-୧୦)



## ଆଇପିଏଲ୍-୧୧ ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ହାଇଦ୍ରାବାଦ | ୧୦ | ୮ | ୨ | ୦ | ୧୬ | +୦.୪୪୮ |
| ଚେନ୍ନାଇ | ୧୦ | ୭ | ୩ | ୦ | ୧୪ | +୦.୪୨୧ |
| ପଞ୍ଜାବ | ୧୦ | ୬ | ୪ | ୦ | ୧୨ | +୦.୦୯୭ |
| ମୁମ୍ବାଇ | ୧୧ | ୫ | ୬ | ୦ | ୧୦ | +୦.୫୨୯ |
| କୋଲ୍‌କାତା | ୧୧ | ୫ | ୬ | ୦ | ୧୦ | -୦.୩୫୯ |
| ରାଜସ୍ଥାନ | ୧୦ | ୪ | ୬ | ୦ | ୦୮ | -୦.୫୫୨ |
| ବାଙ୍ଗାଲୋର | ୧୦ | ୩ | ୭ | ୦ | ୦୬ | -୦.୩୬୧ |
| ଦିଲ୍ଲୀ | ୧୦ | ୩ | ୭ | ୦ | ୦୬ | -୦.୪୧୧ |

ଦୈନିକ 'ସମ୍ବାଦ'ରେ ପ୍ରକାଶ ପାଇଥିବା ରିପୋର୍ଟ

## ବାଣିଜ୍ୟ(ବିଜିନେସ୍) ରିପୋର୍ଟିଂ:

ବାଣିଜ୍ୟ ପ୍ରତ୍ୟେକ୍ଷ ଭାବେ ଦେଶର ପ୍ରଗତି ସହିତ ଜଡିତ । ଖାଲି ଏତିକି ନୁହେଁ, ବାଣିଜ୍ୟ ଆଜିର ଦିନରେ ସାଧାରଣ ଲୋକମାନଙ୍କ ଜୀବନ ଶୈଳୀ ଉପରେ ମଧ ପ୍ରଭାବ ପକାଉଛି । ଏଣୁ ବାଣିଜ୍ୟ ସମ୍ପର୍କିତ ଖବର ସମସ୍ତେ ଜାଣିବାକୁ ଚାହାନ୍ତି । ପୁଞ୍ଜି ବଜାରରେ ନିବେଶ କରୁଥିବା ଲୋକଙ୍କ ଠାରୁ ଝିଅ ବାହାଘର ପାଇଁ ସୁନା କିଣିବାକୁ ଆଗ୍ରହୀ ଥିବା ବ୍ୟକ୍ତିଟିଏ ବାଣିଜ୍ୟ ଖବର ଉପରେ ଆଖି ପକାଇଥାଏ । ସେହିପରି ପ୍ରତ୍ୟେକ ଦିନ ଗାଡି ଧରି ପଦାକୁ ଯାଉଥିବା ଲୋକଟିଏ ପେଟ୍ରୋଲ୍ ଓ ଡିଜେଲ୍ ଦର କେତେ ବଢ଼ିଛି କି କମିଛି ତାହା ଜାଣିବା ପାଇଁ ଖବରକାଗଜର ବାଣିଜ୍ୟ ପୃଷ୍ଠା ପଢ଼େ । ଏଣୁ ବାଣିଜ୍ୟ ଖବରର ନିଜସ୍ୱ ପାଠକ ପାଠିକା ରହିଛନ୍ତି ।

ସାଧାରଣତଃ ଏହି ରିପୋର୍ଟିଂ କରୁଥିବା ରିପୋର୍ଟରଟିର ବାଣିଜ୍ୟ ଉପରେ ସାଧାରଣ ଜ୍ଞାନ ଥିବା ଆବଶ୍ୟକ । ଯେମିତିକି ଡଲାର୍, ପାଉଣ୍ଡ ଓ ୟେନ୍ ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କେତେ ରହିଛି, ମୁଦ୍ରାସ୍ଫୀତିର ସ୍ଥିତି, ଦେଶର ଅଭିବୃଦ୍ଧି ହାର, ପୁଞ୍ଜି ବଜାରର ସ୍ଥିତି, ସେନ୍‌ସେକ୍ସ, ନିଫ୍‌ଟି ଆଦି ଉପରେ ତାର ଜ୍ଞାନ ରହିବା ନିତାନ୍ତ ଆବଶ୍ୟକ । ସାଧାରଣତଃ ବାଣିଜ୍ୟ ବିଷୟରେ ରିପୋର୍ଟିଂ କରିବା ସମୟରେ ଏହା ସହ ସମ୍ପୃକ୍ତ କିଛି ନିର୍ଦ୍ଦିଷ୍ଟ ଶବ୍ଦର ବ୍ୟବହାର କରାଯାଇଥାଏ । ସେ ବିଷୟରେ ରିପୋର୍ଟରଟିଏ ଜାଣିଥିବା ଜରୁରୀ ।

ବାଣିଜ୍ୟ ଖବର କହିଲେ ଅନେକେ ବୁଝନ୍ତି, ଅମୁକ କମ୍ପାନୀ କ'ଣ ବଜାରକୁ ଛାଡିଲା, ଦେଶରେ କେଉଁ କମ୍ପାନୀ ନୂଆ କରି କାରଖାନା କଲା, କିଏ ପୁଣି ଦେଶ ଛାଡି ପଳାଇଲା । କିନ୍ତୁ ବାଣିଜ୍ୟ ଖବର ଖାଲି ଏତିକିରେ ସୀମିତ ନୁହେଁ । କିମ୍ବା ଭାରତୀୟ ପୁଞ୍ଜି ବଜାରର ସ୍ଥିତି ବିଷୟରେ ଲୋକଙ୍କୁ ଧାରଣା ଦେଇଦେଲେ ବାଣିଜ୍ୟ ରିପୋର୍ଟିଂ ସରିଯାଏ ନାହିଁ । ତାର ଲୋକଙ୍କ ଉପରେ ପ୍ରଭାବ, ବଜାର ଉପରେ ପ୍ରଭାବ, ତତ୍ ସମ୍ବନ୍ଧୀୟ ଉପକ୍ଷେପ ଓ ପରିଣତି ବିଷୟରେ ମଧ ଲୋକଙ୍କୁ କହିବାକୁ ପଡେ । କାରଣ ସାଧାରଣ ଲୋକଟିଏ ଏବିଷୟରେ ବିଶେଷ କିଛି ଜାଣି ନଥାଏ ।

ସେହିପରି ଦେଶର କିମ୍ବା ରାଜ୍ୟର ରେଳ ବଜେଟ୍ କିମ୍ବା ସାଧାରଣ ବଜେଟ୍ ଉପସ୍ଥାପନ ହେବା ସମୟରେ ତାହା ବାଣିଜ୍ୟ ବିଟ୍ ଦାୟିତ୍ୱରେ ଥିବା ରିପୋର୍ଟଙ୍କ କାର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ । ବଜେଟ୍‌ରେ ସରକାରଙ୍କ ବିଭିନ୍ନ ଘୋଷଣା, ନୂଆ ପଦକ୍ଷେପ ଏବଂ ପରିଶେଷରେ କାହା ପାଇଁ କେତେ ବ୍ୟୟ ବରାଦ କରାଯାଇଛି, ସେବିଷୟରେ ବାଣିଜ୍ୟ ରିପୋର୍ଟରଙ୍କୁ ଲେଖିବାକୁ ପଡେ । ବଜେଟ୍ ସାଧାରଣ ଜନତାଙ୍କ ପାଇଁ କେତେ ଉପଯୋଗୀ ହୋଇଛି, ସେ ବିଷୟରେ ମଧ ରିପୋର୍ଟର ଜଣଙ୍କୁ କହିବାକୁ ପଡେ । ଏଣୁ ବଜେଟ୍ ସମୟରେ ବାଣିଜ୍ୟ ରିପୋର୍ଟର ଜଣଙ୍କୁ ଏହାକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିବାକୁ ପଡିଥାଏ ।

ବାଣିଜ୍ୟ ବିଟ୍‌ରେ ରିପୋର୍ଟିଂ କରୁବାକୁ ଇଚ୍ଛୁକ ଥିବା ସାମ୍ବାଦିକଙ୍କ ବାଣିଜ୍ୟ ବ୍ୟବସାୟ, ଅର୍ଥ ବ୍ୟବସ୍ଥା, ମୁଦ୍ରା କାରବାର, ସରକାରଙ୍କ ବାଣିଜ୍ୟ ନୀତି, ପୁଞ୍ଜି ବଜାର, ସରକାରୀ ତଥା ବେସରକାରୀ କର୍ପୋରେଟ୍ ପ୍ରତିଷ୍ଠାନ ଆଦି ବିଷୟରେ ଧାରଣା ରହିବା ଆବଶ୍ୟକ । ଏହାଛଡା ବାଣିଜ୍ୟ ବ୍ୟବସାୟ ଓ ଏହାର ପରିଣତି ତଥା ଫଳାଫଳାକୁ ନେଇ ସମ୍ପୃକ୍ତ ସାମ୍ବାଦିକଙ୍କର ଦୂରଦୃଷ୍ଟି ରହିବା ମଧ ଜରୁରୀ ।

## ଶିକ୍ଷା(ଏଜୁକେସନ୍) ରିପୋର୍ଟିଂ:

ଶିକ୍ଷା ଆମ ସମାଜର ମେରୁଦଣ୍ଡ । ଶିକ୍ଷାର ବିକାଶ, ଏହାର ମାନ ଓ ଦେଶରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ବଢ଼ିଲେ ସମାଜର ବିକଶିତ ହୋଇଥାଏ । ଏଣୁ ଶିକ୍ଷା ବାବଦରେ ରିପୋର୍ଟିଂ ଏକ ଗୁରୁତ୍ୱପୂର୍ଣ୍ଣ ବିଟ୍ । ଶିକ୍ଷା ସହିତ ସମାଜର ସବୁଠୁ ଅଧିକ ଲୋକ ସିଧାସଳଖ ଯୋଡି ହୋଇଥାଆନ୍ତି । ଛାତ୍ରଛାତ୍ର, ଶିକ୍ଷକ, ଅଭିଭାବକ, ଗବେଷକ, ପାଠ୍ୟକ୍ରମ ତଥା ଯୋଜନା ପ୍ରସ୍ତୁତକର୍ତ୍ତା ଆଦି ଏହା ସହିତ ଯୋଡି ହୋଇଥାଆନ୍ତି । ଏଣୁ ଏବାବଦରେ ଖବର ପରିବେଷଣ ଅନେକ ପାଠକଙ୍କୁ ଆକୃଷ୍ଟ କରିଥାଏ । ଏଣୁ ଶିକ୍ଷା ରିପୋର୍ଟିଂକୁ ଗଣମାଧ୍ୟମରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ । ବିଭିନ୍ନ ସ୍କୁଲ କଲେଜରେ ଘଟୁଥିବା ଘଟଣା, ମନ୍ତ୍ରୀ ସ୍ତରରେ ନିଆଯାଉଥିବା ନିଷ୍ପତ୍ତି, ଯୋଜନାର ସଫଳ କିମ୍ବା ବିଫଳ ରୂପାୟନ, ଛାତ୍ରଛାତ୍ରୀମାନଙ୍କର ସୁବିଧା ଅସୁବିଧା, ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଫଳାଫଳ, ଏହିଭଳି ପରୀକ୍ଷା ବେଳେ ପୂର୍ବରୁ ଏହାର ସମୟ ଓ ତାରିଖ ନିର୍ଦ୍ଧାରଣ ଏବଂ ଶିକ୍ଷାର ମାନ ଉପରେ ଖବର ପରିବେଷଣ ଶିକ୍ଷା ରିପୋର୍ଟିଂ ଅଧୀନସ୍ତ ।

ଏହାଛଡା ଏବେ ଶିକ୍ଷା ସହିତ ଅନେକ କିଛି ପ୍ରସଙ୍ଗ ଯୋଡିହୋଇଯାଇଛି । ପିଲାମାନଙ୍କୁ ସ୍କୁଲ ଆସିବାକୁ ପ୍ରୋତ୍ସାହିତ କରିବା ତଥା ଗରିବ ପିଲାମାନଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଯେମିତିକି ସବୁ ସ୍କୁଲରେ ମଧ୍ୟାହ୍ନ ଭୋଜନ, ପିଲାମାନଙ୍କ ଶୌଚାଳୟ ଆଦି ପ୍ରତି ସରକାର ଏବେ ଯଥେଷ୍ଟ ସଚେତନ । ଏଣୁ ଏହି ସବୁ ଯୋଜନା କିଭଳି ଚାଲିଛି, ଚାଲିଛି କି ନାହିଁ, ପିଲାମାନେ ସେଥିରୁ ଲାଭବାନ ହେଉଛନ୍ତି କି ନାହିଁ; ସେ ବାବଦରେ ମଧ୍ୟ ଶିକ୍ଷା ରିପୋର୍ଟିଂରେ କହିହେବ । ସେହିପରି ସମସ୍ୟା ସବୁବେଳେ ଖବର । ଶିକ୍ଷାକୁ ନେଇ ରାଜ୍ୟ ତଥା ବିଭିନ୍ନ ଅନୁନ୍ନତ ଅଞ୍ଚଳରେ କ'ଣ ସମସ୍ୟା ରହିଛି, ସେ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ମଧ ଶିକ୍ଷା ରିପୋର୍ଟିଂ ଅନ୍ତର୍ଭୁକ୍ତ । କେଉଁଠି ସ୍କୁଲ୍ ନାହିଁ, କେଉଁଠି ପିଲାମାନେ ସ୍କୁଲ୍‌କୁ ଯାଉ ନାହାନ୍ତି ସେ ବିଷୟରେ ମଧ୍ୟ ଏହି ରିପୋର୍ଟିଂରେ କୁହାଯାଇ ପାରିବ ।

## ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା(ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି) ରିପୋର୍ଟିଂ:

ଆଦିକାଲି ବିଜ୍ଞାନ ସମ୍ବନ୍ଧରେ ଲୋକଙ୍କର ଆଗ୍ରହ ବଢ଼ୁଛି । ପ୍ରତ୍ୟେକେ ଏବେ ବିଜ୍ଞାନର ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନର ଲାଭ ଉଠାଉଛନ୍ତି । ଏଣୁ ଲୋକମାନେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଆଗ୍ରହୀ । ସେହି ବିଷୟରେ ଲୋକମାନଙ୍କୁ ଜଣାଇବା ହିଁ ଏହି ରିପୋର୍ଟିଂ ଅନ୍ତର୍ଗତ । ଦେଶର ବୈଜ୍ଞାନିକମାନେ କିଭଳି କାମ କରୁଛନ୍ତି, କ'ଣ ନୂଆ ଓ ଭିନ୍ନ କରୁଛନ୍ତି, ସେବିଷୟରେ ଲୋକମାନଙ୍କର ଆଗ୍ରହ ରହିଛି । ସେହିପରି ସଫଳ ଆବିଷ୍କାର ତଥା ସୌରମଣ୍ଡଳ ତଥା ପୃଥିବୀ ସମ୍ପର୍କିତ ନୂଆ ନୂଆ ତଥ୍ୟ ଏବେ ଲୋକଙ୍କ ପାଇଁ କୌତୁହଳର ବିଷୟ ସାଜିଛି । ମୋବାଇଲ୍ ଫୋନ୍, ବୈଦ୍ୟୁତିକ ସାମଗ୍ରୀ, ମୋଟର ସାଇକେଲ, କାର୍, କମ୍ପ୍ୟୁଟର ଆଦିର ବ୍ୟବହାର ଯଥେଷ୍ଟ ବଢ଼ିଛି । ଲୋକମାନେ ଏବେ ଏହି ସବୁ ସାମଗ୍ରୀ ବିଷୟରେ ନୂଆ ନୂଆ ତଥ୍ୟ ଓ ସୂଚନା ପାଇବାକୁ ଆଗ୍ରହ ରଖୁଛନ୍ତି । ଏଣୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ରିପୋର୍ଟିଂ ମାଧ୍ୟମରେ ଆମେ ଏଥିରେ ରୁଚି ରଖୁଥିବା ପାଠକ ବର୍ଗଙ୍କ ନିକଟତର ହୋଇପାରିବା ।

### ଉନ୍ନୟନମୂଳକ(ଡେଭେଲପ୍‌ମେଣ୍ଟ) ରିପୋର୍ଟିଂ:

ଏଥିରେ ରିପୋର୍ଟରଟିଏ ସାଧାରଣତଃ ଦୁଇଟି କଥା ଉପରେ ଧ୍ୟାନ ଦେଇଥାଏ। ଗୋଟିଏ ହେଲା ଉନ୍ନୟନ ପାଇଁ ରିପୋର୍ଟିଂ ଓ ଅନ୍ୟଟି ହେଲା ଉନ୍ନୟନ ସମ୍ପର୍କରେ ରିପୋର୍ଟିଂ । ସରଳ ଅର୍ଥରେ କହିଲେ ଯଦି ସମାଜିକ ଉନ୍ନୟନ ପାଇଁ ସାଧାରଣ ଲୋକଙ୍କ ସମ୍ପୃକ୍ତି ମାଧ୍ୟମରେ ପ୍ରୋତ୍ସାହନ ଦ୍ୱାରା ସାମାଜିକ ଉନ୍ନୟନ ପାଇଁ ରିପୋର୍ଟିଂ କରାଯାଏ; ତେବେ ତାହା ଉନ୍ନୟନ ପାଇଁ ସାମ୍ବାଦିକତା । ଉଦାହରଣ ସ୍ୱରୂପ, ଗୋଟିଏ ଗାଁର ଲୋକମାନେ ପାଣି ପାଇଁ ତହଲ ବିକଳ ହେଉଛନ୍ତି, ଖରାଦିନେ ଗାଁ ଲୋକମାନେ ୮-୧୦ କିଲୋମିଟର ଦୂରରୁ ଜଳ ସଂଗ୍ରହ କରି ପିଉଛନ୍ତି। ଏହି କ୍ଷେତ୍ରରେ ଗ୍ରାମର ବିକାଶ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ହେଉଛି ଉନ୍ନୟନ ପାଇଁ ରିପୋର୍ଟିଂ ।

ସେହିପରି ଧରାଯାଉ ଗୋଟିଏ ଅଞ୍ଚଳର ଲୋକମାନେ ସରକାରଙ୍କ ଯୋଜନାର ଫାଇଦା ଉଠାଇ ଘରେ ଘରେ ପାଇଖାନା ନିର୍ମାଣ କରି ତାହାକୁ ବ୍ୟବହାର କରିବା ଆରମ୍ଭ କଲେ । ଧିରେ ଧିରେ ସେହି ଅଞ୍ଚଳର ଲୋକମାନେ ବାହାରେ ମଳତ୍ୟାଗ କରିବା ବନ୍ଦ କରିଦେଲେ ଓ ଏବିଷୟରେ ପାଖଆଖର ଲୋକମାନଙ୍କୁ ସଚେତନ ମଧ୍ୟ କଲେ ।  ଫଳରେ ଗାଁଟି ଖୋଲାରେ ମଳତ୍ୟାଗମୁକ୍ତ ଅଞ୍ଚଳ ବା ଯାହାକୁ ଆମେ ଓପନ୍ ଡେଫିକେସନ୍ ଫ୍ରି ଏରିଆ କହୁ; ସେମିତି ପାଲଟି ଗଲା । ସେହି ଅଞ୍ଚଳଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କଲା । ଏହି ବିଷୟରେ ରିପୋର୍ଟିଂ କରିବା ହେଉଛି ଉନ୍ନୟନ ସମ୍ପର୍କରେ ରିପୋର୍ଟିଂ । ଏହା ଦ୍ୱାରା ସେହି ଅଞ୍ଚଳର ଲୋକମାନେ ସୃଷ୍ଟି କରିଥିବା ଉଦାହରଣ ସହଜରେ ଓ ଖୁବ୍ କମ୍ ସମୟରେ ରାଜ୍ୟ ତଥା ଦେଶର ଲୋକମାନଙ୍କ ନିକଟରେ ପହଞ୍ଚି ପାରିଲା । ଏହା ଦ୍ୱାରା ଅନ୍ୟ ଅଞ୍ଚଳର ଲୋକମାନେ ମଧ୍ୟ ଶିକ୍ଷିତ ତଥା ସଚେତନ ହୋଇ ନିଜ ଅଞ୍ଚଳକୁ ସେପରି କରିବା ପାଇଁ ଚେଷ୍ଟା କରିବେ ।

## ୧.୫ ବିବାଦୀୟ ପ୍ରସଙ୍ଗ ରିପୋର୍ଟିଂ( କନ୍‌ଫ୍ଲିକ୍ଟ ରିପୋର୍ଟିଂ):

ଭାରତ ସହ ବିଶ୍ୱର ଅନେକ ଅଞ୍ଚଳରେ ବିଭିନ୍ନ ବିବାଦୀୟ ପ୍ରସଙ୍ଗକୁ ନେଇ ସଂଘର୍ଷ ଜାରି ରହିଛି । କୌଣସି ବିବାଦ ବା ସଂଘର୍ଷ ସମ୍ପର୍କରେ ତଥ୍ୟ ଦେବାବେଳେ ନିରପେକ୍ଷତା ଅବଲମ୍ବନ କରିବା ହେଲା ଜଣେ ଖବରଦାତାର ପ୍ରଥମ କାମ । ଏଥିପାଇଁ ସଂପୃକ୍ତ ରିପୋର୍ଟର ଜଣକୁ ବିବାଦର କାରଣ ସମ୍ପର୍କରେ ଖୋଳତାଡ଼ କରି ସବିଶେଷ ତଥ୍ୟ ହାସଲ କରିବା ଆବଶ୍ୟକ । ସଂପୃକ୍ତ ଅଞ୍ଚଳର ସଂସ୍କୃତି ଓ ଇତିହାସ ବାବଦରେ ଭଲଭାବେ ପରିଚିତ ହେବା ସହ ବିବାଦର ପ୍ରକୃତି ବିଷୟରେ ଭଲଭାବେ ବୁଝିବା ଜରୁରୀ । ସଂଘର୍ଷ ପ୍ରଭାବିତ ଅଞ୍ଚଳରୁ ଖବର ସଂଗ୍ରହ କରିବା ଜଣେ ସାମ୍ବାଦିକ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ହେଲେ ସାମ୍ବାଦିକତା ତ  ଏକ ଆରାମଦାୟକ ପେଶା ନୁହେଁ । ଲୋକମାନଙ୍କୁ ବିବାଦ ଓ ଏଥିରୁ ଉପୁଜିଥିବା ସଙ୍ଘର୍ଷ ବିଷୟରେ ଜଣେଇବାକୁ ପଡ଼ିବ । ତେଣୁ  ସମାଜର ବୃହ□ର ସ୍ୱାର୍ଥ ସାଧନ ପାଇଁ ସାମ୍ବାଦିକକୁ ବେଳେବେଳେ ନିଜର ସ୍ୱାର୍ଥ ଓ ସୁରକ୍ଷାକୁ ପଛରେ ଛାଡ଼ିବାକୁ ପଡ଼ିଥାଏ ।

ବିବାଦ ଜନିତ ଖବର ପରିବେଷଣ କରିବା ସବୁବେଳେ ବିପଦପୂର୍ଣ୍ଣ । ସାମ୍ବାଦିକର ସୁରକ୍ଷା ଏ କ୍ଷେତ୍ରରେ ସବୁବେଳେ ବାଜିରେ ଲାଗିଥାଏ । ବେଳେବେଳେ ଗୋଟିଏ ରିପୋର୍ଟଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାପାଇଁ ଆବଶ୍ୟକୀୟ ତଥ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ବିବାଦୀୟ ଇଲାକା(କନ୍‌ଫ୍ଲିକ୍ଟ

ଜୋନ୍)ରୁ କେମିତି ଖବର ସଂଗ୍ରହ କରାଯାଏ, ସେ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ଜଲଦୀପ କଟଓାଲ କେତେଗୁଡିଏ ପରାମର୍ଶ ଦେଇଛନ୍ତି । ଏହି ପରାମର୍ଶ ଗୁଡିକ ବେଶ୍ ଉପାଦେୟ ହେବ ବୋଲି ଆଶା ।

୧. ନିଜ ଧାରଣାରୁ କିଛିବି ଲେଖ ନାହିଁ ।

୨. ଅନ୍ୟର କଥା ଉପରେ ଆଖିବୁଜି ବିଶ୍ୱାସ କର ନାହିଁ ।

୩. କୌଣସି ନିର୍ଦ୍ଧିଷ୍ଟ ତଥ୍ୟ ପଛରେ ଗୋଡାଅ ନାହିଁ । ଆପଣଙ୍କ ପାଖରେ ପହ୍ଞ୍ଚୁିବା ସୂଚନା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କର ନାହିଁ । ଏହି ସୂଚନାକୁ ନେଇ ରିପୋର୍ଟ ଲେଖିବା ସମୟରେ ସତର୍କ ରୁହ ।

୪. ବିଷୟ ବାହାର ପ୍ରସଙ୍ଗରୁ କୌଣସି କଥାକୁ ରିପୋର୍ଟରେ ସ୍ଥାନ ଦିଅ ନାହିଁ ।

୫. କୌଣସି ସୂଚନା ବିନା ପ୍ରଶ୍ନରେ ଗ୍ରହଣ କର ନାହିଁ । ସୂଚନାର ସତ୍ୟତା ଜାଣିବା ପାଇଁ ବାରମ୍ବାର ପ୍ରଶ୍ନ କର ।

୬. ବିବାଦ ବା ସଂଘର୍ଷ ସମୟରେ ପୀଡ଼ିତ ସାଧାରଣ ଲୋକଙ୍କୁ ଭୁଲ ନାହିଁ । ସେମାନଙ୍କ ଅସୁବିଧାକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କର ।

୭. ରିପୋର୍ଟ ଲେଖିବାବେଳେ ଅତ୍ୟଧିକ ଭାବପ୍ରବଣତା ଦେଖାଅ ନାହିଁ ।

୮. ଆଉ କାହାର ଏଜେଣ୍ଡା ଦ୍ୱାରା ପରିଚାଳିତ ହୁଅ ନାହିଁ ।

୯. ସ୍ଥାନୀୟ ପରିସ୍ଥିତିର ଚାପକୁ ଉପେକ୍ଷା କରନାହିଁ ।

୧୦. ସଂପୃକ୍ତ ଅଞ୍ଚଳର ଇତିହାସକୁ ଭୁଲ ନାହିଁ । କାରଣ ଇତିହାସ ଜାଣିବାଦ୍ୱାରା ରିପୋର୍ଟ ଲେଖିବା ସହଜ ହୋଇଥାଏ ।

ନିମ୍ନରେ ବିବାଦୀୟ ଅଞ୍ଚଳ ରିପୋର୍ଟିଂର ଉଦାହରଣ ଦିଆଗଲା ।

# ପଥର ମାଡ଼ରେ କାଶ୍ମୀର ପର୍ଯ୍ୟଟକ ମୃତ



ଶ୍ରୀନଗର,୭।୫: କାଶ୍ମୀରରେ ବିକ୍ଷୋଭକାରୀଙ୍କ ପଥର ମାଡରେ ଜଣେ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ପ୍ରାଣ ହରାଇଥିବା ପର୍ଯ୍ୟଟକ ଜଣଙ୍କ ହେଉଛନ୍ତି ଚେନ୍ନଇର ଥିରୁମଣି (୨୨ବର୍ଷ)। ସୋମବାର ସକାଳ ୧୦ଟା ୩୦ରେ ଥିରୁମଣି ଓ ତାଙ୍କର ସାଥୀମାନେ ଶ୍ରୀନଗର-ଗୁଲମାର୍ଗ ରାସ୍ତାରେ ବସ୍ ଯୋଗେ ଯାଉଥିବାବେଳେ ନରବାଲ ଠାରେ ବିକ୍ଷୋଭକାରୀମାନେ ତାଙ୍କ ଗାଡିକୁ ପଥର ମାଡ କରିଥିଲେ। ପଥର ମାଡରେ ଥିରୁମଣି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା। ରବିବାର ସୋପିଆନାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୫ଜଣ ସାଧାରଣ ଲୋକଙ୍କ ମୃତ୍ୟୁକୁ ନେଇ ବିଚ୍ଛିନ୍ନତାବାଦୀ ସଂଗଠନଗୁଡିକ ପକ୍ଷରୁ ସୋମବାର କାଶ୍ମୀର ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ସମୟରେ ବିଭିନ୍ନ ହିଂସାକାଣ୍ଡ ଘଟିଥିଲା। ସେହିପରି ପୁଲୱାମା ଜିଲାର ତାହାବ ଚୌକରେ ଆତଙ୍କବାଦୀଙ୍କ ଗ୍ରେନେଡ ମାଡରେ ଜଣେ ସିଆରପିଏଫ୍ ଯବାନ ଆହତ ହୋଇଥିଲେ।

ଦୈନିକ 'ସମାଜ'ରେ ପ୍ରକାଶ ପାଇଥିବା ରିପୋର୍ଟ।

## ୧.୬ ଆସ ପ୍ରଗତି ମାପିବା

୧. ତୁମ ଅଞ୍ଚଳରେ ନିକଟରେ ଘଟିଥିବା ରାଜନୈତିକ ସମାବେଶ ଉପରେ ନ୍ୟୁଜ ରିପୋର୍ଟଟିଏ ଲେଖ। ଅନ୍ୟ ଖବରକାଗଜ ଗୁଡିକରେ ଏନେଇ ପ୍ରକାଶିତ ଖବର ସହ ତୁମ ଲେଖାକୁ ତୁଳନା କର।

୨. ତୁମ ଅଞ୍ଚଳରେ ସ୍କୁଲପିଲାମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ରିପୋର୍ଟଟିଏ ଲେଖ।

୩. ତିନୋଟି ପୁରୁଣା ଖବରକାଗଜର ଚୟନ କର ଏବଂ ସମସ୍ତ ନ୍ୟୁଜ୍‌କୁ ସେଗୁଡିକର ବିଟ୍ ଅନୁସାରେ ଶ୍ରେଣୀଭୁକ୍ତ କର।

# ୟୁନିଟ୍ ୨: ସାକ୍ଷାତକାର, ବିଶେଷ ଧରଣର ଲେଖା ଶୈଳୀ

୨.୦ ବିଷୟର ଗଠନ
୨.୧ ପଠନର ଉଦ୍ଦେଶ୍ୟ
୨.୨ ବିଷୟ ପରିଚୟ
୨.୩ ସାକ୍ଷାତକାରର ପ୍ରକାରଭେଦ ଏବଂ କୌଶଳ
୨.୪ ମନ୍ତବ୍ୟ ଲେଖା : ସମ୍ପାଦକୀୟ, ଓପ୍-ଏଡ୍ ପେଜ୍ ଏବଂ ମିଡିଲ, ସ୍ୱତନ୍ତ୍ର ଆର୍ଟିକିଲ
୨.୫ ଆସ ପ୍ରଗତି ମାପିବା

## ୨.୧ ପଠନର ଉଦ୍ଦେଶ୍ୟ

ଖବରକାଗଜରେ ପ୍ରକାଶିତ ମତାମତର ବିଭିନ୍ନ ଦିଗ ସହ ପରିଚୟ କରାଇବା ଏହି ବିଭାଗର ଉଦ୍ଦେଶ୍ୟ । ଗୋଟିଏ ସାକ୍ଷାତକାର ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ମତାମତ ହୋଇଥିବାବେଳେ , ସମ୍ପାଦକୀୟ କୌଣସି ପ୍ରକାଶନୀ ସଂସ୍ଥାର ମତାମତକୁ ପ୍ରତିଫଳିତ କରିଥାଏ । ଏହି ଭାଗଟି ତୁମକୁ ବିଭିନ୍ନ ପ୍ରକାରର ସାକ୍ଷାତକାର ଏବଂ ବିଶେଷଧରଣର ଲେଖାଶୈଳୀ ଯାହା ନିୟମିତ ରୂପେ ଖବରକାଗଜରେ ଦେଖିବାକୁ ମିଳିଥାଏ, ସେ ସମ୍ପର୍କରେ ବୁଝିବାରେ ସହାୟତା କରିବ ।
ଏହି ଭାଗଟି ପଢିସାରିବାପରେ ତୁମେ ନିମ୍ନୋକ୍ତ ବିଷୟ ସମ୍ପର୍କରେ ବୁଝିପାରିବ ।

- ସାକ୍ଷାତକାରର ପ୍ରକାରଭେଦ ଏବଂ କୌଶଳ
- ସମ୍ପାଦକୀୟ,ଓପ୍-ଏଡ୍ ଏବଂ ମିଡିଲ ଆର୍ଟିକିଲର ଲେଖା ଶୈଳୀ
- ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ ଏବଂ ମିଡିଲ ଆର୍ଟିକିଲ
- ଭଲ ଲେଖକଟିଏ ହେବାପାଇଁ କେତେଗୁଡିଏ ପରାମର୍ଶ ଏବଂ କୌଶଳ

## ୨.୨ ବିଷୟ ପରିଚୟ

ଏକ ଗଣମାଧ୍ୟମ ପ୍ରକାଶନ ତଥ୍ୟ ଏବଂ ମତାମତକୁ ନେଇ ତିଆରି ହୋଇଥାଏ । ଏହା ମୁଦ୍ରିତ କିମ୍ବା ଡିଜିଟାଲ ହୋଇପାରେ । ଖବର ଗୋଟିଏ ପ୍ରକାଶନର ମୁଖ୍ୟ ଅଂଶକୁ ଅଧିକାର କରିଥିବା ବେଳେ, ମତାମତ ଏହାକୁ ଜୀବନ ପ୍ରଦାନ କରିଥାଏ । ଗୋଟିଏ ଖବରକାଗଜ ମହତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ, ସାଧାରଣ ଲୋକ ତଥା ସାମ୍ବାଦିକମାନଙ୍କ ମତାମତକୁ ପ୍ରକାଶ କରିଥାଏ । ଗଣତନ୍ତ୍ରରେ ଜନମତ ବା ଧାରଣାର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବେଳେବେଳେ ସେମାନେ ଦେଶପାଇଁ ଏଜେଣ୍ଡା ପ୍ରସ୍ତୁତ କରିଥାନ୍ତି । ବେଳେବେଳେ ସେମାନେ ନୀତି ନିର୍ଦ୍ଧାରକ କିମ୍ବା ଜନସାଧାରଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଭିନ୍ନ ଭିନ୍ନ ମତାମତ ବୁଝିବାକୁ ସୁଯୋଗ ଦେଇଥାନ୍ତି । ଗୋଟେ ସୁସ୍ଥ ଗଣତନ୍ତ୍ରରେ ମତପାର୍ଥକ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି ।

ବର୍ତ୍ତମାନ ଭାରତ ଡିଜିଟାଲ ଯୁଗ ଆଡକୁ ଧିରେ ଧିରେ ଗତି କରୁଛି । ଏହାଯୋଗୁଁ ମନ୍ତବ୍ୟ ବା ମତାମତ ଗୁଡିକ ପୂର୍ବାପେକ୍ଷା ଅଧିକ ସ୍ୱଷ୍ଟ ହେବା ସହ ଲୋକପ୍ରିୟ ହୋଇ ପାରିଛି । ଏହାର ଅନେକ କାରଣ ରହିଛି । ତେବେ ଏଥି ମଧ୍ୟରୁ ବୈଷୟିକ ଦିଗଟି ସବୁଠାରୁ ଗୁରୁତ୍ୱପୁର୍ଣ । ଆଜିର ଦିନରେ ଲୋକମାନେ ବିଭିନ୍ନ ଉତ୍ସରୁ ଯେପରିକି ଟିଭି, ରେଡିଓ, ଖବରକାଗଜ, ୱେବ୍‌ସାଇଟ ଏବଂ ସାମାଜିକ ଗଣମାଧ୍ୟମରୁ ସୂଚନା ତଥା ଖବର ପାଇପାରୁଛନ୍ତି । ଭାରତରେ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ଘଟୁଛି, ଏହା ଲୋକମାନଙ୍କୁ ନିଜର ଇଚ୍ଛାଧୀନ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ପ୍ରସଙ୍ଗରେ ନିଜ ମତାମତ ତଥା ଧାରଣାକୁ ପ୍ରକାଶ କରିବାର ସୁଯୋଗ ଦେଇଛି । ଫଳରେ ଗଣମାଧମ ସଂସ୍ଥାମାନେ ସବୁ ପ୍ରକାର ମତାମତକୁ ଅଧିକ ସଂଖ୍ୟାରେ ସ୍ଥାନ ଦେଇ ପାରୁଛନ୍ତି । ଏହା ଗଣମାଧମରେ ଅଧିକ ନିରପେକ୍ଷତା ଓ ନୈତିକତା ଆଣିପାରିଛି । ମୁଖ୍ୟତଃ ଡିଜିଟାଲ ଗଣମାଧ୍ୟମ ଦୃଢବିଶ୍ୱାସୀ ବ୍ୟକ୍ତିବିଶେଷଙ୍କ ପାଇଁ ଏହା ନୂଆ ମାର୍ଗ ପ୍ରଶସ୍ତ କରିଛି ।

ସାଧାରଣତଃ ଖବରକାଗଜ ମତାମତକୁ ସମ୍ପାଦକୀୟ, ଓପ୍-ଏଡ୍ ଏବଂ ମିଡିଲ ଆର୍ଟିକିଲ ରୂପରେ ପ୍ରକାଶ କରିଥାଏ । ଏହାଛଡା ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ ଏବଂ ପ୍ରସଙ୍ଗଭିତିକ ସ୍ୱତନ୍ତ୍ର ପ୍ରକାଶନ ବା ସପ୍ଲିମେଣ୍ଟ ଆଦି ମଧ ପ୍ରକାଶିତ ହୋଇଥାଏ । ଯାହା ପାଠକଙ୍କୁ ନିର୍ଦ୍ଧିଷ୍ଟ ବିଷୟ ଉପରେ ବିସ୍ତୃତ ଧାରଣା ପ୍ରଦାନ କରିଥାଏ । ଜଣେ ଉଚ୍ଚାଭିଳାଷୀ ସାମ୍ବାଦିକ ଭାବରେ ତୁମକୁ ଏ ସମସ୍ତ ପ୍ରକାରର ଲେଖା ଶୈଳୀ ଶିଖିବାକୁ ପଡିବ । ଏଥିପାଇଁ ଏକମାତ୍ର ବାଟ ହେଉଛି ବର୍ତ୍ତମାନଠାରୁ ତୁମମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ଲେଖିବାକୁ ପଡିବ । ଏହି ଲେଖିବାର ପ୍ରକ୍ରିୟା ମଧ୍ୟରେ ତୁମେ ଆବଶ୍ୟକୀୟ ଜ୍ଞାନ ଆରୋହଣ କରିପାରିବ ।

## ୨.୩ ସାକ୍ଷାତକାରର ପ୍ରକାରଭେଦ ଏବଂ କୌଶଳ

ଗୋଟିଏ ସାକ୍ଷାତକାର ପୂର୍ବରୁ ଏହାର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହେବା ନିହାତି ଗୁରୁତ୍ୱପୂର୍ଣ୍ଣ । ସାକ୍ଷାତକାର ସାଧାରଣତଃ ନିମ୍ନଲିଖିତ ଉଦ୍ଦେଶ୍ୟକୁ ନଜରରେ ରଖି ନିଆଯାଇଥାଏ ।

୧. ଯାହାଙ୍କର ସାକ୍ଷାତକାର ନିଆଯାଉଛି ସେ ଏକ ନିର୍ଦ୍ଧିଷ୍ଟ ବିଷୟ ସମ୍ପର୍କରେ କେତେମାତ୍ରାରେ ଅବଗତ ଅଛନ୍ତି ତାହା ଜାଣିବା ଆବଶ୍ୟକ ।
୨. ବେଳେବେଳେ ଯାହାଙ୍କର ସାକ୍ଷାତକାର ନିଆଯାଉଛି ସେ ନିଜେହିଁ ସାକ୍ଷାତକାରର ବିଷୟବସ୍ତୁ ହୋଇଥାଆନ୍ତି ।
୩. ଯାହାଙ୍କର ସାକ୍ଷାତକାର ନିଆଯାଉଛି ତାଙ୍କର ଚିନ୍ତାଧାରା ତଥା ଗୋଟିଏ ବିଷୟକୁ ନେଇଁ କିଭଳି ଦୃଷ୍ଟିକୋଣ ରହିଛି , ତାହା ଜାଣିବା ଜରୁରୀ ।

**ଏଠାରେ କିଛି ଉଦାହରଣ ଦିଆଗଲା ।**

ପ୍ରଥମତଃ, ସାକ୍ଷାତକାରଟି ଯଦି କୌଣସି ପ୍ରସଙ୍ଗ ଉପରେ ଜଣେ ବ୍ୟକ୍ତିଙ୍କର ବିଚାର ସମ୍ପର୍କରେ ଜାଣିବା ପାଇଁ ହୋଇଥାଏ, ତାହେଲେ ତୁମକୁ କେବଳ ପ୍ରଶ୍ନ ପଚାରିବାର ଅଛି । ଉପରୋକ୍ତ ସାକ୍ଷାତକାରରେ ଯାହାଙ୍କର ସାକ୍ଷାତକାର ନିଆଯାଉଛି ତାଙ୍କୁ ନିଜର ଭାବନା/ମତାମତ ବ୍ୟକ୍ତ କରିବାକୁ ପୂର୍ଣ୍ଣ ସୁଯୋଗ ଦେବା ଉଚିତ୍ । ତୁମେ ନିଶ୍ଚିନ୍ତ ହେବା ଦରକାର ଯେ, ସାକ୍ଷାତକାରଟିକୁ ଲେଖିବା ବେଳେ ତମେ ସାକ୍ଷାତକାରର ଅଂଶ ବିଶେଷକୁ ତ୍ରୁଟିପୂର୍ଣ୍ଣ ଭାବେ ଉପସ୍ଥାପନ କରୁନାହଁ ।

ଦ୍ୱିତୀୟତଃ, ଯଦି ଜଣେ ବ୍ୟକ୍ତିଠାରୁ କୌଣସି ପ୍ରସଙ୍ଗରେ ସତ ବାହାର କରିବା ସାକ୍ଷାତକାରର ଉଦ୍ଦେଶ୍ୟ, ତାହଲେ ତୁମେ ଭଲଭାବେ ଆଗୁଆ ପ୍ରସ୍ତୁତି କରିବା ସହ ବ୍ୟକ୍ତି ଜଣଙ୍କୁ ତୀକ୍ଷ୍ଣ ପ୍ରଶ୍ନ ପଚାରିବା ଆବଶ୍ୟକ ।

ତୃତୀୟରେ, ଅନେକ ସମୟରେ ମଧ୍ୟ ଏମିତି ପରିସ୍ଥିତି ଉପୁଜିପାରେ ଯେଉଁଠି ତୁମକୁ କୌଣସି ଏକ ଘଟଣାରେ ପୀଡ଼ିତ ବ୍ୟକ୍ତିଙ୍କ ସହ ସାକ୍ଷାତକାର ନେବାକୁ ପଡ଼ିପାରେ । ଯେପରିକି ଆତଙ୍କବାଦୀ ଆକ୍ରମଣ, ଶିଶୁ ନିର୍ଯାତନା କିମ୍ବା ଯୌନ ବ୍ୟଭିଚାର ପୀଡ଼ିତ ବ୍ୟକ୍ତି ଇତ୍ୟାଦି । ପୋଲିସ ନୃଶଂସତା କିମ୍ବା ଜାତିଗତ ହିଂସାର ଶିକାର ବ୍ୟକ୍ତିଙ୍କ ସାକ୍ଷାତକାର ମଧ ତୁମକୁ ନେବାକୁ ପଡିପାରେ । ଏପରି ଘଟଣାରେ ତୁମେ ପୀଡ଼ିତ ବ୍ୟକ୍ତି ସହ ସମ୍ବେଦନହୀନ ଆଚରଣ କରିବା କଦାପି ଉଚିତ୍ ନୁହେଁ । ତାଙ୍କୁ ଅନାବଶ୍ୟକ ପ୍ରଶ୍ନ ପଚାର ନାହିଁ । ଯେଉଁ କଥା ଲୋକଲୋଚନକୁ ଆସିବା ବିଶେଷ ଜରୁରୀ ନୁହେଁ ବା ଯାହା ପଚାରିବା ଦ୍ୱାରା ପୀଡ଼ିତ ବ୍ୟକ୍ତି ଅସହଜ ଅନୁଭବ କରିବେ, ସେ ସମ୍ପର୍କରେ ପ୍ରଶ୍ନ ପଚାରିବାରୁ ନିବୃତ୍ତ ରୁହ । ଉଦାହରଣ ସ୍ୱରୂପ ଜଣେ ପୀଡ଼ିତ ବ୍ୟକ୍ତି ଦୁର୍ଘଟଣା ପରେ କିପରି ଅନୁଭବ କରୁଛି ପଚାରିବା ବଦଳରେ ତୁମେ ତା ସହ କଥାବାର୍ତ୍ତା ଛଳରେ ଘଟଣାଟି କିପରି ଘଟିଲା ତାହା ପଚାରି ପାରିବ । ଯେତେବେଳେ ପୀଡ଼ିତ ଜଣକ କଥାବାର୍ତ୍ତାରେ ତୁମସହ ପୁରାପୁରି ଭାବରେ ମଜ୍ଜିଯିବ, ସେତେବେଳେ ତୁମେ ଘଟଣାଟି ଘଟିସାରିବାପରେ ସେ କିପରି ଅନୁଭବ କରୁଛନ୍ତି ତାହା ପଚାରିପାରିବ । ବିଶେଷଜ୍ଞ ମାନଙ୍କ ମତରେ ଗୋଟିଏ ଭଲ ସାକ୍ଷାତକାର ଏକ ବାର୍ତ୍ତାଳାପ ଭଳି ହେବା ଉଚିତ୍ । ଗୋଟିଏ ସାକ୍ଷାତକାରରେ ମତାମତ, ତଥ୍ୟ ଏବଂ ଧାରଣାର ଏକ ସ୍ୱାଭାବିକ ଆଦାନ ପ୍ରଦାନ ହୋଇଥାଏ ।

**ସାକ୍ଷାତକାର ପୂର୍ବରୁ ନିମ୍ନଲିଖିତ କେତୋଟି ଜାଣିବା କଥା ।**

କ) ପୂର୍ବ ପ୍ରସ୍ତୁତି କର : ଅନ୍ୟ ଅର୍ଥରେ କହିଲେ ଉଭୟ ବିଷୟ, ସାକ୍ଷାତକାରର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ମୌଳିକ ଜ୍ଞାନ ରହିବା ଆବଶ୍ୟକ । ସାକ୍ଷାତକାର ଦେଉଥିବା ବ୍ୟକ୍ତିଙ୍କ ସାମ୍ନାରେ ନିଜକୁ ନିର୍ବୋଧ ବା ବୋକା ଦେଖାଅ ନାହିଁ । ଉଦାହରଣ ସ୍ୱରୂପ ଟେଷ୍ଟ କ୍ରିକେଟରେ ବିରେନ୍ଦ୍ର ସେହ୍ୱାଗ କେତୋଟି ତ୍ରିଶତକ କରିଛନ୍ତି ତାହା ପଚାର ନାହିଁ । ଏ ସମସ୍ତ ସାଧାରଣ ତଥ୍ୟ ତୁମେ ପୂର୍ବରୁ ଜାଣିଥିବା ଦରକାର ।

ଖ) ସାକ୍ଷାତକାର ଦେଉଥିବା ବ୍ୟକ୍ତିଙ୍କଠାରୁ ଚତୁର ଦେଖେଇ ହୁଅ ନାହିଁ : ସାମ୍ନାରେ ବସିଥିବା ବ୍ୟକ୍ତିଙ୍କୁ ନିଜର ମତ ଦେବାପାଇଁ ପର୍ଯ୍ୟାପ୍ତ ସମୟ ଦେବା ଆବଶ୍ୟକ । ସାକ୍ଷାତକାର ନେଉଥିବା ବ୍ୟକ୍ତିଙ୍କ କଥାରେ ବାରମ୍ବାର ହସ୍ତକ୍ଷେପ ଦ୍ୱାରା ସାକ୍ଷାତକାରର ଉଦ୍ଦେଶ୍ୟ ସଫଳ ହୋଇପାରେନାହିଁ ।

ଗ) ସବୁବେଳେ ନିଜପାଖରେ ଥିବା ସମସ୍ତ ତଥ୍ୟ ଏବଂ ପଚରାଯିବାକୁ ଥିବା ପ୍ରଶ୍ନ ସବୁର ଏକ ତାଲିକା କରି ରଖ । ଆବଶ୍ୟକସ୍ଥଳେ ତାଲିକାଭୁକ୍ତ ପ୍ରଶ୍ନର ବ୍ୟକ୍ତି ଜଣକ କ'ଣ ଉତ୍ତର ଦେଇ ପାରନ୍ତି, ତାହାକୁ ଅନୁମାନ କରି ବିରୋଧାତ୍ମକ ପ୍ରଶ୍ନ ପ୍ରସ୍ତୁତ କରାଯାଇପାରେ । ଏଥିପାଇଁ ପୂର୍ବ ପ୍ରସ୍ତୁତି ନିହାତି ଆବଶ୍ୟକ ।
ଘ) କଷ୍ଟ ପ୍ରଶ୍ନ ପଚାରିବାରେ କୁଣ୍ଠାବୋଧ ଅନୁଭବ କର ନାହିଁ କି ଡର ନାହିଁ । କିନ୍ତୁ ହଁ, ସବୁବେଳେ ନମ୍ର ଏବଂ ଭଦ୍ର ରହିବାକୁ ଚେଷ୍ଟା କର । ସାକ୍ଷାତକାର ସମୟରେ ତୁମର ମୂଳ ଲକ୍ଷ୍ୟ ବ୍ୟକ୍ତି ଜଣକ ସାଙ୍ଗରେ

ଯୁକ୍ତିତର୍କ କରିବା ନୁହେଁ । ଟେଲିଭିଜନରେ କେତେକ ସମୟରେ ଉଚ୍ଚସ୍ୱର ସହାୟକ ହୋଇପାରେ କିନ୍ତୁ ଖବରକାଗଜରେ ନୁହେଁ ।

୬) ମାଧମ ଉପରେ ସର୍ବଦା ଧ୍ୟାନ ରଖ : ଯଦି ମୁଦ୍ରିତ ଗଣମାଧମ ପାଇଁ ସାକ୍ଷାତକାର ନେଉଛ, ତେବେ ସଂକ୍ଷିପ୍ତ ଓ ତଥ୍ୟଭିତ୍ତିକ ଉତ୍ତର ପାଇବା ପାଇଁ ନିଜ ପ୍ରଶ୍ନକୁ ଯଥା ସମ୍ଭବ ଛୋଟ ରଖ । ଉଭୟ ରେଡିଓ ଏବଂ ଟେଲିଭିଜନ ପାଇଁ ଦୁଇଭାଗରେ ପ୍ରଶ୍ନ ପଚାର । ଏହାଦ୍ୱାରା ସାକ୍ଷାତକାର ଦେଉଥିବା ବ୍ୟକ୍ତିଙ୍କୁ ଉତ୍ତର ଦେବା ପାଇଁ ଯଥେଷ୍ଟ ସମୟ ମିଳିପାରିବ ।

ସାଧାରଣତଃ ସାକ୍ଷାତକାରରେ ଦୁଇପ୍ରକାରର ପ୍ରଶ୍ନ ପଚରାଯାଇଥାଏ ।

**କ) ଓପନ୍-ଏଣ୍ଡେଡ୍ ବା ମୁକ୍ତ ପ୍ରଶ୍ନ**

ଏହା ସାକ୍ଷାତକାରୀକୁ ବିସ୍ତୃତରେ ଉତ୍ତର ଦେବାପାଇଁ ସୁଯୋଗ ଦେଇଥାଏ । ଉଦାହରଣ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ତୁମର ମତ କ'ଣ ? ତୁମ ମତରେ ବିମୁଦ୍ରୀକରଣ ସମସ୍ତ ପ୍ରକାରର ଦୁର୍ନୀତିକୁ ରୋକିବାରେ ସଫଳ ହେବ କି ?

**ଖ) କ୍ଲୋଜ-ଏଣ୍ଡେଡ୍ ବା ନିବୁଜ୍ ପ୍ରଶ୍ନ**

ଏଭଳି ପ୍ରଶ୍ନରେ ଛୋଟ ଉତ୍ତର ଏପରିକି ବେଳେବେଳେ ଗୋଟିଏ ଶବ୍ଦରେ ଉ□ର ଆଶା କରାଯାଏ । ଉଦାହରଣ ସ୍ୱରୂପ ଲାଲ ବାହାଦୂର ଶାସ୍ତ୍ରୀ କ'ଣ ଭାରତର ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ? ବିମୁଦ୍ରୀକରଣ କ'ଣ ଦୁର୍ନୀତି ରୋକିବାର ଏକମାତ୍ର ଉପାୟ ?

ଉପରୋକ୍ତ ଆଲୋଚନାକୁ ଆଧାର କରି ସାକ୍ଷାତକାରକୁ ତିନି ଭାଗରେ ବିଭକ୍ତ କରାଯାଇଥାଏ ।

**୧) ତଥ୍ୟଭିତ୍ତିକ ସାକ୍ଷାତକାର**

କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ କିଛି ଜରୁରୀ ତଥ୍ୟ ଦେଖାଇବା ସହ କୌଣସି ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ତାଙ୍କର ମତାମତ ଜାଣିବାରେ ଏହା ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ତୁମେ ଓଡିଶାରେ ବାତ୍ୟା ସମୟରେ ସଫଳତା ପୂର୍ବକ ନିଜ ଦାୟିତ୍ୱ ସଂପନ୍ନ କରିଥିବା ସରକାରୀ ପ୍ରତିନିଧିଙ୍କୁ ସାକ୍ଷାତ କରୁଛ, ତେବେ ତାଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିପାରିବ ।

- ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଗାଁ ମାନଙ୍କରେ ଉଦ୍ଧାର କାର୍ଯ୍ୟ ପାଇଁ କ'ଣ ସବୁ ପଦେକ୍ଷପ ନିଆଯାଇଛି ?
- ସହାୟତା ପାଇଁ କେତେଜଣ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି ?
- ଆବଶ୍ୟକସ୍ଥଳେ ଯଦି ପରିସ୍ଥିତି ଅଣାୟତ୍ତ ହୁଏ ତେବେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ କିଛି ସହାୟତା ମାଗିଛନ୍ତି କି ?

**୨) ଆବେଗପୂର୍ଣ୍ଣ ସାକ୍ଷାତକାର**

ଏଭଳି ସାକ୍ଷାତକାର ନେବା ଟିକେ କଷ୍ଟକର । ଏହା ସାକ୍ଷାତ କରୁଥିବା ବ୍ୟକ୍ତିଙ୍କର ସମସ୍ତ ପ୍ରକାରର ଆବେଗିକ ଅନୁଭୂତିକୁ ଲୋକମାନଙ୍କ ସାମ୍ନାକୁ ଆଣିବାରେ ସାହାଯ୍ୟ କରେ । ଏହି ଭାବ ଖୁସି ବା ପ୍ରେମ ହୋଇପାରେ । କଷ୍ଟ, ଉତ୍ତେଜନା କିମ୍ବା ରାଗ ମଧ ହୋଇପାରେ । ଏହି ପ୍ରକାରର ସାକ୍ଷାତକାର ସମୟରେ

କିଛି ନିର୍ଦ୍ଧିଷ୍ଟ ସମୟର ନିରବତା ଅବଲମ୍ବନ କରାଯାଏ । ଫଳରେ ସାକ୍ଷାତକାର ଦେଉଥିବା ବ୍ୟକ୍ତି ନିଜ ଭାବନାକୁ ବ୍ୟକ୍ତ କରିବା ପାଇଁ ଠିକ୍ ଭାବରେ ପ୍ରସ୍ତୁତ ହୋଇପାରିବେ ।

**୩) ବିଶ୍ଳେଷଣାତ୍ମକ ସାକ୍ଷାତକାର**

ବିବିସି ପ୍ରଶିକ୍ଷଣ ମାନୁଆଲ ଅନୁଯାୟୀ, ବିଶ୍ଳେଷଣାତ୍ମକ ସାକ୍ଷାତକାର ଓ ସାଧାରଣ ସାକ୍ଷାତକାର ଭିତରେ ଯଥେଷ୍ଟ ଫରକ୍ ରହିଛି । ସାକ୍ଷାତକାରର ଦେଉଥିବା ବ୍ୟକ୍ତି ଜଣକ କୌଣସି ବିଷୟର ତଥ୍ୟାତ୍ମକ ବିଶ୍ଳେଷଣ କରୁଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ ସୁଧ ହାର ବଢୁଥିବାବେଳେ , ଏହା ବନ୍ଧକ ଋଣକୁ କିପରି ପ୍ରଭାବିତ କରିବ ସେନେଇ ଜଣେ ଅର୍ଥନୀତି ବିଶେଷଜ୍ଞଙ୍କୁ ପଚରାଯାଇପାରେ ।

## ୨.୪ ମନ୍ତବ୍ୟ ଲେଖା

(ସମ୍ପାଦକୀୟ,ଓପ୍-ଏଡ୍ ପୃଷ୍ଠା ଏବଂ ମିଡିଲ, ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ ଓ ବିଶେଷ ପ୍ରକାଶନ ବା ସପ୍ଲିମେଣ୍ଟସ୍) ଏହି ୟୁନିଟ୍‌ରେ ଆମେ ପୂର୍ବରୁ ଆଲୋଚନା କରିସାରିଛେ ଯେ, କୌଣସି ଖବର ପ୍ରକାଶନରେ ମତାମତ ଏବଂ ଧାରଣା ଅଥବା ଚିନ୍ତାଧାରା ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଏହି ବିଭାଗରେ ଆମେ ସମ୍ପାଦକୀୟ, ଓପ୍-ଏଡ୍ ପୃଷ୍ଠା ଏବଂ ମିଡିଲ, ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ, ବିଶେଷ ପ୍ରକାଶନ ବା ସପ୍ଲିମେଣ୍ଟସ୍ କିପରି ଲେଖାଯାଏ ସେ ସମ୍ପର୍କରେ ଜାଣିବା ।

**ସମ୍ପାଦକୀୟ**

କୌଣସି ଘଟଣା ଉପରେ ପ୍ରକାଶନ ସଂସ୍ଥାର ଅଧିକାରୀଙ୍କ ମତାମତକୁ ସାଧାରଣତଃ ସମ୍ପାଦକୀୟ କୁହାଯାଏ । ଖବରକାଗଜଗୁଡିକ ନିଜର ସମ୍ପାଦକୀୟ ମାଧ୍ୟମରେ ଦେଶରେ ଏକ ପ୍ରମୁଖ ଭୂମିକା ତୁଲାଇଥାନ୍ତି । ଏପରିକି ଏହା ଜରିଆରେ କୌଣସି ଦେଶର ଜାତୀୟ ଏଜେଣ୍ଡାକୁ ନିୟନ୍ତ୍ରଣ କରାଯାଇପାରେ ।

ସମ୍ପାଦକୀୟ ସାଧାରଣତଃ ଅଣହସ୍ତାକ୍ଷରିତ ହୋଇଥାଏ । ଏହା ଜନମତକୁ ପ୍ରଭାବିତ କରିବା ସହ ଆଲୋଚନାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଏ । ସମୟ-ସମୟରେ ସମ୍ପାଦକୀୟଟିଏ ଜନସାଧାରଣଙ୍କୁ କୌଣସି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦେବା ସହ ଏଥିପାଇଁ ପ୍ରେରଣା ଯୋଗାଇଥାଏ । ଏକ ସମ୍ପାଦକୀୟକୁ ଆମେ ମତାମତ ଭିତ୍ତିକ ନ୍ୟୁଜ୍ ଷ୍ଟୋରି ବୋଲି କହିପାରିବା । ତେବେ ଏହା ପଛରେ ପ୍ରକାଶନ ସଂସ୍ଥାର ଅଧିକାରିକ ସମର୍ଥନ ରହିଥାଏ ।

ସମ୍ପାଦକୀୟଟିକୁ ଗୋଟିଏ ଖବରକାଗଜର ଆତ୍ମା ବୋଲି ବିବେଚନା କରାଯାଏ । ଏହା ଦିନର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ଖବରକାଗଜର ନୀତି ଏବଂ ପକ୍ଷକୁ ସ୍ପଷ୍ଟ କରିଥାଏ । ସମ୍ପାଦକୀୟଗୁଡିକ କେବଳ ଯେ ଜନମତକୁ ପ୍ରଭାବିତ କରିଥାନ୍ତି ତା ନୁହେଁ । ଏହା ପରିବର୍ତ୍ତନର ଉତ୍‌ପ୍ରେରକ ଭାବେ ମଧ କାର୍ଯ୍ୟ କରିବା ସହ ସାଧାରଣ ଜନତାଙ୍କ ସ୍ୱାର୍ଥର ସୁରକ୍ଷା ମଧ କରିଥାଏ । ସମାଜରେ ପ୍ରଚଳିତ ସମସ୍ୟାର ସମାଧାନ ପାଇଁ ସମ୍ପାଦକୀୟଗୁଡିକ ଗଠନ ମୂଳକ ପ୍ରସ୍ତାବ ଓ ପରାମର୍ଶ ଦେଇଥାନ୍ତି ।

ଯଦିଓ ସମ୍ପାଦକୀୟଗୁଡିକ ସମ୍ପାଦକଙ୍କ ନାମରେ ପ୍ରକାଶିତ ହୋଇଥାଏ । ତେବେ ଏହା ସବୁବେଳେ ସମ୍ପାଦକଙ୍କ ଦ୍ୱାରା ଲେଖାଯାଇନଥାଏ । ଗୋଟିଏ ଖବରକାଗଜରେ ସାଧାରଣତଃ ଏକ ସମ୍ପାଦକୀୟ

ଲିଖନ ମଣ୍ଡଳୀ ଥାଆନ୍ତି । ଏହାର ସଦସ୍ୟ ମାନଙ୍କୁ ନିଜ ନିଜର ଦକ୍ଷତା ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଅଧ୍ୟୟନ କରିବା ପାଇଁ ସମ୍ପାଦକ ଦାୟିତ୍ୱ ଦେଇଥାନ୍ତି । ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗଗୁଡିକ ପ୍ରାୟତଃ ସମ୍ପାଦକ ନିଜେ ନିୟନ୍ତ୍ରଣ କରନ୍ତି । ନହେଲେ ଅନ୍ୟକେହି ଯିଏକି ଖବରକାଗଜର ନୀତିଗୁଡିକ ସମ୍ପର୍କରେ ଭଲଭାବେ ପରିଚିତ ଥାଆନ୍ତି, ସେ ଏହି ଦାୟିତ୍ୱ ନେଇଥାନ୍ତି ।

ସମ୍ପାଦକୀୟ ଲେଖିବା ଏକ କଳା । ଏଥିପାଇଁ ଭାଷାର ସଠିକ୍ ବ୍ୟବହାର ଏବଂ ବିଜ୍ଞତାର ସହ ଉପଯୋଗ କରିବାର ଦକ୍ଷତା ସହ ଯଥେଷ୍ଟ ଅଭ୍ୟାସର ଆବଶ୍ୟକ ଥାଏ । ଏହା ନ୍ୟୁଜ୍ ରିପୋର୍ଟ ଶୈଳୀରେ ଲେଖାଯାଏ ନାହିଁ କିମ୍ବା ଆର୍ଟିକିଲ ଢାଞ୍ଚାରେ ମଧ୍ୟ ଲେଖାଯାଏ ନାହିଁ । ଏଥିପାଇଁ ଲେଖକଙ୍କୁ ଚତୁରତାର ସହିତ ଶବ୍ଦଗୁଡିକୁ ବ୍ୟବହାର କରିବାକୁ ପଡେ । ଗୋଟିଏ ଗୋଟିଏ ସମ୍ପାଦକୀୟ ଯେତିକି ପଠନଯୋଗ୍ୟ ହେବ, ତାହା ପାଠକର ଚିନ୍ତାଧାରାକୁ ସେତିକି ପ୍ରଭାବିତ କରିପାରେ ।

ତୁମକୁ ଯଦି କୌଣସି ଘଟଣା ଉପରେ ସମ୍ପାଦକୀୟଟିଏ ଲେଖିବାକୁ କୁହାଯାଏ, ତୁମେ ନିମ୍ନଲିଖିତ ଉପାଦାନଗୁଡିକୁ ସାମିଲ କରିବାକୁ ଚେଷ୍ଟାକର ।

କ) ସମ୍ପାଦକୀୟଟିରେ ଅନ୍ୟ ନ୍ୟୁଜ୍ ଷ୍ଟୋରି ପରି ଉପକ୍ରମ, ବିଷୟବସ୍ତୁ ଏବଂ ଉପସଂହାର ରହିବା ଆବଶ୍ୟକ ।

ଖ) ଏହା କୌଣସି ଘଟଣା, ବିଶେଷ କରି ଜଟିଳ ଘଟଣାର ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱଷ୍ଟୀକରଣ ଦେବା ଆବଶ୍ୟକ ।

ଗ) ଏଥିରେ ଏକ ନିର୍ଦ୍ଦିଷ୍ଟ ଖବର ଉପରେ ସମୟୋପଯୋଗୀ ଦୃଷ୍ଟିକୋଣ ରହିବା ଆବଶ୍ୟକ ।

ଘ) ସମ୍ପାଦକୀୟଟିରେ ବିପରୀତ ଦୃଷ୍ଟିକୋଣ ସମ୍ପର୍କିତ ମତାମତ ମଧ ରହିବା ଆବଶ୍ୟକ । ଏହାଫଳରେ ପାଠକମାନଙ୍କୁ ବିଷୟବସ୍ତୁ ଉପରେ ଏକ ସମ୍ପୂର୍ଣ୍ଣ ଚିତ୍ର ଦିଆଯାଇପାରିବ ।

ଙ) ସମ୍ପାଦକୀୟଟିରେ କୌଣସି ବ୍ୟକ୍ତିତ୍ୱଙ୍କୁ ଗୁରୁତ୍ୱ ନ ଦେଇ ସମ୍ପୃକ୍ତ ଘଟଣା ଉପରେ ଆଧାରିତ ହେବା ଉଚିତ୍ । ବ୍ୟକ୍ତି ବିଶେଷଙ୍କର ନାମ ଉଚ୍ଚାରଣରୁ ବିରତ ରହିବା ଉଚିତ । ଲୋକଙ୍କୁ ପ୍ରଭାବିତ କରିବା ପାଇଁ ଶସ୍ତା କୌଶଳ ଅବଲମ୍ବନ କରିବା ମଧ ଠିକ୍ ନୁହେଁ ।

ଚ) ସମ୍ପାଦକୀୟଟିଏ ଆଲୋଚିତ ହେଉଥିବା ଘଟଣା କିମ୍ବା ସମସ୍ୟାର ବିକଳ୍ପ ସମାଧାନ ଦେବା ଆବଶ୍ୟକ ।

ଛ) ସମ୍ପାଦକୀୟର ଶେଷଭାଗରେ ସୁଦୃଢ଼ ଓ ସଂକ୍ଷିପ୍ତ ଉପସଂହାର ରହିବା ନିହାତି ଆବଶ୍ୟକ । ବିଷୟର ଆବଶ୍ୟକତା ଅନୁଯାୟୀ ତୁମେ ଏଥିରେ କିଛି ପ୍ରଭାବଶାଳୀ କଥା କହିପାରିବ ।
ସମ୍ପାଦକୀୟ ଲେଖା ପାଇଁ ଆଉକିଛି ପରାମର୍ଶ

- ପାଠକମାନଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ ସବୁବେଳେ ଆରମ୍ଭକୁ ଆକର୍ଷଣୀୟ କରିବାକୁ ଚେଷ୍ଟା କର ।
- ନିଜ ମତର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ବଳିଷ୍ଠ ପ୍ରମାଣ ଯୋଗାଇଦିଅ ଏବଂ ପ୍ରତ୍ୟକ୍ଷ ଉକ୍ତି ବା ଡାଇରେକ୍ଟ ସ୍ପିଚ୍ ବ୍ୟବହାର କର ।
- ସବୁବେଳେ ବାକ୍ୟଗୁଡ଼ିକୁ ତୃତୀୟ ପୁରୁଷରେ ଲେଖିବାକୁ ଚେଷ୍ଟା କର ।
- ପାଠକମାନେ ବୋକା ନୁହନ୍ତି । ତେଣୁ ଗୋଟିଏ ନିର୍ଦ୍ଧିଷ୍ଟ ଚିନ୍ତାଧାରାର ପ୍ରଚାରକ ହେବାକୁ ଚେଷ୍ଟାକର ନାହିଁ । ସବୁବେଳେ ବିଶ୍ୱାସଯୋଗ୍ୟ ଯୁକ୍ତି ଉପସ୍ଥାପନ କର ଏବଂ ତାହା ପଛରେ ପ୍ରମାଣଯୋଗ୍ୟ ତଥ୍ୟ ଯୋଗାଇଦିଅ ।

## ଓପ୍-ଏଡ୍ ପୃଷ୍ଠା ଏବଂ ମିଡିଲ

ମେରିଅମ୍-ଓ୍ୱେବଷ୍ଟର ଶବ୍ଦକୋଷର ସଂଜ୍ଞା ଅନୁଯାୟୀ ଓପ୍-ଏଡ୍ ପେଜ କହିଲେ ଅନେକ ଗୁଡିଏ ସ୍ୱତନ୍ତ୍ର ଫିଚର କୁ ନେଇ ଗଠିତ ଖବରକାଗଜ ପୃଷ୍ଠାକୁ ବଝାଏ ।

ଓପ୍-ଏଡ୍ ଶବ୍ଦକୁ ମଧ୍ୟ କୌଣସି ଘଟଣା ଉପରେ ଜଣେ ଲେଖକଙ୍କ ନିଜସ୍ୱ ମତାମତକୁ ନେଇ ଲେଖାଯାଇଥିବା ଆର୍ଟିକିଲ ବା ରଚନା ପାଇଁ ବ୍ୟବହାର ହୋଇଥାଏ । ଶବ୍ଦକୋଷର ସଂଜ୍ଞା ଅନୁଯାୟୀ "ଖବରକାଗଜ କିମ୍ବା ପତ୍ରିକାପାଇଁ କେହି ଜଣେ ନିର୍ଦ୍ଧିଷ୍ଟ ବ୍ୟକ୍ତି ଲେଖିଥିବା ଏକ ରଚନା ଯାହା ତାଙ୍କର ବ୍ୟକ୍ତିଗତ ମତ ଉପରେ ଅଧାରିତ ହୋଇଥାଏ।ମତ ପ୍ରଦାନ କରିଥାଏ ତାହାକୁ ଓପ୍-ଏଡ୍ କୁହାଯାଏ । ସାଧାରଣତଃ ଏହି ଲେଖକ ଜଣକ ସଂପୃକ୍ତ ଖବରକାଗଜ କିମ୍ବା ପତ୍ରିକା ଦ୍ୱାରା ନିଯୁକ୍ତ ହୋଇ ନଥାନ୍ତି ।" ଆମେରିକାର ଲିନୋଇସ୍ ବିଶ୍ୱବିଦ୍ୟାଳୟ ଓପ୍-ଏଡ୍‌ର ଲେଖା ଶୈଳୀ ପାଇଁ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଛି । ଏଗୁଡିକର ଭାରତୀୟ ପରିପେକ୍ଷୀରେ ଯଥେଷ୍ଟ ପ୍ରାସଙ୍ଗିକତା ରହିଛି ।

- ଯେଉଁ ସୂଚନାଟି ତୁମେ ପାଇବାକୁ ଚାହୁଁଛ, ତାହା ପଚାରି ବୁଝ ।
- କୌଣସି ନିର୍ଦ୍ଧିଷ୍ଟ କ୍ରମ ବିନା ନିଜେ ସମସ୍ତ ଯୁକ୍ତିକୁ ନେଇ ଏକ ତାଲିକା ପ୍ରସ୍ତୁତ କର ।
- ପାଠକମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣ କଲା ଭଳି ୪ଟି କିମ୍ବା ୫ଟି ଯୁକ୍ତିର ଚୟନ କର ।
- ବର୍ତ୍ତମାନ ନିଜେ ପ୍ରସ୍ତୁତ କରିଥିବା ଖସଡ଼ାଟିକୁ ପଢ ଏବଂ ନିଜକୁ ନିଜେ ପ୍ରଶ୍ନ କର ଏଥିରେ କେଉଁ ଅନୁଚ୍ଛେଦଟି ସବୁଠାରୁ ପ୍ରଭାବଶାଳୀ ।
- ଯେକୌଣସି ବିନ୍ଦୁକୁ ନେଇ ତୁମେ ଓପ୍-ଏଡ୍‌ଟି ଲେଖ, ପାଠକମାନଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ ଏହାକୁ ଆଉଥରେ ଲେଖ । ଦୁଇଟି ବା ତିନିଟି ଅନୁଚ୍ଛେଦରେ ଯେତେ ସମ୍ଭବ ପ୍ରଭାବଶାଳୀ ଏବଂ ଆଗ୍ରହ ସୃଷ୍ଟିକାରୀ ଯୁକ୍ତି ଉପସ୍ଥାପନ କର । ଅନୁଚ୍ଛେଦଟି ଯେପରି ସଂକ୍ଷିପ୍ତ ହେବ ଓ ଗୋଟିଏ ମୁଖ୍ୟ ଧାରଣାକୁ ଠିକ୍ ଭାବେ ଉପସ୍ଥାପନ କରୁଥିବ, ତାହା ସୁନିଶ୍ଚିତ କର ।
- ନିଜର ଯୁକ୍ତିକୁ ସଫଳ କରିବା ପାଇଁ ସବୁବେଳେ ତଥ୍ୟ, ପରିସଂଖ୍ୟାନ ଏବଂ ଅଧ୍ୟୟନର ଉପଯୋଗ କର ।

ଖୋରାକ୍ ଯୋଗାଇବା ମିଡିଲର ଲକ୍ଷ୍ୟ । ମିଡିଲଟିଏ ଲେଖିଲାବେଳେ ନିମ୍ନଲିଖିତ ପ୍ରସଙ୍ଗ ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ ।

- ଗୋଟିଏ ମିଡିଲ୍‌ଟି ୫୦୦ ଶବ୍ଦ ମଧ୍ୟରେ ରହିବା ଆବଶ୍ୟକ ।
- ମିଡିଲ୍ ସାଧାରଣତଃ ଗୋଟିଏ ସମ୍ପାଦକୀୟ ପୃଷ୍ଠାର ଦୁଇଟି ଆର୍ଟିକିଲ ମଧ୍ୟରେ ସ୍ଥାନ ପାଇଥାଏ ।
- ଗୋଟିଏ ପ୍ରସଙ୍ଗଭିତ୍ତିକ ବିଷୟ ଚୟନ କର ଏବଂ ବିଷୟଟିରେ ହାସ୍ୟରସ ଭରିବାକୁ ଚେଷ୍ଟା କର ।
- ମିଡିଲ୍‌କୁ ହାସ୍ୟରସାତ୍ମକ ଶବ୍ଦାବଳୀ ବ୍ୟବହାର କରି ଶେଷ କରିବାକୁ ଚେଷ୍ଟା କର ଯାହା ପାଠକକୁ ଗମ୍ଭୀର ପ୍ରସଙ୍ଗଟିକୁ ହାଲୁକା ଭାବେ ବୁଝାଇବାରେ ସହାୟକ ହେବ ।
- ମିଡିଲଟିଏ ଲେଖିଲାବେଳେ ତୁମେ ଭାଷାକୁ ନେଇ ଏକ୍ସପେରିମେଣ୍ଟ ବା ପରୀକ୍ଷଣ କରିପାରିବ । ଏଥିରେ କୌଣସି ସାମ୍ପାଦକୀୟ କଟକଣା ତୁମର ପଥରୋଧ କରିବ ନାହିଁ ।
- ଏପରିକି ଏଥିରେ ତୁମେ ବର୍ତ୍ତମାନ ସମାଜରେ  ପ୍ରଚଳିତ ଭାଷା ଏବଂ ଲେକଭାଷାର ପ୍ରୟୋଗ କରିପାର । ମାତ୍ର ଶାଳୀନତା ଏବଂ ଶିଷ୍ଟାଚାର ଯେମିତି ବଜାୟ ରହିବ ତାହା ନିଶ୍ଚିତ କର । ମନେରଖ ଯେ ତୁମେ ଗୋଟିଏ ଖବରକାଗଜ ପାଇଁ ଲେଖୁଛ । ତେଣୁ ଅପମାନଜନକ ଭାଷାର ଆଦୌ ପ୍ରୟୋଗ କର ନାହିଁ ।

**ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ ଓ ସ୍ୱତନ୍ତ୍ର ପ୍ରକାଶନ ବା ସପ୍ଲିମେଣ୍ଟସ୍**

ସାଧାରଣତଃ  ଅଧିକ ସଂଖ୍ୟାରେ ପାଠକଙ୍କୁ ଯୋଡିବା ଓ ଖବରକାଗଜ ସହ ତାଙ୍କ ସମ୍ପୃକ୍ତିରେ ବଢାଇବା ପାଇଁ ଖବରକାଗଜରେ ସ୍ୱତନ୍ତ୍ର ଆର୍ଟିକିଲ, ସପ୍ତାହାନ୍ତ ପ୍ରକାଶନ ଓ ସ୍ୱତନ୍ତ୍ର ପ୍ରକାଶନ ବା ସପ୍ଲିମେଣ୍ଟସ୍ ପ୍ରକାଶିତ ହୋଇଥାଏ । ସ୍ୱତନ୍ତ୍ର ଆର୍ଟିକିଲ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବା ଘଟଣା ଉପରେ ଆଧାରିତ ହୋଇଥିଲାବେଳେ ସପ୍ତାହାନ୍ତ ପ୍ରକାଶନ ଓ ସ୍ୱତନ୍ତ୍ର ପ୍ରକାଶନ ଭିନ୍ନ ରୁଚି ରଖୁଥିବା ପାଠକଗୋଷ୍ଠୀ ଙ୍କୁ ଆଖି ଆଗରେ ରଖି ପ୍ରକାଶ କରାଯାଇଥାଏ । ଆଜିକାଲି ପ୍ରାୟ ସମସ୍ତ ପ୍ରମୁଖ ଖବରକାଗଜ ନିୟମିତ ଭାବେ ସପ୍ତାହାନ୍ତ ପ୍ରକାଶନ ଓ ସ୍ୱତନ୍ତ୍ର ପ୍ରକାଶନ ପ୍ରକାଶ କରୁଛନ୍ତି ।

## ୨.୫ ଆସ ପ୍ରଗତି ମାପିବା

୧. ନିଜ ଅଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ ସାକ୍ଷାତକାର ନିଅ । ତୁମ ଅଞ୍ଚଳର ସମସ୍ୟା ଓ ଏହାର ସମାଧାନ ପାଇଁ ତାଙ୍କର ଯୋଜନା ସମ୍ପର୍କରେ ପଚାରି ବୁଝ ।

୨. ଭାରତର ମହାକାଶ ଅଭିଯାନ ସମ୍ପର୍କରେ ଏକ ସମ୍ପାଦକୀୟ ଲେଖ ।

୩. ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ଏକ ଓପ୍-ଏଡ୍ ଆର୍ଟିକିଲ୍ ଲେଖ ।

୪. ବିମୁଦ୍ରାକରଣ ସମ୍ପର୍କରେ ଏକ ମିଡିଲ୍ ଲେଖ ।

୫. ତୁମ ଗାଁରେ ପାଳିତ ହେଉଥିବା ଏକ ପର୍ବ ଉପରେ ସ୍ୱତନ୍ତ୍ର ଆର୍ଟିକିଲ୍ ଲେଖ ।

# ୟୁନିଟ୍‌-୩: ପୃଷ୍ଠଭୂମି ଓ ସମୀକ୍ଷା ମୂଳକ ଲେଖା

୩.୦ ବିଷୟର ଗଠନ
୩.୧ ପଠନର ଉଦ୍ଦେଶ୍ୟ
୩.୨ ବିଷୟ ପରିଚୟ
୩.୩ ସମୀକ୍ଷା ବନାମ ପୃଷ୍ଠଭୂମି
୩.୪ ପୃଷ୍ଠଭୂମି ଲେଖା ଶୈଳୀ
୩.୫ ପୁସ୍ତକ ସମୀକ୍ଷା
୩.୬ ଚଳଚ୍ଚିତ୍ର/ପ୍ରାମାଣିକ ଚଳଚ୍ଚିତ୍ର/ପ୍ରଦର୍ଶନୀ କଳା ସମୀକ୍ଷା
୩.୭ ପତ୍ରିକା ପାଇଁ ସମୀକ୍ଷା
୩.୮ ପ୍ରଚଳିତ ଧାରା, ଶୈଳୀ ଏବଂ ଭବିଷ୍ୟତ
୩.୯ ଆସ ପ୍ରଗତି ମାପିବା

## ୩.୧ ପଠନର ଉଦ୍ଦେଶ୍ୟ

କୌଣସି ପତ୍ରିକା ପାଇଁ ସମୀକ୍ଷା ଲେଖିବା ଓ ରିପୋର୍ଟିଂ କରିବା ପାଇଁ ଗଭୀର ଜ୍ଞାନ ଏବଂ ଅଭିଜ୍ଞତାର ଆବଶ୍ୟକତା ପଡିଥାଏ । ଏହି ଭାଗରେ ଆମେ ସମୀକ୍ଷା ଏବଂ ପୃଷ୍ଠଭୂମି ମଧ୍ୟରେ ପାର୍ଥକ୍ୟ, ପୃଷ୍ଠଭୂମି କିପରି ଲେଖାଯାଏ, ଚଳଚ୍ଚିତ୍ର,ପ୍ରାମାଣିକ ଚଳଚ୍ଚିତ୍ର, ବହି, ପ୍ରଦର୍ଶନୀ କଳାର ସମୀକ୍ଷା ଲେଖିବାର ଶୈଳୀ ବିଷୟରେ ଜାଣିବା । ତା ସହିତ ପତ୍ରିକାର ପ୍ରଚଳିତ ଧାରା, ଶୈଳୀ ଏବଂ ଭବିଷ୍ୟତ ସଂପର୍କରେ ସମ୍ୟକ୍ ଆଲୋଚନା କରିବା ।

## ୩.୨ ବିଷୟ ପରିଚୟ

ସାମ୍ବାଦିକମାନେ କେବଳ ଖବର ସମ୍ବନ୍ଧୀୟ ଲେଖା, ରାଜନୀତି ବାଣିଜ୍ୟ ଆଦି ବିଷୟ ଉପରେ ସମ୍ପାଦକୀୟ, ଆର୍ଟିକିଲ ଲେଖନ୍ତି ନାହିଁ, ସେମାନେ ପାଠକଙ୍କ ରୁଚିକୁ ଦୃଷ୍ଟିରେ ରଖି ନୂଆ ବହି, ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର, ପ୍ରଦର୍ଶନୀ କଳା ସମ୍ବନ୍ଧରେ ବ୍ୟାପକ ସମୀକ୍ଷା ମଧ କରିଥାନ୍ତି । ଲୋକମାନଙ୍କୁ ଉକ୍ତ ପୁସ୍ତକ, ଚଳଚ୍ଚିତ୍ର ବା ପ୍ରଦର୍ଶନୀ କଳା ସମ୍ପର୍କରେ ବିସ୍ତାରରେ ଜଣାଇବା ସହ ତାଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବା ପାଇଁ ସମାକ୍ଷାମୂଳକ ଲେଖାକୁ ଖବରକାଗଜ ବା ପତ୍ରିକାରେ  ସ୍ଥାନ ମିଳିଥାଏ । କୌଣସି ବିଷୟ ଉପରେ ନିଜର ବ୍ୟକ୍ତିଗତ ରୁଚିକୁ ପାଥେୟ କରି ଆପଣ ମଧ୍ୟ ଜଣେ ଜଣେ ସମୀକ୍ଷକ ହୋଇପାରିବେ । ବର୍ତ୍ତମାନ ଜ୍ଞାନକୌଶଳ, ଖାଦ୍ୟ, ଭ୍ରମଣ ଆଦିକୁ ନେଇ ସମୀକ୍ଷା ଲେଖିବାର ଏକ ନୂଆ ଧାରା ଆରମ୍ଭ ହୋଇଛି । ଏହା କେତେକାଂଶରେ ଲୋକମାନଙ୍କର ଗତାନୁଗତିକ ଖବର ପ୍ରତି ଥିବା ନିରସତାକୁ ଦୂର କରିପାରିଛି । ବର୍ତ୍ତମାନ ପାଠକମାନେ କୌଣସି ଏକ ନୂଆ ବହି ପଢ଼ିବା ହେଉ ଅଥବା ଏକ ନୂଆ ଚଳଚ୍ଚିତ୍ର ଦେଖିବା ଆଗରୁ ଏ ସଂକ୍ରାନ୍ତରେ ବିଶେଷଜ୍ଞ ମାନଙ୍କ ମତାମତ ଜାଣିବାକୁ ଚାହୁଁଛନ୍ତି ।

ସାମ୍ବାଦିକମାନେ ମଧ୍ୟ କୌଣସି ଘଟଣା ସମ୍ପର୍କରେ ତାହାର ଐତିହାସିକ ପୃଷ୍ଠଭୂମି ଜଡିତ ତଥ୍ୟ ପାଠକମାନଙ୍କୁ ଦେଇଥାନ୍ତି । ଏହାକୁ ବ୍ୟାକଗ୍ରାଉଣ୍ଡର ବା ପୃଷ୍ଠଭୂମି କୁହାଯାଏ । ପୃଷ୍ଠଭୂମିକୁ ମଧ ଲୋକ ସମ୍ପର୍କ କାର୍ଯ୍ୟରେ ଗଣମାଧ୍ୟମର ଏକ ଅଙ୍ଗ ଭାବରେ ବ୍ୟବହାର କରାଯାଏ ।

ଏହା ବ୍ୟତିତ ସାମ୍ବାଦିକମାନେ ପତ୍ରପତ୍ରିକା ପାଇଁ ମଧ୍ୟ ଲେଖାଲେଖି କରିଥାନ୍ତି । ବିଭିନ୍ନ ଦୃଷ୍ଟିରୁ ପତ୍ରିକା ସାଧାରଣତଃ ଖବରକାଗଜଠାରୁ ଭିନ୍ନ ହୋଇଥାଏ । ସାଧାରଣତଃ ପତ୍ରିକାର ଲକ୍ଷ୍ୟ ଖବରକାଗଜ ତୁଳନାରେ କୌଣସି ଘଟଣା ବିଷୟରେ ପାଠକମାନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବା ହୋଇଥାଏ । ଖବରକାଗଜରେ ଖବର ପ୍ରକାଶ ପାଇବା ପାଇଁ କମ ସମୟ ଥିବାବେଳେ, ପତ୍ରିକା କ୍ଷେତ୍ରରେ ଆଧିକ ସମୟ ମିଳିଥାଏ । ସମ୍ପ୍ରତି ଡିଜିଟାଲ ମିଡିଆର ବହୁଳ ପ୍ରଚାର ପ୍ରସାର ଫଳରେ ପତ୍ରପତ୍ରିକାଗୁଡିକର ଅସ୍ତିତ୍ୱ ବିପଦରେ ପଡିଛି । ଏ ସମ୍ପର୍କରେ ଆମେ ବିସ୍ତୃତ ଆଲୋଚନା କରିବା ।

## ୩.୩ ସମୀକ୍ଷା ବନାମ ପୃଷ୍ଠଭୂମି

ସୂଚନାର ଏକତ୍ରୀକରଣ କରିବା ବା ତଥ୍ୟଭିତ୍ତିକ ଦସ୍ତାବିଜ ସୃଷ୍ଟି କରିବାକୁ ସରଳ ଭାଷାରେ ବ୍ୟାକଗ୍ରାଉଣ୍ଡର ବା ପୃଷ୍ଠଭୂମି କୁହାଯାଏ । ଏହା ମୁଖ୍ୟତଃ ପ୍ରେସ ରିଲିଜ୍, ପ୍ରେସ ନିର୍ଦ୍ଦେଶନାମା ସହ ଗଣମାଧମ ପ୍ରତିନିଧି ମାନଙ୍କୁ ଯୋଗାଇ ଦିଆଯାଇଥାଏ । କୌଣସି ଘଟଣା ବା କାର୍ଯ୍ୟକ୍ରମ ବାବଦରେ ପାଠକଙ୍କ ପସନ୍ଦଯୋଗ୍ୟ ବିଷୟବସ୍ତୁ ସହ ଜଡିତ ପୃଷ୍ଠଭୂମିର ବିସ୍ତୃତ ବିବରଣୀ ବ୍ୟାକଗ୍ରାଉଣ୍ଡର ପ୍ରଦାନ କରିଥାଏ ।

ସମୀକ୍ଷାମୂଳକ ଲେଖା ଏହାଠାରୁ ଭିନ୍ନ । ଏଥିରେ କୌଣସି ପାଠ୍ୟକ୍ରମ, ପ୍ରଦର୍ଶନ କିମ୍ବା ଉତ୍ପାଦ (ଉଦାହରଣ-ପୁସ୍ତକ,ଚଳଚ୍ଚିତ୍ର,ଭିଡିଓ ଗେମ ଇତ୍ୟାଦି) ର ତର୍ଜମାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଏବାଉଟ୍.କମ୍ ଅନୁଯାୟୀ ଏକ ରିଭ୍ୟୁ ବା ସମୀକ୍ଷାରେ ନିମ୍ନଲିଖିତ ଉପାଦାନଗୁଡିକ ରହିବା ଉଚିତ୍ ।

- ଏକ ନିର୍ଦ୍ଧିଷ୍ଟ ବିଷୟବସ୍ତୁର ସାମାନ୍ୟ ପ୍ରକୃତି, ଶୈଳୀର ଚିହ୍ନଟୀକରଣ ସହ ତାର ସମୀକ୍ଷା ।
- କୌଣସି ବିଷୟବସ୍ତୁ ଉପରେ ସଂକ୍ଷିପ୍ତରେ ବିବରଣୀ (ଯେପରିକି ଏକ ଚଳଚ୍ଚିତ୍ରର ମୂଳ ଆଧାର, ବିଷୟବସ୍ତୁ) ।
- ସମୀକ୍ଷା ହୋଇଥିବା ବିଷୟବସ୍ତୁର ନିର୍ଦ୍ଧିଷ୍ଟ ଉଭୟ ଭଲ ଓ ମନ୍ଦ ଦିଗକୁ ନେଇ ଆଲୋଚନା ।
- ସମୀକ୍ଷା ହୋଇଥିବା ବିଷୟବସ୍ତୁ ଓ ପୂର୍ବରୁ ସେହି ଦିଗରେ ପ୍ରସ୍ତୁତ ହୋଇଥିବା ବିଷୟବସ୍ତୁ ମଧ୍ୟରେ ତୁଳନାତ୍ମକ ବ୍ୟାଖ୍ୟାନ, ସମାନ ଲେଖକ ବା କଳାକାର ପୁର୍ବରୁ କରିଥିବା କାର୍ଯ୍ୟ ସହ ତୁଳନା ।

## ୩.୪ ପୃଷ୍ଠଭୂମି ଲେଖା ଶୈଳୀ

ଗଣମାଧ୍ୟମ ହେଉ ଅଥବା ପ୍ରେସ୍ ରିଲିଜ୍, ପୃଷ୍ଠଭୂମି ସବୁବେଳେ ଅଧିକରୁ ଅଧିକ ସୂଚନା ଯୋଗାଇଦେଇଥାଏ । ମାତ୍ର ଏହା ପାଠକର ପଠନୀୟତା ସହ ସାଲିସ୍ କରେ ନାହିଁ ।

ଗୋଟିଏ ପୃଷ୍ଠଭୂମି ଲେଖିବାବେଳେ ଆଲୋଚିତ ବିଷୟବସ୍ତୁ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଆବଶ୍ୟକ । ତାପରେ ତୁମେମାନେ ଯେଉଁ ଅତିରିକ୍ତ ତଥ୍ୟ ଅଥବା ସୂଚନା ଦେବାକୁ ଚାହୁଁଛ ତାହା ଉପଯୁକ୍ତ ଉପନାମ ବା ସବ୍‌ଟାଇଟେଲ ସହ ପର୍ଯ୍ୟାୟକ୍ରମେ ଲେଖିବା ଦରକାର । ଶେଷରେ ଲେଖିଥିବା ଉପନାମ ବା ସବ୍‌ଟାଇଟେଲ ଗୁଡିକ ମଧ୍ୟରେ ପର୍ଯ୍ୟାପ୍ତ ତଥ୍ୟ ଦେବାକୁ ପଡିଥାଏ ।

ଅଧିକରୁ ଅଧିକ ସବ୍‌ହେଡ୍ ସହ  ସହଜରେ ବୁଝିବା ପାଇଁ ବିଷୟ ସମ୍ବନ୍ଧୀୟ ଗ୍ରାଫିକ୍ସ ବ୍ୟବହାର କରାଯିବା ଉଚିତ୍ । ପୃଷ୍ଠଭୂମିଟିଏ ଲେଖିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କ ସହ ସାକ୍ଷାତକାର ଏପରିକି କୌଣସି ଅନୁଷ୍ଠାନ ସହ ଜଡିତ ବ୍ୟକ୍ତିବିଶେଷଙ୍କର ସାକ୍ଷାତକାର ନିଆଯାଇପାରେ । କୌଣସି ବାହ୍ୟ ସୂଚନାକୁ ଉଲ୍ଲେଖ କରିବା ବେଳେ, ସୂଚନା ପ୍ରଦାନକାରୀଙ୍କ ପରିଚୟ ବା ସୂଚନାର ଉତ୍ସ ସମ୍ପର୍କରେ ଉଲ୍ଲେଖ କରିବା ଦରକାର ।

ଗୋଟିଏ ପୃଷ୍ଠଭୂମିରେ କୌଣସି ଘଟଣା, କାର୍ଯ୍ୟକ୍ରମ ଅଥବା ଆଲୋଚ୍ୟ ବିଷୟବସ୍ତୁର ଇତିହାସ ଓ ପରିସଂଖ୍ୟାନ ଭଳି ତଥ୍ୟ ଦିଆଯାଇଥାଏ । ଏହାବ୍ୟତୀତ କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କର ବିବରଣୀ ଶିକ୍ଷାଗତ ଯୋଗ୍ୟତା, ସଂପୃକ୍ତ ବିଷୟ ବା ଘଟଣାଟି କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବିବୃତି ରଖିବା ମଧ୍ୟ ଏକ ପ୍ରକାର ପୃଷ୍ଠଭୂମି । ପାଠକପାଠିକାମାନଙ୍କୁ ଆକର୍ଷିତ କରିବା ପାଇଁ କୌଣସି ଘଟଣା ସମ୍ବନ୍ଧୀୟ ଭୌଗୋଳିକ ଅଥବା ଜନସଂଖ୍ୟା ସମ୍ପର୍କିତ ସୂଚନା, କୌଣସି ମନଛୁଆଁ ତଥା ଚିତ୍ତାକର୍ଷକ ଚରିତ୍ର ଆଦି ଅନ୍ତର୍ଭୁକ୍ତ କରାଯାଇପାରେ ।

## ୩.୫ ପୁସ୍ତକ ସମୀକ୍ଷା

ସାଧାରଣତଃ ପୁସ୍ତକ ସମୀକ୍ଷା ମାଧ୍ୟମରେ ସଦ୍ୟ ପ୍ରକାଶିତ ପୁସ୍ତକଗୁଡିକର ମାନ ନିର୍ଦ୍ଧାରଣ ହୋଇଥାଏ । ଏଥିରେ ମୁଖ୍ୟତଃ ପୁସ୍ତକର ମୁଖ୍ୟ ବିନ୍ଦୁଗୁଡିକ ଉପରେ ସଂକ୍ଷିପ୍ତ ଆଲୋଚନା କରାଯିବା ସହ ପୁସ୍ତକର ସାମର୍ଥ୍ୟ, ଦୁର୍ବଳତାର ମାନ ଉପରେ ମତାମତ ଦିଆଯାଇଥାଏ । ଲୋକମାନେ ପ୍ରାୟତଃ ପୁସ୍ତକ ସମୀକ୍ଷା ଓ ପୁସ୍ତକ ରିପୋର୍ଟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ପାରନ୍ତି ନାହିଁ । ମାତ୍ର ଉଭୟ ଜିନିଷ ସମାନ ନୁହେଁ । ପୁସ୍ତକ ରିପୋର୍ଟରେ କୌଣସି ବହିରେ ଥିବା ବିଷୟବସ୍ତୁ ଉପରେ ସମ୍ୟକ୍ ଧାରଣା ଦିଆଯାଇଥାଏ । ତେବେ ପୁସ୍ତକ ସମୀକ୍ଷାରେ କାର୍ଯ୍ୟର ବିଶ୍ଳେଷଣାତ୍ମକ ଦିଗ ଉପରେ ବିଶେଷ ଦୃଷ୍ଟି ଦିଆଯାଇଥାଏ । ପୁସ୍ତକ ସମୀକ୍ଷା ସାଧାରଣତଃ ବିଭିନ୍ନ ପତ୍ରିକା, ଖବରକାଗଜରେ ପ୍ରକାଶିତ ହୋଇଥାଏ ।

ପୁସ୍ତକ ସମୀକ୍ଷାଟି ୫୦୦-୭୦୦ ଶବ୍ଦ ମଧ୍ୟରେ ଲେଖା ହେଲେ ଭଲ । ତେବେ ଆବଶ୍ୟକତା ଅନୁଯାୟୀ ଏହାର ବ୍ୟବଧାନକୁ ଛୋଟ ବଡ କରାଯାଇପାରେ ।

ପୁସ୍ତକ ସମୀକ୍ଷାର ମୂଳ ଲକ୍ଷ୍ୟ ହେଉଛି ପୁସ୍ତକର ସ୍ୱରୂପ ସମ୍ପର୍କରେ ପାଠକମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା, ସମୀକ୍ଷକ ଜଣକ କାର୍ଯ୍ୟଟିକୁ ଉପଭୋଗ କଲା କି ନାହିଁ ଏବଂ ପୁସ୍ତକଟିର କ୍ରୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରଦାନ କରିବା ।

### ପୁସ୍ତକ ସମୀକ୍ଷା ଲେଖା ପାଇଁ ପରାମର୍ଶ

ପୁସ୍ତକଟିକୁ ତନ୍ନତନ୍ନ କରି ପଢ଼ିବା ଆବଶ୍ୟକ । ମାତ୍ର ପୁସ୍ତକଟିକୁ ପଢ଼ିବା ପୂର୍ବରୁ ନିଜର ସମୀକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଥିବା ଉପାଦାନ ଗୁଡ଼ିକ ସମ୍ବନ୍ଧରେ ବିଚାର କରିନେବା ଆବଶ୍ୟକ । ଯେପରିକି ଲେଖକ/ଲେଖିକାଙ୍କ ବିଷୟରେ ସୂଚନା, ତାଙ୍କର ଅତୀତର କାର୍ଯ୍ୟ, ସମ୍ମାନ, ଲିଖନ ଶୈଳୀ ଇତ୍ୟାଦି । ସେହିପରି ପୁସ୍ତକଟିର ବିଶେଷତ୍ୱ: ଏହା କାଳ୍ପନିକ ନା ପ୍ରାମାଣିକ, ବାସ୍ତବଧର୍ମୀ କି ନାହିଁ, ଏହା କବିତା, ପ୍ରେମ କାହାଣୀ କିମ୍ବା ସାମାଜିକ ବିଷୟ ଉପରେ ଆଧାରିତ କି ଇତ୍ୟାଦି ତଥ୍ୟକୁ ମଧ୍ୟ ସ୍ଥାନ ଦିଆଯାଏ । ପୁସ୍ତକଟିକୁ କେଉଁ ବର୍ଗର ଲୋକ ପସନ୍ଦ କରିବେ, ପୁସ୍ତକଟିର ଲକ୍ଷ୍ୟ; ପୁସ୍ତକଟିର ଶିରୋନାମା ଏବଂ ଏହା କିପରି ପୁସ୍ତକଟିର ବିଷୟବସ୍ତୁ ସହ ଜଡ଼ିତ; ମୁଖବନ୍ଧ ଏବଂ ବିଷୟବସ୍ତୁ ସାରଣୀ; ପୁସ୍ତକଟିର ମଲାଟ ପ୍ରଭୃତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଏ । ପୁସ୍ତକ ଅଧ୍ୟୟନ ସମୟରେ ପୁସ୍ତକଟିର ମୁଖ୍ୟବିନ୍ଦୁ, ଚରିତ୍ର ଏବଂ ବିଷୟବସ୍ତୁକୁ ନୋଟ୍ କରିନେବା ଆବଶ୍ୟକ ।

ସମୀକ୍ଷା ଲେଖିବା ସମୟରେ ତୁମକୁ ମିଳିଥିବା ବହିଟିର ସଂକ୍ଷିପ୍ତ ବିବରଣୀ ଅଥବା ପୃଷ୍ଠଭୂମି ସହ ଆରମ୍ଭ କରିପାର । ମାତ୍ର ଅତ୍ୟଧିକ ବିବରଣୀ ଦେବାର ଆବଶ୍ୟକତା ନାହିଁ । ମୁଖ୍ୟତଃ ସମୀକ୍ଷାଗୁଡ଼ିକ ପାଠକମାନଙ୍କୁ ପୁସ୍ତକର ଗୋଟିଏ କିମ୍ବା ଦୁଇଟି ଅଧ୍ୟାୟ ମଧ୍ୟରେ ସୀମିତ ରଖିଥାଏ , ଅନ୍ୟାର୍ଥରେ ଏହା ପାଠକମାନଙ୍କୁ ପୁସ୍ତକଟିର ମୁଖ୍ୟ ଅଂଶ/ବିନ୍ଦୁ ଗୁଡ଼ିକ ଉପରେ ଦୃଷ୍ଟି ଦେବାପାଇଁ ଉତ୍ସାହିତ କରିଥାଏ । ସମୀକ୍ଷାର ଶେଷ ଅଂଶରେ ବହି ସମ୍ପର୍କରେ ନିଜର ମତାମତ ଦେବା ଆବଶ୍ୟକ ।

ଉପରୋକ୍ତ ନିୟମ ଗୁଡ଼ିକ ସାଧାରଣତଃ ସମୀକ୍ଷକ ମାନେ ପାଳନ କରନ୍ତି । ତେବେ ବର୍ତ୍ତମାନ ସମୟରେ ସମୀକ୍ଷା ଲେଖିବାର ଶୈଳୀରେ ନିୟମିତ ପରିବର୍ତ୍ତନ ଘଟୁଛି । ତେଣୁ ତୁମମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ବିଭିନ୍ନ ସମୟରେ ପ୍ରକାଶିତ ପୁସ୍ତକ ସମୀକ୍ଷାଗୁଡ଼ିକୁ ପଢ଼ିବାକୁ ହେବ ।

## ୩.୬ ଚଳଚ୍ଚିତ୍ର/ ପ୍ରାମାଣିକ ଚଳଚ୍ଚିତ୍ର /ପ୍ରଦର୍ଶନୀ କଳା ସମୀକ୍ଷା

ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର, ପ୍ରଦର୍ଶନୀ କଳା ସମ୍ପର୍କରେ ଗବେଷଣା କୌତୂହଳପ୍ରଦ ହୋଇଥାଏ । ଏଥିପାଇଁ ସଂପୃକ୍ତ କାର୍ଯ୍ୟକୁ ନେଇ ଗଭୀର ଆଗ୍ରହ ଥିବା ଆବଶ୍ୟକ । କୌଣସି ବିଷୟବସ୍ତୁ ଉପରେ ସମୀକ୍ଷା ଲେଖିବା ଏକ କଳା ଅଟେ ଏବଂ ମାତ୍ର ଅଳ୍ପ କିଛି ଲୋକଙ୍କର ଏହି ଦକ୍ଷତା ରହିଥାଏ । ତୁମେମାନେ ନିୟମିତ ଭାବେ ପ୍ରସିଦ୍ଧ ଲେଖକମାନଙ୍କର ସମୀକ୍ଷା ପଢ଼ିବା ଉଚିତ୍ । ଏହାଦ୍ୱାରା ତୁମେ ତୁମର ନିଜସ୍ୱ ଶୈଳୀର ମାନ ବୃଦ୍ଧି କରିବା ସହ ଏଥିରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ବୁଝି ପାରିବ ।

### ଏ ସମ୍ପର୍କରେ କେତେକ ଉପଯୋଗୀ ପରାମର୍ଶ

***ନିଜ ବିଷୟକୁ ଭଲ ଭାବେ ଜାଣ:*** ବର୍ତ୍ତମାନ ଡିଜିଟାଲ ଯୁଗରେ ପ୍ରତ୍ୟକ ବ୍ୟକ୍ତି ଜଣେ ଜଣେ ସମୀକ୍ଷକ । ଅରବିନ୍ଦ କେଜରିଓାଲଙ୍କ ପରି ରାଜନେତା ଚଳଚ୍ଚିତ୍ର ସମ୍ପର୍କରେ ମତାମତ ପ୍ରଦାନ କରିଥିବାର ତୁମେମାନେ ଦେଖିଥିବ । ତେଣୁ ଏ ପ୍ରକାରର ପ୍ରତିଯୋଗିତାରେ ଆଗକୁ ବଢ଼ିବାକୁ ହେଲେ ନିଜେ ଚୟନ

କରିଥିବା ବିଷୟ ସମ୍ପର୍କରେ ଭଲଭାବେ ଅବଗତ ହେବା ଆବଶ୍ୟକ । ନିଜର ବିଶେଷ ଆଗ୍ରହ ଥିବା ବିଷୟ ଉପରେ ଯେତେ ପାରୁଛ ଜ୍ଞାନ ହାସଲ କରିବାକୁ ଚେଷ୍ଟା କରି ନିଜର ଦକ୍ଷତା ମୁତାବକ ଲେଖିବାକୁ ଚେଷ୍ଟା କର । ତାହା ଚଳଚ୍ଚିତ୍ର ହେଉ, ପ୍ରାମାଣିକ ଚଳଚ୍ଚିତ୍ର ଅଥବା ପ୍ରଦର୍ଶନୀ କଳା । ଯଦି ପାରୁଛ ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର ଓ ପ୍ରଦର୍ଶନୀ କଳାର ଇତିହାସ ସମ୍ପର୍କରେ କୌଣସି ବିଶେଷ ଶିକ୍ଷା ଗ୍ରହଣ କରିପାର ଏବଂ ଯେତେ ପାରୁଛ ଏ ସମ୍ବନ୍ଧୀୟ ପୁସ୍ତକ ପଢ଼ିବାକୁ ଚେଷ୍ଟାକର ।

ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର, ପ୍ରଦର୍ଶନୀ କଳା ସମ୍ପର୍କରେ ସମୀକ୍ଷା କରିବାକୁ ତୁମକୁ ଜଣେ ନିର୍ଦ୍ଦେଶକ ହେବାର ଆଦୌ ଆବଶ୍ୟକତା ନାହିଁ । ତେବେ ତୁମକୁ ଅନ୍ତତଃପକ୍ଷେ ଜଣେ ଆଗ୍ରହୀ ଏବଂ ସଚେତନ ବ୍ୟକ୍ତି ହେବାକୁ ପଡିବ ।

ଅନ୍ୟ ସମାଲୋଚକଙ୍କୁ ଅନୁଧ୍ୟାନ କର ; ନିଜ ନିଜ କ୍ଷେତ୍ରରେ ସୁନାମ ହାସଲ କରିଥିବା ସମୀକ୍ଷକଙ୍କ ଲେଖା  ପଢ଼ିବାକୁ ଏବଂ ବିଶ୍ଳେଷଣ କରିବାକୁ ଚେଷ୍ଟା କର । ଭବିଷ୍ୟତରେ ଏହଦ୍ୱାରା ତୁମର ଯଥେଷ୍ଟ ଲାଭ ହେବ ।

***ନିଜସ୍ୱ ଦୃଷ୍ଟିକୋଣର ନିତାନ୍ତ ଆବଶ୍ୟକ :*** ଜଣେ ସମୀକ୍ଷକ ଭାବେ କୌଣସି ବିଷୟରେ ସମୀକ୍ଷା ସମୟରେ କେବେ ବି ନିଜର ବ୍ୟକ୍ତିଗତ ମତାମତ ଦେବାକୁ ଡରିବ ନାହିଁ । ନିଜର କ୍ଷମତାକୁ ବିନିଯୋଗ କରି ସବୁବେଳେ ଦୃଢ଼ ମତାମତ ଦେଇ ନିଜର ସ୍ଥିତି ଜାହିର୍ କର ଏବଂ କେତେକ ଅନାବଶ୍ୟକ ଶବ୍ଦ ଯେପରିକି 'ମୁଁ' , 'ମୋର ମତାମତ/ ବିଶ୍ୱାସ' ଆଦି ବ୍ୟବହାର କରିବାର ଆବଶ୍ୟକତା ନାହିଁ ।

***ବିଷୟ ସମ୍ପର୍କିତ ପୃଷ୍ଠଭୂମି ଉଲ୍ଲେଖ କର:*** କୌଣସି ବିଷୟ ସମ୍ପର୍କରେ ନିଜର ପାଠକମାନଙ୍କୁ ଆବଶ୍ୟକୀୟ ପୃଷ୍ଠଭୂମୀ ଯୋଗାଇଦେବା ଆବଶ୍ୟକ । ଉଦାହରଣ ସ୍ୱରୂପ କୌଣସି ଏକ ଚଳଚ୍ଚିତ୍ର ଉପରେ ସମୀକ୍ଷା କଲାବେଳେ ଏହା ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ଆବଶ୍ୟକ । ଏହା ସହିତ ଚଳଚ୍ଚିତ୍ରର ନିର୍ଦ୍ଦେଶକ, ଅଭିନେତା, ଲେଖକ ଏବଂ ତାଙ୍କର ପୂର୍ବ ଅଭିଜ୍ଞତା ସମ୍ବନ୍ଧରେ ପାଠକମାନଙ୍କୁ ଅବଗତ କରିବା ଆବଶ୍ୟକ ।

***ଚଳଚ୍ଚିତ୍ରର ଶେଷଭାଗକୁ ଦର୍ଶକଙ୍କୁ ଜଣାଅ ନାହିଁ:*** ଚଳଚ୍ଚିତ୍ର ବା ପ୍ରାମାଣିକ ଚଳଚ୍ଚିତ୍ରର ଶେଷଭାଗ ସବୁଠାରୁ ଅଧିକ ରୋମା଼ଞ୍ଚକର ହୋଇଥାଏ । ତେଣୁ ସମୀକ୍ଷା କରିବା ସମୟରେ ଦର୍ଶକଙ୍କୁ ଶେଷଭାଗକୁ ଦର୍ଶକଙ୍କୁ ଜଣାଇ ରୋମାଞ୍ଚ ଶେଷ କରି ଦିଅନାହିଁ ।

***ନିଜର ପାଠକମାଙ୍କୁ ଚିହ୍ନ:*** ନିଜର ପାଠକ ଏନଂ ସେମାନଙ୍କର ରୁଚିକୁ ଜାଣିବାକୁ ଚେଷ୍ଟାକର । ପାଠକମାନଙ୍କ ମଧ୍ୟରେ କଲେଜ ପଢୁଆ, ବୟସ୍କ ବୁଦ୍ଧିଜୀବୀ ଅଥବା ସାଧାରଣ ଲୋକ ଥାଇପାରନ୍ତି । ତେଣୁ ସେମାନଙ୍କ ରୁଚିକୁ ଆଖି ଆଗରେ ରଖି ନିଜର ଲେଖା ଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଉଚିତ୍ ।

## ୩.୭ ପତ୍ରିକା ପାଇଁ ରିପୋର୍ଟିଂ

ପତ୍ରିକା ପାଇଁ ରିପୋର୍ଟିଂ ଏବଂ ଖବରକାଗଜ ରିପୋର୍ଟିଂ ମଧ୍ୟରେ ପାର୍ଥକ୍ୟ ରହିଛି । ଖବରକାଗଜ ଓ ପତ୍ରିକାର ପ୍ରକାଶକ ଓ ପାଠକ ଭିନ୍ନ ହୋଇଥିବାରୁ ପତ୍ରିକାର ବିଷୟବସ୍ତୁ ଓ ଉପସ୍ଥାପନା ଶୈଳୀ ଖବରକାଗଜ ଠାରୁ ଭିନ୍ନ ହୋଇଥାଏ । ଅନେକ ଲୋକ ସାଧାରଣତଃ ନିରୋଳାରେ, ନିଜର ଫୁରସତ ସମୟକୁ କାଟିବା ପାଇଁ ପତ୍ରିକା ପଢିଥାନ୍ତି । ପତ୍ରିକାରେ ପ୍ରକାଶିତ ଏକ ଆର୍ଟିକିଲ ଖବରକାଗଜର ଆର୍ଟିକିଲ ଠାରୁ ବଡ଼ ହୋଇପାରେ ।

ଖବରକାଗଜଠାରୁ ପତ୍ରିକାରେ ଅଧିକ ସଂଖ୍ୟକ ବିଜ୍ଞାପନଦାତା ଥାଆନ୍ତି । ତେଣୁ ସଂପୃକ୍ତ ବିଜ୍ଞାପନଦାତାଙ୍କ ଆଗ୍ରହ ତଥା ନିର୍ଦ୍ଦେଶକୁ ଆଖି ଆଗରେ ରଖି ବଡ ବଡ ପତ୍ରିକାର ବିଷୟବସ୍ତୁ ପରିକଳ୍ପନା କରାଯାଇଥାଏ । ଖବରକାଗଜରେ ପାଠକଙ୍କୁ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ଦିଆଯାଏ ।

ସାଧାରଣତଃ ପତ୍ରିକାରେ ଖବରଦାତାମାନଙ୍କୁ ନିଜର ବିଷୟବସ୍ତୁ ସମ୍ବନ୍ଧରେ ଗବେଷଣା, ରିପୋର୍ଟିଂ ପାଇଁ ଯୋଜନା ପ୍ରସ୍ତୁତି କରିବା ପାଇଁ ଅଧିକ ସମୟ ମିଳିଥାଏ । ଖବରକାଗଜର ସମ୍ପାଦକମାନେ ପ୍ରାୟତଃ ସୁନ୍ଦର ତଥା ଆକର୍ଷଣୀୟ ଶିରୋନାମା ଉପରେ ଗୁରୁତ୍ୱ ଦେଉଥିବାବେଳେ, ପତ୍ରିକାରେ ସମସ୍ତ ବିଷୟବସ୍ତୁକୁ ଆକର୍ଷଣୀୟ କରିବାକୁ ସମ୍ପାଦକ ମାନେ ସବୁବେଳେ ଚେଷ୍ଟା କରିଥାଆନ୍ତି । ପତ୍ରିକାର ଏକ ଲମ୍ବା ସମୟକାଳ ଥାଏ କାରଣ ପାଠକମାନଙ୍କର ପସନ୍ଦ ପତ୍ରିକାଟିକୁ ସ୍ଥାୟୀତ୍ୱ ପ୍ରଦାନ କରିଥାଏ ।

ପତ୍ରିକାରେ ଲେଖିବା ପାଇଁ କେତୋଟି ପରାମର୍ଶ

- ପ୍ରତିଟି ଲେଖା ୫୦୦ରୁ ୩୫୦୦ ଶବ୍ଦ ମଧ୍ୟରେ ରହିବା ଉଚିତ ।
- ଲେଖାଟି ବିସ୍ତୃତ ହେବା ସହ ପାଠକକୁ ସନ୍ତୁଷ୍ଟ କରୁଥିବା ଆବଶ୍ୟ । ଏଥିରେ ବ୍ୟାକରଣ ଓ ବିରାମ ଚିହ୍ନ ପ୍ରଭୃତିର ବ୍ୟବହାର ସରଳ ଭାବେ ହେବା ଉଚିତ ।

## ୩.୮ ପ୍ରଚଳିତ ଧାରା, ଶୈଳୀ ଏବଂ ଭବିଷ୍ୟତ

ବର୍ତ୍ତମାନ ସମୟରେ ପତ୍ରିକାର ଗୁଡିକ ସାମ୍ନାରେ ଥିବା ସବୁଠାରୁ ବଡ ଆହ୍ୱାନ ହେଉଛି ଡିଜିଟାଲ ପ୍ରକାଶନ । ଯଦିଓ କେତେକ ପତ୍ରିକା ଏ ପ୍ରକାରର କାର୍ଯ୍ୟରେ ନିଜର ସ୍ଥିତି ସୁରକ୍ଷିତ ରଖିବାରେ ସକ୍ଷମ ହୋଇଛନ୍ତି, ତେବେ ଏହା କେବେଳ ଏକ ବୃହତ ପାଠକ ଗୋଷ୍ଠୀ ଥିବା କାରଣରୁ ହୋଇନାହିଁ । ବିଗତ ୧ ରୁ ୨ ବର୍ଷ ମଧ୍ୟରେ କେତେକ ସଂଖ୍ୟାରେ ଅନଲାଇନ୍ ପତ୍ରିକା ମଧ ପ୍ରକାଶିତ ହୋଇସାରିଲାଣି । ଏପରିକି ଇଣ୍ଡିଆ ଟୁଡେ, ଆଉଟ୍‌ଲୁକ ପ୍ରଭୃତି ପତ୍ରିକା ମଧ୍ୟ ନିଜର ଶକ୍ତି ଏବଂ ସମ୍ବଳ ଡିଜିଟାଲ କ୍ଷେତ୍ରରେ ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଡିଜିଟାଲ ଯୁଗରେ ଖବର ଲେଖିବାର ମୌଳିକ ନିୟମ ଯେପରିକି ବ୍ୟାକରଣ, ତଥ୍ୟର ସଠିକତା ପ୍ରତି ସଚେତନ ରହିବା ଇତ୍ୟାଦିକୁ ପାଳନ କରାଯାଇଥାଏ । ତେବେ ଏହାର ଭାଷା ଗୁଗୁଲ ଓ ୟାହୁ ଭଳି ସର୍ଚ୍ଚଇଞ୍ଜିନରେ ସାଇଟର ର୍‍ୟାଙ୍କ ବା ପାହ୍ୟା କିପରି ବୃଦ୍ଧି ହେବ ଓ ଏହାଦ୍ୱାରା ରାଜସ୍ୱ କିପରି ବୃଦ୍ଧିହେବ, ତାକୁ ନଜରରେ ରଖି କରାଯାଇଥାଏ ।

ବର୍ତ୍ତମାନ ପତ୍ରିକାଗୁଡିକ ନିଜର ଚମକ ହରାଇବାକୁ ବସିଲେଣି । ଆଜିକାଲି ପତ୍ରିକା ପ୍ରକାଶନ ସଂସ୍ଥାମାନେ ନିଜର ପତ୍ରିକାର ମୂଲ୍ୟ ଉପରେ ବହୁ ମାତ୍ରାରେ ରିହାତି ଘୋଷଣା କରିବାକୁ ବାଧ୍ୟ ହେଉଛନ୍ତି । ଯାହାଫଳରେ ପତ୍ରିକାର ବିକ୍ରିରେ ବୃଦ୍ଧି ଘଟିବା ସହ ଅଧିକ ବିଜ୍ଞାପନ ମିଳିପାରିବ । ଆର୍ଟିକିଲ ଗୁଡିକ ଏପରି ଭାବେ ଲେଖାଯାଉଛି ଯେପରି ବିଜ୍ଞାପନ ପାଇଁ ଯଥେଷ୍ଟ ସ୍ଥାନ ଖାଲି ରହିବ । ପ୍ରକୃତରେ ଆଜିକାଲି ପତ୍ରିକା ମାନଙ୍କରେ ପ୍ରକାଶ ପାଉଥିବା ଅନେକ ଆର୍ଟିକିଲ ପଛରେ ବ୍ୟାବସାୟିକ ଉଦ୍ଦେଶ୍ୟ ରହୁଛି ।

## ୩.୯ ଆସ ପ୍ରଗତି ମାପିବା

୧. ଗଣମାଧ୍ୟମକୁ ସଂସ୍ଥାକୁ ପଠାଇବା ପାଇଁ ନିଜ ପୂର୍ବ ବିଦ୍ୟାଳୟର ଶିକ୍ଷାଗତ ପ୍ରଦର୍ଶନ ସମ୍ପର୍କରେ ଏକ ପୃଷ୍ଠଭୂମି ଲେଖ ।

୨. ନିକଟରେ ପଢିଥିବା ଏକ ପୁସ୍ତକର  ସମୀକ୍ଷା ଲେଖ ।

୩. ଏକ ନୂଆ ଚଳଚ୍ଚିତ୍ର ଦେଖ ଏବଂ ତା ଉପରେ ସମାକ୍ଷାଟିଏ ଲେଖ ।

୪. ଏକ ପତ୍ରିକା ପାଇଁ ନିଜ ରାଜ୍ୟର ପରିବର୍ତ୍ତନଶୀଳ ରାଜନୈତିକ ଦୃଶ୍ୟପଟ ସମ୍ପର୍କରେ ୧୨୦୦ ଶବ୍ଦ  ମଧ୍ୟରେ ରିପୋର୍ଟଟିଏ ଲେଖ ।

# ୟୁନିଟ୍ ୪: ଖବର(ନ୍ୟୁଜ୍) ପାଇଁ ଫଟୋଗ୍ରାଫି


୪.୦: ବିଷୟର ଗଠନ

୪.୧ ପଠନର ଉଦ୍ଦେଶ୍ୟ

୪.୨ ବିଷୟ ପରିଚୟ

୪.୩: ନ୍ୟୁଜ୍ ଫଟୋଗ୍ରାଫିର ମୂଳ କଥା

    ୪.୩.୧: ନ୍ୟୁଜ୍ ଫଟୋଗ୍ରାଫି ପାଇଁ ଉପକରଣ

    ୪.୩.୨: ନ୍ୟୁଜ୍ ଫଟୋଗ୍ରାଫି ପାଇଁ ପରାମର୍ଶ

    ୪.୩.୩: ନ୍ୟୁଜ୍ ଫଟୋଗ୍ରାଫି ବନାମ ନ୍ୟୁଜ୍ ଷ୍ଟୋରି

    ୪.୩.୪: ନ୍ୟୁଜ୍ ଫଟୋଗ୍ରାଫିରେ ଆହ୍ୱାନ

୪.୪ ଆସ ପ୍ରଗତି ମାପିବା


## ୪.୧ ପଠନର ଉଦ୍ଦେଶ୍ୟ

ଫଟୋ ବିନା ଯେକୌଣସି ଗଣମାଧ୍ୟମ ପ୍ରକାଶନ ଅସମ୍ପୂର୍ଣ୍ଣ ଲାଗିଥାଏ । ଏଣୁ ନ୍ୟୁଜ୍ ଫଟୋଗ୍ରାଫି ଅଥବା ଫଟୋ ସାମ୍ବାଦିକତା,  ସାମ୍ବାଦିକତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ସଦୃଶ୍ୟ । ଏହି ଅଧ୍ୟାୟଟିକୁ ପଢିଲାପରେ ଆମେ ନିମ୍ନୋକ୍ତ ବିଷୟ ଉପରେ ସମ୍ୟକ୍ ଧାରଣା ପାଇ ପାରିବା ।

- ନ୍ୟୁଜ୍ ଫଟୋଗ୍ରାଫିର ମୂଳ କଥା,
- ନ୍ୟୁଜ୍ ଫଟୋଗ୍ରାଫି ପାଇଁ ଆବଶ୍ୟକୀୟ ଉପକରଣ,
- ନ୍ୟୁଜ୍ ଫଟୋଗ୍ରାଫିଏବଂ ନିଉଜ ଷ୍ଟୋରୀ ମଧ୍ୟରେ ପାର୍ଥକ୍ୟ,
- ନ୍ୟୁଜ୍ ଫଟୋଗ୍ରାଫି ସମ୍ମୁଖରେ ଥିବା ଆହ୍ୱାନ

## ୪.୨ ବିଷୟ ପରିଚୟ

କଥାରେ ଅଛି ଫଟୋଟିଏ ଯାହା କହିପାରେ ହଜାରେ ଶବ୍ଦ ମାଧ୍ୟମରେ ମଧ୍ୟ ତାହା ପ୍ରକାଶ କରିହୁଏ ନାହିଁ । ଫଟୋ ମଧ କଥା କୁହେ । କାହାଣୀ ଶୁଣାଏ । ପ୍ରସିଦ୍ଧ ଫଟୋଗ୍ରାଫର କ୍ୟାମରୁନ ନାଇଟ୍ସଙ୍କ ମତରେ ଫଟୋ ସାମ୍ବାଦିକତା ଗଣଯୋଗାଯୋଗର ସବୁଠାରୁ ବ୍ୟାପକ ରୂପ । କିଛି ଲେଖିବା ଅଥବା କହିବା ବେଳେ କୌଣସି ନିର୍ଦ୍ଦିଷ୍ଟ ଭାଷା ବା ଲିପିର ଆବଶ୍ୟକ ପଡିଥାଏ । ମାତ୍ର ଗୋଟିଏ ଫଟୋ ଭାଷା,ସଂସ୍କୃତି, ଅଞ୍ଚଳର ସୀମାକୁ ଅତିକ୍ରମ କରି ନିଜର ଅର୍ଥ ପ୍ରତିପାଦିତ କରିଥାଏ । ଫଟୋ ସାମ୍ବାଦିକତାରେ ଚେହେରାର ଭାବଭଙ୍ଗୀ, ଆବେଗ, ଚାଲିଚଳନ, ଶାରୀରିକ ଅଙ୍ଗଭଙ୍ଗୀ ସହ ଆଲୋକ ଏବଂ ଛାଇ ମଧ ସେତିକି ସୁନ୍ଦର ଭାବରେ କାହାଣୀଟିଏ କହିପାରେ, ଯେପରି ଶବ୍ଦ ମାଧମରେ କୁହାଯାଇଥାଏ ।

ଫଟୋଗ୍ରାଫି.ଟଟ୍‌ପ୍ଲସ୍.କମ୍  ୱେବସାଇଟ୍‌ରେ ନାଇଟ୍ସ ଲେଖିଛନ୍ତି: ଫଟୋକୁ ଉପଯୋଗକରି କାହାଣୀ କହିବାର କଳାକୁ ନ୍ୟୁଜ୍ ଫଟୋଗ୍ରାଫି କୁହାଯାଇପାରିବ । ତେବେ ଫଟୋଗୁଡିକୁ ଉପଯୋଗକରି ସୃଷ୍ଟି

ହୋଇଥିବା କାହାଣୀଟି ସାମ୍ବାଦିକତାର ମୂଳ ନିୟମଗୁଡ଼ିକୁ ପାଳନ କରୁଥିବା ଆବଶ୍ୟକ । ଫଟୋଟି ଭୁଲ ତଥ୍ୟର ପ୍ରସାର କିମ୍ବା ବିଭ୍ରାନ୍ତି ସୃଷ୍ଟି କଲାଭଳି ହୋଇନଥିବା ଦରକାର । ଜଣେ ଫଟୋସାମ୍ବାଦିକ ସବୁବେଳେ ବିନା ପକ୍ଷପାତିତାରେ ସତ୍ୟ, ସନ୍ତୁଳିତ ଖବର ବା କାହାଣୀ ଉପସ୍ଥାପନା କରିବା ଉଚିତ୍ । ସାଧାରଣତଃ ଜଣେ ଫଟୋସାମ୍ବାଦିକର ଜୀବନ ରୋମାଞ୍ଚରେ ବରପୁର ହୋଇଥାଏ । ତେବେ ଏହା ଏକ ସହଜ କାମ ଆଦୌ ନୁହେଁ । ତୁମକୁ ଯେକୌଣସି ସ୍ଥାନକୁ ଯେକୌଣସି ବ୍ୟକ୍ତିକୁ ଭେଟିବା ପାଇଁ ପଠାଯାଇପାରେ । ଏଭଳି ପରିସ୍ଥିତିରେ କାମ କରିବା ଦ୍ୱାରା ଫଟୋ ସାମ୍ବାଦିକ ଜଣକ ନୂଆ ନୂଆ ଓ ବିବିଧତା ପୂର୍ଣ୍ଣ ଅଭିଜ୍ଞତା ଲାଭ କରିଥାଏ ।

## ୪.୩ ନ୍ୟୁଜ୍ ଫଟୋଗ୍ରାଫିର ମୂଳ କଥା

ବର୍ତ୍ତମାନ ସମୟରେ ଫଟୋ ସାମ୍ବାଦିକତା ଏକ ଅତ୍ୟନ୍ତ ପ୍ରତିଦ୍ୱନ୍ଦିତାମୂଳକ କ୍ଷେତ୍ର ପାଲଟିଛି । ଠିକ୍ ଭାବେ ଫଟୋ ଉଠାଇବାର କୌଶଳ ଜଣେ ଫଟୋସାମ୍ବାଦିକର ଭବିଷ୍ୟତ ସୁରକ୍ଷିତ ରଖିଥାଏ । ପ୍ରଥମତଃ ଲୋକମାନଙ୍କ ସହ ବ୍ୟବହାର ଓ ତାଙ୍କୁ ବୁଝିବାର କୌଶଳ ଫଟୋ ସାମ୍ବାଦିକତାରେ ସବୁଠାରୁ ଅଧିକ କାମରେ ଆସେ । ଜଣେ ଫଟୋସାମ୍ବାଦିକ ଯେତେ ଶିଘ୍ର ସମ୍ଭବ ଖବର ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ବିଶ୍ୱାସ ହାସଲ କରିବା ଆବଶ୍ୟକ । ଭବିଷ୍ୟତରେ ମଧ ଏହି ବିଶ୍ୱାସ କିପରି ଅତୁଟ ରହିବ, ସେଥିପ୍ରତି ଧାନ ଦେବା ଉଚିତ୍ । ଏହାସହ ସାଧାରଣ ସାମ୍ବାଦିକତା କୌଶଳ ମଧ ଭଲଭାବେ ଜାଣିଥିବା ଆବଶ୍ୟକ । ଏହାଛଡା ଘଟଣାର କେଉଁ ଦିଗ ବା ଆଙ୍ଗେଲ୍‌କୁ ନେଇ ରିପୋର୍ଟଟି ତିଆରି ହେଉଛି, ତାହାକୁ ବୁଝିବା ଦରକାର । ଘଟଣାର ଯେଉଁ ଦିଗଟି ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ, ତାକୁ ଗୁରୁତ୍ୱ ଦିଆଯିବା ଦରକାର । ଷ୍ଟୋରିଟିକୁ କିପରି ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଗଲେ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇ ପାରିବ, ତା ଉପରେ ଦୃଷ୍ଟି ଦେବା ଦରକାର । ମୋଟାମୋଟି ଭାବରେ ଫଟୋସାମ୍ବାଦିକମାନେ ସାମ୍ବାଦିକତାର ବିଭିନ୍ନ ଦିଗ ଯଥା ଲେଖା ଶୈଳୀ ଓ ସାକ୍ଷାତକାର ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥାନ୍ତି ଥାଆନ୍ତି ।

ଗୋଟିଏ ବଢ଼ିଆ ଫଟୋଚିତ୍ରର ତିନୋଟି ମୁଖ୍ୟ ଉପାଦାନଗୁଡ଼ିକ ହେଲା ଲାଇଟିଂ ବା ଆଲୋକ, କମ୍ପୋଜିସନ୍ ବା ସଂରଚନା ଏବଂ ମୁମେଣ୍ଟ ବା ମୁହୂର୍ତ୍ତ । ଆବଶ୍ୟକ ସମୟରେ ଫ୍ଲାସ୍‌ର ଉପଯୋଗ ବିଷୟରେ ଜାଣିବା ଏବଂ ପ୍ରାକୃତିକ ଆଲୋକକୁ ଭଲଭାବେ ବ୍ୟବହାର କରି କିପରି ନାଟକୀୟ ପ୍ରଭାବ ସୃଷ୍ଟି କରାଯାଇ ପାରିବ, ସେ କୌଶଳ ଫଟୋଗ୍ରାଫରଟିଏ ଜାଣିବା ଦରକାର । ଜଣେ ଫଟୋଗ୍ରାଫରର ଫଟୋ ସଂରଚନାର ମୌଳିକ ନିୟମ ଯେପରିକି ରୁଲ୍ ଅଫ୍ ଥାର୍ଡ, ଲିଡିଙ୍ଗ୍ ଲାଇନ୍ସ ଏବଂ ଆକାରର ପୁନରାବୃତ୍ତି ସମ୍ପର୍କରେ ଜାଣି ରଖିବା ଉଚିତ୍ । ଏହା ତାକୁ ଜଣେ ଭଲ ଫଟୋଗ୍ରାଫର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବ । ତେବେ ସଠିକ୍ ମୁହୂର୍ତ୍ତରେ ଫଟୋ ଉଠାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ନିର୍ଦ୍ଧିଷ୍ଟ ସେକେଣ୍ଡର ଗୋଟିଏ ନିର୍ଦ୍ଧିଷ୍ଟ ଅଂଶରେ ଫଟୋଟି ଉଠାଇଲେ ଦୃଶ୍ୟରେ ଥିବା ସବୁ ଉପାଦାନ ଗୁଡିକ ସୁନ୍ଦର ଭାବେ ଦେଖାଯାଇ ଥାଏ । ଏହି ନିର୍ଦ୍ଧିଷ୍ଟ ସମୟଟିକୁହିଁ ମୁମେଣ୍ଟ ବା ମୁହୂର୍ତ୍ତ କୁହାଯାଏ ।

ଜଣେ ଆଧୁନିକ ଫଟୋସାମ୍ବାଦିକ ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର କରି ଫଟୋଟିର ସୌନ୍ଦର୍ଯ୍ୟ ବୃଦ୍ଧି କିପରି କରାଯାଇ ପାରିବ ଓ ଏହାକୁ କିପରି ଠିକ୍ ଭାବେ ଗଣମାଧ୍ୟମ ସଂସ୍ଥା ପାଖକୁ ପଠାଯାଇ

ପାରିବ ସମ୍ପର୍କରେ ଜାଣିବା ଦରକାର । ଏହାସହ ବର୍ତ୍ତମାନ ସମୟରେ ବିଶେଷ ଗୁରୁତ୍ୱ ରଖୁଥିବା ଅନଲାଇନ୍ ଯୋଗାଯୋଗର ମାଧମ ଯେପରିକି ବ୍ଲଗିଂ, ସାମାଜିକ ଗଣମାଧ୍ୟମ ସହ ଭଲଭାବେ ଜଡିତ ଥିବା ଆବଶ୍ୟକ । ତେବେ ନିଜ ଫଟୋଟିର ସଠିକ୍ ବ୍ୟବହାର କରିବା ଆବଶ୍ୟକ । ବର୍ତ୍ତମାନ ଡିଜିଟାଲ ମିଡିଆରେ ଅଧିକରୁ ଅଧିକ ଭିଡିଓ ପ୍ରଦର୍ଶିତ ହେଉଛି । ଏହା ଏକ ପ୍ରକାର ଟ୍ରେଣ୍ଡ୍‌ରେ ପରିଣତ ହୋଇଛି । ଆବଶ୍ୟକ ସ୍ଥଳେ ଭିଡିଓ ଉତ୍ତୋଳନ କିପରି କରାଯାଇ ପାରିବ, ସେଥିପାଇଁ ଫଟୋସାମ୍ବାଦିକମାନେ ଆଜିକାଲି ଆବଶ୍ୟକୀୟ ଉପକରଣ ସାଥିରେ ରଖୁଛନ୍ତି । ଯେହେତୁ ଭିଡିଓର ବ୍ୟବହାରକୁ ଏତେ ଗୁରୁତ୍ୱ ଦିଆଯାଉଛି, ତେଣୁ ଭିଡିଓ ଏଡିଟିଂ ସଫ୍ଟୱେର ବାବଦରେ ସାଧାରଣ ଜ୍ଞାନ ରହିବା ଦରକାର ।

ଫଟୋ ସାମ୍ବାଦିକତା ଏବଂ ଫଟୋଗ୍ରାଫି ମଧ୍ୟରେ ଗୋଟିଏ ବଡ ଫରକ ରହିଛି । ତାହା ହେଉଛି ବିଶ୍ୱାସ । ଦର୍ଶକମାନେ ବିଶ୍ୱାସ କରିବା ଦରକାର ଯେ, ସେମାନେ ଯାହା ଦେଖୁଛନ୍ତି ତାହା କୌଣସି ଘଟଣାର ବାସ୍ତବ ଚିତ୍ର । ଏହା ମୁଖ୍ୟତଃ ଦୁଇଟି ବିଷୟ ଉପରେ ନିର୍ଭର କରେ । ହସ୍ତକ୍ଷେପ ଏବଂ ହେରାଫେରୀ । ଫଟୋ ସାମ୍ବାଦିକଟିଏ କୌଣସି ଘଟଣା ବା ପରିସ୍ଥିତିରେ ହସ୍ତକ୍ଷେପ କରିବା ଆଦୌ ଉଚିତ୍ ନୁହେଁ । ଯେତେପର୍ଯ୍ୟନ୍ତ ସଂପୃକ୍ତ ସ୍ଥିତିରେ ଏକ ଚିତ୍ରର ଆବଶ୍ୟକତା ପଡୁନାହିଁ, ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କିଛି ବି ନିର୍ଦ୍ଦେଶ ଦେବା ଅନୁଚିତ୍ । ଯଦି ବ୍ୟକ୍ତି ବିଶେଷଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଭଙ୍ଗୀରେ ଠିଆହୋଇ ବା ପୋଜ୍ ଦେଇ ଫଟୋ ଉଠାଇବାକୁ କହୁଛନ୍ତି, ତେବେ ଫଟୋ ସହିତ ଲେଖାହେଉଥିବା କ୍ୟାପସନ୍ ବା ଶୀର୍ଷକରେ "ପୋଜ୍ ଦେଲେ ଶ୍ରୀ କଖଗ" ଲେଖାଯାଇପାରିବ ।

କିଛି ଲୋକ ଯୁକ୍ତି ବାଢନ୍ତି ଯେ ଫଟୋଗ୍ରାଫର ଜଣକ ଗୋଟିଏ ସ୍ଥାନରେ ପହଁଚିବା କ୍ଷଣି ପରିସ୍ଥିତି ଆପେ ବଦଳି ଯାଏ । କାରଣ ଫଟୋଗ୍ରାଫରକୁ ଦେଖି ଉପସ୍ଥିତ ଲୋକମାନେ ସ୍ୱାଭାବିକ ବ୍ୟବହାର କରନ୍ତି ନାହିଁ । କେତେକ ସ୍ଥଳେ ଏହା ସତ ହୋଇଥିଲେ ମଧ ଫଟୋଗ୍ରାଫର ଜଣକ ଧୈର୍ଯ୍ୟର ସହ ସତର୍କ ଭାବେ କାମ କଲେ ଏହାର ପ୍ରଭାବ ହ୍ରାସ କରାଯାଇପାରେ । ଏଥିପାଇଁ ଯଥେଷ୍ଟ ଅଭ୍ୟାସ ଦରକାର ।

ଫଟୋଗୁଡିକ ସହ କୌଣସି ପ୍ରକାର କାରସାଦି କରିବା ଫଟୋସାମ୍ବାଦିକତା କ୍ଷେତ୍ରରେ ଗୁରୁତର ଭୁଲ ବୋଲି ଧରାଯାଏ । ଅନେକ ସ୍ଥାନରେ ଏହା ନିଷିଦ୍ଧ ମଧ । ମୁଖ୍ୟତଃ ପୋଷ୍ଟ୍-ପ୍ରଡକ୍ସନ୍ ସମୟରେ ଏପରି କରାଯାଇପାରେ । ତେବେ କୌଣସି ଚିତ୍ରର ଆକୃତିରେ ପରିବର୍ତ୍ତନ କରିବା ଆଦୌ ଠିକ୍ ନୁହେଁ । ତେବେ ପୋଷ୍ଟ୍-ପଡକ୍ସନ୍ ସମୟରେ ରଙ୍ଗ ଜନିତ ଅସୁବିଧାକୁ ଦୂର କରାଯାଇପାରେ । ଏକ୍ସପୋଜର ଏବଂ ଅକ୍ଷାଂଶ ଗତ ଅସୁବିଧା ଏବଂ ତିକ୍ଷ୍ଣତା ବା ସାର୍ପନେସ୍ ଜନିତ ଅସୁବିଧାକୁ ଦୂର କରିବାରେ ମଧ କୌଣସି ଅସୁବିଧା ନାହିଁ । ମନୁଷ୍ୟର ଆଖି ଗୋଟିଏ ଦୃଶ୍ୟକୁ ତର୍ଜମା କରି ବୁଝିବା ମାମଲାରେ କ୍ୟାମେରାଠାରୁ ବେଶ୍ ଭଲ । ତେଣୁ କ୍ୟାମେରାର ଏହି ଦୁର୍ବଳତାକୁ ଲୁଚାଇବାପାଇଁ ପୋଷ୍ଟ୍ ପ୍ରଡକ୍ସନ୍‌ର ସାହାଯ୍ୟ ନିଆଯାଏ ।

ଫଟୋଟିକୁ କୌଣସି ଦିଗରୁ ଟିକେ ଛୋଟ କରିଦେଲେ ଅସୁବିଧା ନାହିଁ । କିନ୍ତୁ ଚେହେରାରେ ଥିବା ଚିହ୍ନ, ଆଖିତଳେ ଥିବା କଳାଦାଗ ଓ ପୋଷାକରେ ଲାଗିଥିବା ଦାଗ ପ୍ରଭୃତିକୁ ପୋଷ୍ଟ୍ ପ୍ରଡକ୍ସନ୍ ଜରିଆରେ ବଦଳେଇବା ଅନୁଚିତ୍ । ସେହିପରି ଅତ୍ୟଧିକ ଫିଲ୍ଟର ବ୍ୟବହାର କରି ନାଟକୀୟ ପ୍ରଭାବ ସୃଷ୍ଟି କରିବା ମଧ ନିୟମ ବିରୁଦ୍ଧ ।

## ୪.୩.୧ ନିଉଜ୍ ଫଟୋଗ୍ରାଫି ପାଇଁ ଉପକରଣ

ଫଟୋଗ୍ରାଫିଲାଇଫ୍.କମ ଅନୁସାରେ ଫଟୋଗ୍ରାଫି ପାଇଁ ଆବଶ୍ୟକ ହେଉଥିବା ଉପକରଣ ଗୁଡିକର ଏକ ତାଲିକା ନିମ୍ନରେ ଦିଆଗଲା ।

### ୧. କ୍ୟାମେରା

ଫଟୋଗ୍ରାଫିର କେନ୍ଦ୍ର ବା ପ୍ରଧାନ ଅଙ୍ଗ ହେଉଛି କ୍ୟାମେରା ଓ ଏହାର ସେନ୍ସର । ବର୍ତ୍ତମାନ ସମୟରେ ଫଟୋଗ୍ରାଫି ଜଗତରେ ଦୁଇପ୍ରକାରର କ୍ୟାମେରାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସେଗୁଡିକ ହେଲା ଦର୍ପଣ ବିହୀନ କ୍ୟାମେରା ଏବଂ ଡିଏସ୍ଏଲ୍ଆର କ୍ୟାମେରା । ପ୍ରତ୍ୟେକର ନିର୍ଦ୍ଧିଷ୍ଟ ବିଶେଷତ୍ୱ ରହିଛି । ତେବେ ଫଟୋଗ୍ରାଫି ଆରମ୍ଭ କରୁଥିବା ଜଣେ ନୂଆ ଫଟୋଗ୍ରାଫର ନିଜର ସୀମିତ ଅର୍ଥରେ ଡିଏସ୍ଏଲ୍ଆରଟିଏ କିଣିବାକୁ ପସନ୍ଦ କରିଥାଏ । ପ୍ରବେଶ ସ୍ତରର ମଡେଲ ସହ, ଦର୍ପଣବିହୀନ କ୍ୟାମେରାର ମୂଲ୍ୟ ଡିଏସ୍ଏଲ୍ଆର ସହ ପ୍ରାୟତଃ ସମାନ । ଏହା ବେଳେବେଳେ ଏହାର ମୂଲ୍ୟ ଡିଏସ୍ଏଲ୍ଆର ଠାରୁ କମ୍ ମଧ ହୋଇଥାଏ । ସେ ଯାହା ହେଉ, ତୁମେ ପୁରୁଣା, ଉଚ୍ଚ ଗୁଣବ□ା ସମ୍ପନ୍ନ ଡିଏସ୍ଏଲ୍ଆର ଉପକରଣ କମ ମୂଲ୍ୟରେ ମଧ୍ୟ କିଣି ପାରିବ । ଦପର୍ଣବିହୀନ କ୍ୟାମେରା ବର୍ତ୍ତମାନ ଏହି ଦିଗପ୍ରତି ବିଶେଷ ଯତ୍ନବାନ ହେବା ସହ କମ୍ ଦାମରେ କ୍ୟାମେରା ଉତ୍ପାଦନ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଜଣେ ନୂଆ ଫଟୋଗ୍ରାଫର ପାଇଁ ଡିଏସ୍ଏଲ୍ଆର ଏବେ ବି ପ୍ରଥମ ପସନ୍ଦ ବୋଲି ଧରାଯାଏ ।

### ୨. ଲେନସ୍

କ୍ୟାମେରା ସେନ୍ସରଟିଏ ନିଜ ଆଡକୁ ଆସୁଥିବା ଆଲୋକକୁ ରେକର୍ଡ କରେ । ଗୋଟିଏ କ୍ୟାମେରାର ଏହା ମୁଖ୍ୟ କାର୍ଯ୍ୟ । ତେବେ ଲେନ୍ସର କାର୍ଯ୍ୟ ଏହାଠାରୁ ମଧ ବେଶୀ ଗୁରୁତ୍ୱପୂର୍ଣ୍ଣ । ଲେନ୍ସ ଜରିଆରେହିଁ ଆଲୋକ ରଶ୍ମୀ ସେନ୍ସର ପର୍ଯ୍ୟନ୍ତ ପହଞ୍ଚେ । କ୍ୟାମେରାରେ ଖଚିତ ଥିବା ଲେନ୍ସଟି ଫଟୋଗ୍ରାପର ଜଣଙ୍କୁ ମାଗଣାରେ ମିଳେ । ତେବେ ଉଚ୍ଚମାନର ପଟୋଗ୍ରାଫି ପାଇଁ ମହଙ୍ଗା ଲେନ୍ସର ଆବଶ୍ୟକତା ପଡିପାରେ । କେତେକ ଲେନ୍ସର ଦାମ୍ ଲକ୍ଷାଧିକ ଟଙ୍କା ମଧ ହୋଇଥାଏ । ତେବେ ଆବଶ୍ୟକତା ଓ ବଜେଟ୍କୁ ଆଖି ଆଗରେ ରଖି ଲେନ୍ସ କିଣିବା ଦରକାର । ନୂଆ ଫଟୋଗ୍ରାଫର ମାନେ ଉଚ୍ଚମାନର ଫଟୋଗ୍ରାଫି ପାଇଁ ପ୍ରାଇମ୍ ଲେନ୍ସ (ଏଥିରେ ଜୁମ୍ କରାଯାଇ ପାରେନାହିଁ ) କିମ୍ବା ଥାର୍ଡ ପାର୍ଟି ଲେନ୍ସ ବ୍ୟବହାର କରି ପାରନ୍ତି ।

### ୩. ଟ୍ରାଇପଡ

ଗୋଟିଏ ଟ୍ରାଇପଡ୍ର ବାସ୍ତବରେ କେତେ ଜରୁରୀ ଉପକରଣ, ତାକୁ ଦେଖିଲେ ଜଣାପଡେ ନାହିଁ । ଏହି ଯନ୍ତଟିକୁ ପ୍ରାୟତଃ ଅଣଦେଖା କରାଯିବା ସହ ଏହାକୁ କମ ଗୁରୁତ୍ୱ ଦିଆଯାଇଥାଏ । ଏଥିରେ ମାତ୍ର ତିନିଟି ଆଲୁମିନିୟମ ଛଡି ଯୋଡିହୋଇ ଲାଗିରହିଥାଏ ସାଧାରଣ ଭେବେ ଦେଖିଲେ ଏହା ଅନ୍ୟ କୌଣସି ତିନିଟି ଛଡିର ଯୋଡି ତୁଳନାରେ ଅଧିକ ଜଟିଳ ଲାଗେନାହିଁ ।

ଦୁର୍ଭାଗ୍ୟବଶତଃ ଏହି ତର୍କକୁ ଗ୍ରହଣ କରି ଅନେକ ଫଟୋଗ୍ରାଫର ଶସ୍ତା ଟ୍ରାଇପଡ୍ କିଣିବାକୁ ପସନ୍ଦ କରୁଛନ୍ତି । କେବଳ ଏତିକି ନୁହେଁ, ଅଧିକାଂଶ ସମୟରେ ଏହି ଫଟୋଗ୍ରାଫରମାନେ ନିଜ ଟ୍ରାଏପଡକୁ ଘରେ ଛାଡି ଯିବାକୁ ବାଧ ହୁଅନ୍ତି କାରଣ ଶସ୍ତା ଟ୍ରାଏପଡ ଗୁଡିକ ସବୁ ସମୟରେ କାମରେ ଲାଗେ ନାହିଁ । ଏହାଛଡା ଏଗୁଡିକୁ ବ୍ୟବହାର ମଧ କରିବା କଷ୍ଟ ହୋଇଥାଏ ।

ସମୟ ଆସିଲେ ତୁମେମାନେ ବୁଝିପାରିବ, ଫଟୋଗ୍ରାଫି ପାଇଁ ଟ୍ରାଇପଡ୍ଟି କାହିଁକି ଏତେ ଜରୁରୀ । ତେବେ ଉଚ୍ଚମାନର ଫଟୋଗ୍ରାଫିପାଇଁ ଆବଶ୍ୟକ ସ୍ଥଳେ ଭଲ ଟ୍ରାଏପଡ ମଧ ଦରକାର ହୁଏ । ତେଣୁ ନୂଆ ଫଟୋଗ୍ରାଫର ମାନେ ମଧ ମଜବୁତ ଟ୍ରାଏପଡ ରଖିବା ଜରୁରୀ ।

### ୪. ସଫ୍ଟୱେର

ଫଟୋଗ୍ରାଫିରେ ଚିତ୍ରଗୁଡିକୁ ପ୍ରୋସେସିଂ ବା ପ୍ରକ୍ରିୟାକରଣ କରୁଥିବା ସଫ୍ଟୱେରର ବେଶ୍ ଗୁରୁତ୍ୱ ରହିଛି । କ୍ୟାପ୍‌ଚର ୱାନ ପ୍ରୋ ଓ ଆଡୋବ୍ ଲାଇଟ୍‌ରୁମ ଏଭଳି ଦୁଇଟି ସଫ୍ଟୱେର ।  ଉଭୟ ସଫ୍ଟୱେର ପ୍ରାୟ ଏକାଭଳି କାମ କରନ୍ତି । ଫଟୋଗୁଡିକୁ ସଜାଇ ରଖିବା ଓ ଏଡିଟ୍ କରିବାପାଇଁ ଏଗୁଡିକୁ ବ୍ୟବହାର କରାଯାଏ । ଲାଇଟ୍‌ରୁମର ମୂଲ୍ୟ କ୍ୟାପ୍‌ଚର ୱାନ ପ୍ରୋ ଠାରୁ ଯଥେଷ୍ଟ କମ୍ । ତେବେ କ୍ୟାପ୍‌ଚର ୱାନ ପ୍ରୋ ଅଧିକ ଭଲ ସଫ୍ଟୱେର ବୋଲି କିଛିଲୋକ ଯୁକ୍ତି ବାଢନ୍ତି ।

### ୫. ମନିଟର

କମ୍ପ୍ୟୁଟରରେ ବ୍ୟବହାର ହେଉଥିବା ମନିଟର ବିଷୟରେ ତ ତୁମେ ଜାଣିଥିବ । ଆମମାନଙ୍କ ଘରେ ବ୍ୟବହାର ହେଉଥିବା ମନିଟର ଗୁଡିକମଧ୍ୟରୁ ଅଧିକାଂଶରେ ଭଲଭାବେ ଫଟୋ ଏଡିଟିଂ ହୋଇପାରିବ ନାହିଁ । ଉଚ୍ଚମାନର କ୍ୟାମେରାରେ କ୍ୟାପ୍‌ଚର ହୋଇଥିବା ରଙ୍ଗ ଓ ମନିଟରରେ ଦିଶୁଥିବା ରଙ୍ଗ ଅଲଗା ହୋଇପାରେ । ତେଣୁ ଉନ୍ନତମାନର ନୂଆ ମଡେଲର ମନିଟର ବ୍ୟବହାର କରିବା ଉଚିତ୍ ।

### ୬. ଆଲୋକର ବ୍ୟବହାର

ପେଶାଦାର ଫଟୋଗ୍ରାଫି ହେଉ କି ଫଟୋସାମ୍ବାଦିକତା, ସବୁଠି ସମୟ ସମୟରେ ଫ୍ଲାସ୍ ଲାଇଟର ବ୍ୟବହାର କରାଯାଏ । ଫ୍ଲାସ୍ ଲାଇଟ୍ ବ୍ୟତିତ ଆବଶ୍ୟକ ସ୍ଥଳେ ଆଲୋକକୁ ରୂପାନ୍ତର ବା ମଡିଫିକେସନ୍ କରିବା ପାଇଁ ଲାଇଟ୍ ମଡିଫାୟର (ଯେପରିକି ପ୍ରତିଫଳକ ବା ରିଫ୍ଲେକ୍ଟର) ବ୍ୟବହାର କରାଯାଇଥାଏ । ତେବେ ଯେପର୍ଯ୍ୟନ୍ତ ନିହାତି ଆବଶ୍ୟକ ପଡିନାହିଁ ମହଙ୍ଗା ଓ ଜଟିଳ ଲାଇଟିଂ ସେଟ୍ ଅପ୍ କିଣିବାର ଆବଶ୍ୟକତା ନାହିଁ । ନୂଆ ଫଟୋଗ୍ରାଫର ମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଫଟୋଗ୍ରାଫିର ମୌଳିକ କୌଶଳ ଗୁଡିକ ଉପରେ ଧ୍ୟାନ ଦେବା ଜରୁରୀ ।

### ୭. ଫିଲ୍ଟର

ପ୍ରତ୍ୟେକ ଫଟୋଗ୍ରାଫରର ଟୁଲ୍ ବକ୍ସରେ ଫିଲ୍ଟର ହେଉଛି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉପକରଣ । ଡିଜିଟାଲ କ୍ୟାମେରାର ଯୁଗରେ ଅଧିକାଂଶ ଫିଲ୍ଟର ଅପ୍ରାସଙ୍ଗିକ ହୋଇପଡିଲେଣି । ପୁରୁଣା ସମୟରେ ରଙ୍ଗ ସଂଶୋଧନ ବା କଲର କରେକ୍ସନ ପିଲ୍ଟରର କାମ ଆଜିକାଲି ଆଡୋବ୍ ଲାଇଟରୁମ ଭଳି ସଫ୍ଟୱେର ଦ୍ୱାରା କରାଯାଇପାରୁଛି । ତେବେ କେତେକ ନିର୍ଦ୍ଧିଷ୍ଟ ପ୍ରକାର ଫିଲ୍ଟର ଏବେ ମଧ୍ୟ ଦରକାର ପଡେ । ତେବେ ଯେଉଁ ଫିଲ୍ଟରଟି ସବୁଠାରୁ ଅଧିକ ଦରକାର ପଡେ ତାହା ହେଉଛି ପୋଲାରାଇଜର । ଏହି ଉପକରଣଟିକୁ କ୍ୟାମେରାରେ ଲଗାଇଲେ ସୂର୍ଯ୍ୟକିରଣ ଓ ଅନ୍ୟ ଆଲୋକ ରଶ୍ମିର ତୀକ୍ଷ୍ଣତା ଦ୍ୱାରା ଫଟୋଟି ଖରାପ ହୁଏ ନାହିଁ । ଏହାଦ୍ୱାରା ଦୃଶ୍ୟଟି ସମାନ ଭାବେ ଆଲୋକସିକ୍ତ ଓ ସ୍ୱଷ୍ଟ ହୋଇଥାଏ ।

## ୪.୩.୨ ନ୍ୟୁଜ୍ ଫଟୋଗ୍ରାଫି ପାଇଁ ପରାମର୍ଶ

ୟୁ.କେ.ର ପ୍ରସିଦ୍ଧ ଟାଇମ୍ସ ନ୍ୟୁଜ୍‌ର ଫଟୋଗ୍ରାଫର  ବେନ ଗର୍ ଫଟୋସାମ୍ବାଦିକଙ୍କ ଉଦ୍ଦେଶ୍ୟରେ କେତେଗୁଡିଏ ପରାମର୍ଶ ଦେଇଛନ୍ତି ।

୧. ଫଟୋଗ୍ରାଫରମାନେ ସେମାନଙ୍କ ଉପକରଣ ସହ ସୁପରିଚିତ ହେବା ଆବଶ୍ୟକ । ତୁମକୁ ଜିନିଷଗୁଡିକର ବୈଷୟିକ ଦିଗକୁ ନେଇ ଆଦୌ ଚିନ୍ତିତ ହେବା କଥା ନୁହେଁ । ଯେତେ ପାରୁଛ ଫଟୋଚିତ୍ର ସଂଗ୍ରହ କର । ଏହାଦ୍ୱାରା ତୁମ ଚିନ୍ତାଧାରାରେ ଫଟୋଚିତ୍ର ପ୍ରତି ଆସକ୍ତି ଆସିବା ସହ ଭଲ ଫଟୋ ଉଠାଇବାର ଚିନ୍ତାଶକ୍ତିରେ ବୃଦ୍ଧି ଘଟିବ ।

୨. ବାଳସୁଲଭ କୌତୁହଳର ସହ ତୁମ ବିଷୟବସ୍ତୁଟିକୁ ଅନୁଧ୍ୟାନ କର ଓ ପୃଷ୍ଠଭୂମି ପ୍ରତି ସଚେତନ ରୁହ ।

୩. ପ୍ରାକୃତିକ ଆଲୋକର ବ୍ୟବହାର କରି ଫଟୋ ଉଠାଇବାକୁ ଚେଷ୍ଟା କର ଏବଂ ଦୃଶ୍ୟଟି ଖାଲିଆଖିରେ ଯେପରି ଦେଖାଯାଉଛି ତାକୁ ସେଭଳି ରଖିବାକୁ ଚେଷ୍ଟା କର ।

୪. ବିଷୟବସ୍ତୁକୁ ପ୍ରଭାବିତ କିମ୍ବା ନକଲ କରିବାକୁ ଚେଷ୍ଟାକର ନାହିଁ । ଏପରି ବ୍ୟବହାର କର ଯେମିତି ତୁମେ ସେଠାରେ ଉପସ୍ଥିତ ନାହଁ । ଏହାଦ୍ୱାରା ଫଟୋଗ୍ରାଫ୍ ଅଧିକ ସତଭଳି ଲାଗିବ ।

୫. କ୍ୟାମେରାଟିଏ ଏକ ସାଧାରଣ ଯନ୍ତ୍ର । ଆଧୁନିକ ଉପକରଣଗୁଡିକ ଦ୍ୱାରା ବିମୋହିତ ହୋଇଯାଅନାହିଁ ।

୬. ବର୍ତ୍ତମାନ କ୍ୟାମେରା ଟେକ୍ନୋଲୋଜିର ପ୍ରମୁଖ୍ୟ ଉପଯୋଗିତା ହେଉଛି ଏଥିରେ ତ୍ରୁଟିର ମାତ୍ରା ନଗନ୍ୟ ଅଟେ । ତଥାପି ଆମେ ଯଦି କିଛି ଭୁଲ୍ କରୁଛେ, ତାହେଲେ ସେଇ ଭୁଲରୁ ଶିକ୍ଷାଲାଭ କରି ଏହା ଯେପେରି ପୁଣିଥରେ ନହୁଏ ସେଥିପ୍ରତି ଦୃଷ୍ଟିଦେବା ।

୭. କମ୍ପ୍ୟୁଟର ସଫ୍ଟୱେର ଦ୍ୱାରା ଯେ ଚିତ୍ରର ସ୍ୱରୂପ ତଥା ମାନରେ କିଛି ଅସାମାନ୍ୟ ବୃଦ୍ଧି ଘଟିବ, ସେ ଧାରଣା ଭୁଲ ।

୮. ସାଧାରଣତଃ ଫଟୋଟି ସମ୍ପର୍କରେ ବୁଝାଇବା ପାଇଁ କ୍ୟାପ୍ସନ୍ ବା ଶୀର୍ଷକର ଆବଶ୍ୟକତା ପଡିଥାଏ । ଯାହା ଶତପ୍ରତିଶତ ସଠିକ୍ ହେବା ଆବଶ୍ୟକ ଏବଂ ସବୁବେଳେ ବନାନ୍ ଓ ନାମଗୁଡିକ ଠିକ୍ ଅଛି କି ନାହିଁ ତାହାର ନିରୀକ୍ଷଣ ଆବଶ୍ୟକ ।

୯. ଲୋକମାନଙ୍କ ସହ ସମ୍ପର୍କ ଯୋଡ଼ । କାରଣ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥାଏ ।

୧୦. ତୁମ ପୁରସ୍କାର ପ୍ରାପ୍ତ ଫଟୋବି ଯଦି ନିର୍ଦ୍ଧାରିତ ସମୟରେ ପ୍ରଦର୍ଶିତ ହୋଇପାରିନାହିଁ, ତେବେ ମୂଲ୍ୟହୀନ ହୋଇପଡେ । ଯେକୌଣସି ପରିସ୍ଥିତିରେ ତୁମ ଫଟୋଗୁଡିକୁ ଠିକଣା ସ୍ଥାନକୁ କିପରି ପଠାଇ ହେବ, ତାହା ଶିଖିବାକୁ ଚେଷ୍ଟା କର ।

କାମ ସମୟରେ ଯେପରି କିଛି ଅସୁବିଧା ନହୁଏ, ସେଥିପାଇଁ କ୍ୟାମେରାର ବ୍ୟାଟେରୀରେ ଚାର୍ଜ ଅଛିକି ନାହିଁ ତାହା ଦେଖିନିଅ । ଗାଡି ପାର୍କିଂ ଟିକଟ ପାଇଁ କିଛି ଖୁଚୁରା ଟଙ୍କା ସବୁବେଳେ ପାଖରେ ରଖିଥାଅ । ସବୁବେଳେ ନିଜ ଗାଡିରେ ପର୍ଯ୍ୟାପ୍ତ ପରିମାଣରେ ଇନ୍ଧନ ରଖ ।

### ୪.୩.୩ ନ୍ୟୁଜ୍ ଫଟୋଗ୍ରାଫି ବନାମ ନ୍ୟୁଜ୍ ଷ୍ଟୋରି

ଗୋଟିଏ ନ୍ୟୁଜ୍ ଷ୍ଟୋରି କୌଣସି ଘଟଣାକୁ ଯେତେ ସମ୍ଭବ ନିରପେକ୍ଷ ଭାବରେ ପ୍ରକାଶ କରିଥାଏ । ଖବରକାଗଜର ଲେଖକ ତଥା ସମ୍ପାଦକମାନେ ଯେଉଁ ତଥ୍ୟଟିକୁ ସଠିକ୍ ବୋଲି ବିଶ୍ୱାସ କରନ୍ତି ତାହାକୁ ନ୍ୟୁଜ୍ ଷ୍ଟୋରି ମାଧମରେ ସାଧାରଣ ପାଠକଙ୍କ ପାଇଁ ପ୍ରକାଶ ପାଇଥାଏ । ତେଣୁ ଏପରି ପରିସ୍ଥିତିରେ ନ୍ୟୁଜ୍ ଷ୍ଟୋରି ଖବରକାଗଜର ସତ୍ୟତା ତଥା ବିଶ୍ୱାସ ଯୋଗ୍ୟତାକୁ ବଜାୟ ରଖିବା ଉଚିତ୍ । ସମାନ କଥା ନ୍ୟୁଜ୍ ଫଟୋଗ୍ରାଫି କ୍ଷେତ୍ରରେ ମଧ ଘଟିଥାଏ । ଜଣେ ଖବରଦାତା ଯେଉଁ କାମ କରନ୍ତି ଫଟୋସାମ୍ବାଦିକ ମଧ ଠିକ୍ ସେହି କାମ କରିଥାନ୍ତି । ତଫାତ୍ କେବଳ ଏତିକି ଯେ ଫଟୋ ସାମ୍ବାଦିକଟିଏ ଖାତା ବଦଳରେ କ୍ୟାମେରାର ବ୍ୟବହାର କରିଥାଏ ।

ଫଟୋସାମ୍ବାଦିକଟିଏ ବାହାରକୁ ଯାଏ ଏବଂ ଅନ୍ୟମାନଙ୍କ ପାଇଁ ଜୀବନକୁ ଅନୁଭବ କରେ । ଫଟୋ ଉତ୍ତୋଳନ ସମୟରେ ଯାହାକିଛି ଘଟିଯାଉଛି, କେବଳ ସେହି ଦୃଶ୍ୟକୁ ବାନ୍ଧି ରଖିବା ଦରକାର । ଘଟୁଥିବା ଘଟଣାରେ ହସ୍ତକ୍ଷେପ କରି ବା ଏହାକୁ ପୁଣି ଥରେ ଘଟାଇ ଫଟୋ ଉଠାଇବାକୁ ଚେଷ୍ଟା କରିବା

ଅନୁଚିତ୍ । କଣ ଘଟିଛି ଏବଂ କେତେବେଳେ ଘଟିଛି ଏଥିପାଇଁ ନ୍ୟୁଜ୍ ଫଟୋ କେବଳ ତାହା ହିଁ ଜଣାଇବା ଉଚିତ୍ ।

ସାଧାରଣତଃ ଜଣେ ଖବରଦାତା ଏବଂ ଫଟୋଗ୍ରାଫର ଖବର ସଂଗ୍ରହ କଲାବେଳେ ଏକ ଟିମ୍ ଭେବେ କାମ କରନ୍ତି । ବେଳେବେଳେ ଫଟୋସାମ୍ବାଦିକ ଜଣକ ନିଜର ସ୍ୱତନ୍ତ୍ର ଖବର ବା ଷ୍ଟୋରି ସଂଗ୍ରହ କରିବାକୁ ଚେଷ୍ଟା କରନ୍ତି । ଗୋଟିଏ କାହାଣୀ କହିବା ପାଇଁ ଫଟୋସାମ୍ବାଦିକ କେତେଗୁଡିଏ ଫଟୋର ବ୍ୟବହାର କରିଥାନ୍ତି । ଏହାକୁ ଫଟୋଷ୍ଟୋରି ବା ଛବି ଗପ କୁହାଯାଏ । କେତେକ ଫଟୋ ରଚନା କାହାଣୀ ଟିଏ କହିବାକୁ ମୁଖ୍ୟତଃ ଛବି ସହ ଶୀର୍ଷକରେ ଥିବା ଶବ୍ଦ ଉପରେ ନିର୍ଭର କରିଥାନ୍ତି । ଏହି ଶୀର୍ଷକରେ ଚିତ୍ରରେ କଣ ଘଟୁଛି ତାହା ବର୍ଣ୍ଣନା ହୋଇଥାଏ । ଅନ୍ୟ ଫଟୋ ରଚନାଗୁଡିକ ସହ ଖବରଦାତାଙ୍କ ଦ୍ୱାରା ଲେଖାଯାଇଥିବା ରିପୋର୍ଟ ସ୍ଥାନ ପାଇଥାଏ ।

### ୪.୩.୪ ନିଉଜ ଫଟୋଗ୍ରାଫିରେ ଆହ୍ୱାନ

କାର୍ଯକ୍ଷେତ୍ରରେ ଫଟୋଗ୍ରାଫର ମାନଙ୍କ ସାମ୍ନାରେ ଥିବା କେତେକ ଆହ୍ୱାନ ହେଲା:

- ଫଟୋଚୋରି ଏବଂ ରଚନାସତ୍ୱ ଜନିତ ସମସ୍ୟା
- ସ୍ମାର୍ଟଫୋନ ଏବଂ ସାମାଜିକ ଗଣମାଧ୍ୟମର ଅହେତୁକ ବୃଦ୍ଧି ବର୍ତ୍ତମାନ ସମୟରେ ଫଟୋ ସାମ୍ବାଦିକଙ୍କ ସାମ୍ନାରେ ଏକ ପ୍ରମୁଖ ସମସ୍ୟା
- ଯୁଦ୍ଧ ଓ ବିବାଦୀୟ କ୍ଷେତ୍ରରେ କାମ କରୁଥିବା ଫଟୋସାମ୍ବାଦିକ ମାନଙ୍କ ଜୀବନ ପ୍ରତି ଅନେକ ସମୟରେ ବିପଦ ରହିଥାଏ
- ଭାରତ ପରି ବିକାଶଶୀଳ ଦେଶମାନଙ୍କରେ ଫଟୋ ସାମ୍ବାଦିକଙ୍କୁ ସ୍ୱଳ୍ପ ବେତନ ମିଳିଥାଏ

## ୪.୪ ଆସ ପ୍ରଗତି ମାପିବା

୧. ନିକଟରେ ନିଜ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଏକ ଉତ୍ସବ ସମ୍ପର୍କରେ ଫଟୋଷ୍ଟୋରି ପ୍ରସ୍ତୁତ କର ।

## ସଂକ୍ଷିପ୍ତ ବିବରଣୀ

- ସମ୍ପ୍ରତି ଡିଜିଟାଲ ମିଡିଆ ଯୁଗରେ ପାରମ୍ପରିକ ସାମ୍ବାଦିକତା ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଇ ଗତି କରୁଛି । ବର୍ତ୍ତମାନ ସମୟରେ ବହୁ ସୁପ୍ରଶିକ୍ଷିତ ସାମ୍ବାଦିକଙ୍କ ଆବିର୍ଭାବ ଘଟିଛି । ଏହାଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଏକ କଡା ପ୍ରତିଦ୍ୱନ୍ଦିତା ସୃଷ୍ଟି ହୋଇଛି । ତେବେ ଏହା ସତ୍ୱେ ପ୍ରତିଭାଶାଳୀ ଏବଂ ଉତ୍ସର୍ଗୀକୃତ ସାମ୍ବାଦିକଙ୍କ ପାଇଁ ଯଥେଷ୍ଟ ସୁଯୋଗ ରହିଛି ।
- ପ୍ରଚଳିତ ସମୟରେ ଜଣେ ସାମ୍ବାଦିକର ପାରମ୍ପରିକ କାର୍ଯ୍ୟଶୈଳୀରେ ମଧ ପରିବର୍ତ୍ତନ ଘଟିଛି । ତୁମକୁ ଲେଖିବା ପାଇଁ ଆଗଭଳି ଆଉ ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ ଓ ତୁମ ଲେଖା କାହାଦ୍ୱାରା ସମ୍ପାଦନା ଅଥବା ସଂଶୋଧନ ହେବାର ଆଶ ।ବି ରଖ ନାହିଁ । ନିର୍ଭୁଲ ଭାବେ ଖବର ଲେଖିପାରୁଥିବା ବ୍ୟକ୍ତି ବର୍ତ୍ତମାନ ଗଣମାଧ୍ୟମ ସଂସ୍ଥାଗୁଡିକର ପ୍ରଥମ ପସନ୍ଦ ପାଲଟିଛନ୍ତି । ସବୁଠାରୁ ବଡ କଥା ହେଲା ବର୍ତ୍ତମାନର ଜ୍ଞାନକୌଶଳକୁ ଆପଣେଇନେବା ତୁମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗଣମାଧମ ଯେପରି ଡିଜିଟାଲ ହେବାରେ ଲାଗିଛି, ଜଣେ ସାମ୍ବାଦିକ ନିଜ କଲମ ସହ କମ୍ପ୍ୟୁଟର କି-ବୋର୍ଡ ଓ କ୍ୟାମେରା ମଧ ଦକ୍ଷତାର ସହ ଚଲାଇ ପାରୁଥିବା ଦରକାର ।
- ଆଜିକାଲି ମିଡିଆ ଜଗତ ପୁର୍ବ ଅପେକ୍ଷା ଢେର ଅଧିକ ଆହ୍ୱାନପୂର୍ଣ୍ଣ ତଥା ପ୍ରତିଦ୍ୱନ୍ଦିତାମୂଳକ ହୋଇପଡିଛି । ତେବେ ଏହାସତ୍ୱେ ଏହି କ୍ଷେତ୍ର ପ୍ରତି ଲୋକଙ୍କ ଆଗ୍ରହ ମଧ ବଢିଚାଲିଛି ।
- ବିଭିନ୍ନ କ୍ଷେତ୍ରରେ ବେଶ୍ ଅଗ୍ରଗତି ହୋଇଥିବା ସତ୍ୱେ ସାମ୍ବାଦିକତାର ମୌଳିକ ନିୟମରେ କୌଣସି ପରିବର୍ତ୍ତନ ଘଟିନାହିଁ । ତୁମେମାନେ ଯେତେ ସମ୍ଭବ ନିରପେକ୍ଷେ ଓ ସତ୍ୟନିଷ୍ଠ ହୁଅ ଏବଂ ଲୋକମାନଙ୍କୁ ସଠିକ୍ ତଥ୍ୟ ଯୋଗାଅ ।
- ଏହି ପୁସ୍ତିକା ଅନ୍ତର୍ଗତ ବିଷୟବସ୍ତୁକୁ ଏକ ସାମଗ୍ରୀକ ଗାଇଡ୍ କୁହାଯାଇପାରିବ ନାହିଁ । ସାମ୍ବାଦିକତା ପାଇଁ ସେପରି କୌଣସି ନିର୍ଦ୍ଧିଷ୍ଟ ସର୍ବମାନ୍ୟ ଗାଇଡ୍ ନାହିଁ । ମିଡିଆକର୍ମୀ ମାନେ ନିଜ ନିଜର ଅଭିଜ୍ଞତାରୁ ଶିକ୍ଷାଲାଭ କରନ୍ତି । ମାତ୍ର ଏହି ପୁସ୍ତିକାଟି ତୁମମାନଙ୍କୁ ଆଜିକାଲିରର ଆହ୍ୱାନପୂର୍ଣ୍ଣ ଘଟଣା ସମ୍ପର୍କରେ ସଚେତନ କରିବା ସହ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିବା ଗଣମାଧ୍ୟମ ଜଗତରେ ପ୍ରଥମ ପାଦଦେବାବେଳେ ନିଶ୍ଚିତ□ଭାବେ ସହାୟକ ହେବ ।

## ୪.୪ ପ୍ରଗତି ମାପିବା ପାଇଁ ଉତ୍ତର ସମୂହ

ବିଭାଗ-୧

୧,୨ ଏବଂ ୩: ନିଜେ କର

ବିଭାଗ-୨

୧,୨,୩,୪ ଏବଂ ୫: ନିଜେ କର

ବିଭାଗ-୩

୧,୨,୩ ଏବଂ ୪: ନିଜେ କର

ବିଭାଗ-୪

୧: ନିଜେ କର

## ଆଦର୍ଶ ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତର ଲେଖ:-**

୧. ଖବରର ଉତ୍ସ

୨. ସହରାଞ୍ଚଳ ରିପୋର୍ଟିଂ

୩. ଆଇନ ସମ୍ପର୍କିତ ରିପୋର୍ଟିଂ

୪. ସମ୍ପାଦକୀୟ

୫. ଓପ୍-ଏଡ୍ ଆର୍ଟିକିଲ୍

୬. ମିଡିଲ୍

୭. ନ୍ୟୁଜ୍ ଫଟୋଗ୍ରାଫି

**ଦୀର୍ଘ ପ୍ରଶ୍ନ**

୧. ବିଧାନସଭା ରିପୋର୍ଟିଂ କାହିଁକି କଷ୍ଟକର ? ବର୍ଣ୍ଣନା କର ।

୨. ପ୍ରଶାସନିକ ରିପୋର୍ଟିଂରେ ଉତ୍ସଗୁଡିକୁ କେମିତି ସଂଗ୍ରହ କରାଯାଇପାରିବ ?

୩. ସମ୍ପାଦକୀୟକୁ କାହିଁକି ଖବରକାଗଜର ମତାମତ ଭାବେ ବିବେଚନା କରାଯାଏ ? ଆଲୋଚନା କର ।

୪. ଚଳଚ୍ଚିତ୍ର ସମୀକ୍ଷା ଦର୍ଶକମାନଙ୍କୁ ଚଳଚ୍ଚିତ୍ର ଦେଖିବା ପାଇଁ ଏକ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଆଲୋଚନା କର ।

୫. ଗୋଟିଏ ଫଟୋଚିତ୍ର ହଜାରେଟି ଶବ୍ଦ କହିଥାଏ । ବର୍ଣ୍ଣନା କର ।

=0=